OCTOBER 06, 2026
TUESDAY, BHUBANESWAR


ଅକ୍ଟୋବର ୦୬, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ
ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 34 ବର୍ଷ- ୨ ● ସଂଖ୍ୟା- ୩୪ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-



ମା' କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ

କଟକ, ୦୫/୧୦ : କଟକ ମହାନଗରର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପୀଠରେ ଚାଲିଛି ଷୋଳଦିନାତ୍ମକ ପୂଜା । ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ପୂଜାର ଆଜି ତୃତୀୟ ଦିନ । ଏହି ଅବସରରେ ମା'ଙ୍କ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ମୂଳାଷ୍ଟମୀ ତିଥିରେ ବିଧିବିଧାନ ଅନୁସାରେ ମା'ଙ୍କ ଘଟ ସ୍ଥାପନ କରାଯାଇଥିଲା । ଏହାପରେ ମା'ଙ୍କର ଷୋଡ଼ଶ ଉପଚାର ବିଧିରେ ପୂଜାର୍ଚ୍ଚନା ଜାରି ରହିଛି । ମା'ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଆଜି ସକାଳୁ କଟକ ଚଣ୍ଡୀ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଛି । ଦୂରଦୂରାନ୍ତରୁ ଭକ୍ତମାନେ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରୁଛନ୍ତି । ମନ୍ଦିର ପରିସରରେ ଭକ୍ତି ଓ ଶ୍ରଦ୍ଧାର ପରିବେଶ ଦେଖିବାକୁ ମିଳୁଛି । ଷୋଳଦିନାତ୍ମକ ପୂଜା ଅବସରରେ ଆଗାମୀ ଦିନଗୁଡ଼ିକରେ ମଧ୍ୟ ବିଭିନ୍ନ ବେଶରେ ମା' କଟକ ଚଣ୍ଡୀ ଭକ୍ତମାନଙ୍କୁ ଦର୍ଶନ ଦେବେ । ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବା ଆଶା କରାଯାଉଛି ।

ନବକଳେବର ହେଲା କଳିଙ୍ଗ ଷ୍ଟୁଡିଓ

ମୌଳିକ କାହାଣୀକୁ ଆଧାର କରି ସିନେମା ନିର୍ମାଣ କରନ୍ତୁ : ମୁଖ୍ୟମନ୍ତ୍ରୀ



- କଳିଙ୍ଗ ଷ୍ଟୁଡିଓରେ ସତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ଶୁଭାରମ୍ଭ
- ଆଉ ବାହାରକୁ ଯିବେନି ଓଡ଼ିଆ ସିନେମା ନିର୍ମାତା

ଭୁବନେଶ୍ୱର, ୦୫/୧୦ : ଓଡ଼ିଆ ସିନେମାର ଗୌରବଜ୍ୱଳ ଅତୀତକୁ ପୁନର୍ଜୀବିତ କରିବା ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ଭବ୍ୟ ଲୋକାର୍ପଣ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଶ୍ୱସ୍ତରୀୟ ଷ୍ଟୁଡ଼ିଓକୁ ରାଜ୍ୟବାସୀ ଓ ସିନେ ଜଗତକୁ ସମର୍ପିତ କରିଛନ୍ତି । ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ । ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି । ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସଙ୍ଗସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି । ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ଏବଂ ଓଡ଼ିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ । ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡ଼ାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡ଼ିକ ଓଡ଼ିଆ ସାହିତ୍ୟ ସହିତ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା । ଓଡିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ମସିହାରେ କଳିଙ୍ଗ ଷ୍ଟୁଡ଼ିଓ ପ୍ରତିଷ୍ଠା ହୋଇଥିଲେ ମଧ୍ୟ, ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଥିଲା । ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି । କଳିଙ୍ଗ ଷ୍ଟୁଡ଼ିଓ ସେମାନଙ୍କ ସପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ । ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି ଲୋକାର୍ପଣ ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତବ୍ୟକ୍ତ କରିଛନ୍ତି । ପୁନଃବିକଶିତ କଳିଙ୍ଗ ଷ୍ଟୁଡିଓକୁ ଏକ ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ କମ୍ପ୍ଲେକ୍ସ ଭାବରେ ବିକଶିତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ଏଠାରେ ଚଳଚ୍ଚିତ୍ରର ପ୍ରଡକ୍ସନ୍ ଠାରୁ ଆରମ୍ଭ କରି ପୋଷ୍ଟ-ପ୍ରଡକ୍ସନ୍ ପର୍ଯ୍ୟନ୍ତ ସମସ୍ତ ☞ପୃଷ୍ଠା-୨

ଶହୀଦ ବାଜି ରାଉତଙ୍କ ଆଦର୍ଶ ଯୁବସମାଜ ପାଇଁ ଦିଗଦର୍ଶକ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର




ଭୁବନେଶ୍ୱର, ୦୫/୧୦ (ନିଜସ ପ୍ରତିନିଧି): ମାତୃଭୂମିର ସାଧୀନତା ଓ ସାଭିମାନ ପାଇଁ ମାତ୍ର ୧୨ ବର୍ଷ ବୟସରେ ପ୍ରାଣବଳୀ ଦେଇଥିବା ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ନିର୍ଭୀକତା, ଦେଶପ୍ରେମ ଓ ସାହସିକତାପୂର୍ଣ୍ଣ ଜୀବନୀ ଆଜିର ଯୁବପିଢ଼ି ତଥା ଛାତ୍ରଛାତ୍ରୀଙ୍କ

୧୨୦ କୋଟି ଟଙ୍କାରେ ନିର୍ମାଣ ହେଉଛି ବାଜି ରାଉତ ସ୍ପୋର୍ଟସ କମ୍ପ୍ଲେକ୍ସ

ପାଇଁ ସବୁଠାରୁ ବଡ଼ ପ୍ରେରଣାର ସ୍ରୋତ । ଶହୀଦଙ୍କ ଅମର ବଳିଦାନ ସମଗ୍ର ଦେଶକୁ ସଦାସର୍ବଦା ଦେଶସେବା ପାଇଁ ଅନୁପ୍ରାଣିତ କରିଚାଲିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି । ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ☞ପୃଷ୍ଠା-୨

ଆଜି ଓଡ଼ିଶା ଆସିବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ



ଭୁବନେଶ୍ୱର, ୦୫/୧୦ : ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ଏହି ଗସ୍ତ ସମୟରେ ସେ କୋରାପୁଟ ଜିଲ୍ଲାର ସୁନାବେଡ଼ାସ୍ଥିତ (HAL) ଉତ୍ପାଦନ

ସୁନାବେଡ଼ା HAL ୟୁନିଟ୍‌ରେ କରିବେ ବୈଷୟିକ ସମୀକ୍ଷା

ୟୁନିଟ୍ ପରିଦର୍ଶନ କରିବେ । ସୁନାବେଡ଼ା HAL ୟୁନିଟ୍‌ରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ଓ ଉତ୍ପାଦନ ସମ୍ପର୍କିତ ପ୍ରସଙ୍ଗର ସମୀକ୍ଷା କରିବେ ପ୍ରତିରକ୍ଷା ମନ୍ତ୍ରୀ । ଏଥିସହ ପ୍ରତିରକ୍ଷା କ୍ଷେତ୍ର ସହ ଜଡ଼ିତ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ରାଜନାଥ ସିଂହଙ୍କ ଓଡ଼ିଶା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଉପସ୍ଥିତ ରହିବେ । ପ୍ରତିରକ୍ଷା ଉତ୍ପାଦନ ଓ HALର କାର୍ଯ୍ୟକଳାପକୁ ନେଇ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି ।

ଓଡ଼ିଶାରେ ବଡ଼ଧରଣର ପ୍ରଶାସନିକ ଅଦଳବଦଳ

୨୭ ବରିଷ୍ଠ OAS ଅଧିକାରୀଙ୍କ ବଦଳି

ଭୁବନେଶ୍ୱର: ୦୫/୧୦ : ରାଜ୍ୟରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ସୁବ୍ୟବସ୍ଥିତ କରିବା ପାଇଁ ସରକାର ବରିଷ୍ଠ ଓଏଏସ୍ (OAS) ଅଧିକାରୀସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ପୃଥକ ପୃଥକ ବିଜ୍ଞପ୍ତି ଅନୁଯାୟୀ, ଗୋଟିଏ ଦିନରେ ମୋଟ ୨୭ ଜଣ ବରିଷ୍ଠ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନୂଆ ସ୍ଥାନକୁ ବଦଳି କରାଯାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ ☞ପୃଷ୍ଠା-୨

ନୂଆ ଦାୟିତ୍ୱରେ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ

ଅକ୍ଟୋବର ୭ରେ ଦେଶବ୍ୟାପୀ 'ସେବା ଜ୍ୟୋତି ଯାତ୍ରା'

ଘରେ ଘରେ ପହଞ୍ଚିବ ମୋଦୀଙ୍କ ସେବା ଓ ସମର୍ପଣର ବାର୍ତ୍ତା : ସଂପଦ ଚନ୍ଦ୍ର ସାଇଁ

- ପ୍ରଧାନମନ୍ତ୍ରୀଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତି
- ଓଡ଼ିଶାରେ ହେବ ସତନ୍ତ୍ର କାର୍ଯ୍ୟକ୍ରମ



ଭୁବନେଶ୍ୱର, ୦୫/୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଣେ ପ୍ରଜାସେବକ ଓ ଜନସେବକଭଳି ସାର୍ବଜନୀନ ଜୀବନ ଓ ଶାସନରେ ସଫଳତାର ୨୫ ବର୍ଷ ପୂର୍ଣ କରିବା ଅବସରରେ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଦେଶବ୍ୟାପୀ 'ବିକଶିତ ଭାରତ ସଂକଳ୍ପ ସଭା' ଓ 'ସେବା ଜ୍ୟୋତି ଯାତ୍ରା' ଆୟୋଜିତ ହେବାକୁ ଯାଉଛି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଶିଳ୍ প বିଭାଗ ମନ୍ତ୍ରୀ ସଂପଦ ଚନ୍ଦ୍ର ସାଇଁ ଏହି ସୂଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ☞ପୃଷ୍ଠା-୨

୮ ବର୍ଷ ପରେ ହେବ ଛାତ୍ରସଂସଦ ନିର୍ବାଚନ

- ୭ ତାରିଖରେ ବିଜ୍ଞପ୍ତି, ୯ରେ ନାମାଙ୍କନ ଦାଖଲ
- ଅକ୍ଟୋବର ୧୫ରେ ନିର୍ବାଚନ, ୧୬ରେ ଶପଥ ଗ୍ରହଣ ସମାରୋହ
- ୨୦୧୭ରେ ଶେଷ ଥର ପାଇଁ ହୋଇଥିଲା ନିର୍ବାଚନ
- କ୍ୟାମ୍ପସରେ ବାଜିବ ନିର୍ବାଚନ ବିଗୁଲ
- ବିଜ୍ଞପ୍ତି ଜାରି କଲା ଉଚ୍ଚଶିକ୍ଷା ବିଭାଗ




ଭୁବନେଶ୍ୱର, ୦୫/୧୦ : ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ପୁଣି ହେବ ଛାତ୍ରସଂସଦ ନିର୍ବାଚନ । ଛାତ୍ର ରାଜନୀତିରେ ନୂଆ ଅଧ୍ୟାୟ ଆରମ୍ଭ କରି ଆସନ୍ତା ଅକ୍ଟୋବର ୧୫ ତାରିଖରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବ । ଏହାର ପରଦିନ, ଅର୍ଥାତ୍ ଅକ୍ଟୋବର ୧୬ରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ ।ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମକୁ ଏନେଇ ସୂଚନା ଦେଇଛନ୍ତି । ନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଦଶହରା ଛୁଟି ପୂର୍ବରୁ ଶେଷ କରାଯିବ ବୋଲି ସେ କହିଛନ୍ତି । ସୂଚନା ଅନୁଯାୟୀ, ଅକ୍ଟୋବର ୭ରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ । ଏହାପରେ ☞ପୃଷ୍ଠା-୨

ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରୀକ ଅଧିକାରର ପୁନଃ ପ୍ରତିଷ୍ଠା : ବିଜୟଚି ନାରାୟଣ ତ୍ରିପାଠୀ



ଭୁବନେଶ୍ୱର, ୦୫/୧୦ : ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟର ଯୁବ ଓ ଛାତ୍ର ସମାଜ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି । ଏହି ଐତିହାସିକ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମଗ୍ର ଓଡ଼ିଶାର ଯୁବ ଓ ଛାତ୍ର ସମାଜ ପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି । ଗତ ଆଠ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିବା ଦ୍ୱାରା କ୍ୟାମ୍ପସଗୁଡ଼ିକରେ ନେତୃତ୍ୱ ☞ପୃଷ୍ଠା-୨



ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ସବୁ କଲେଜରେ ଇଲେକ୍ସନ ହେବ
ପାଠପଢ଼ା ଯିବ ଚୁଲିକି
କୁଜିନେତା ସବୁ କଲେଜେ ବୁଲିବେ
ସାଟ୍ ବୋତାମ୍ ଖୋଲିକି
ସଂଧ୍ୟାରେ ଚାଲିବେ ଝୁଲିକି
ନାଲି ପାଣିରେ ଭାସିବ କଲେଜ
ଏବେ ପିଲା କହିଲେଣି ଖୋଲିକି

ଢେଙ୍କାନାଳ ସଦର ବ୍ଲକରେ 'ସେବା ସେତୁ ମେଳା' ହିତାଧିକାରୀଙ୍କୁ ସହାୟତା ବାଣ୍ଟିଲେ ମନ୍ତ୍ରୀ


ସରକାରୀ ସେବାକୁ ଲୋକଙ୍କ ଦ୍ୱାର ମୁହଁରେ ପହଞ୍ଚାଇବା ଆମର ସଂକଳ୍ପ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

- ଭିଡିଓ ମାଧ୍ୟମରେ ରେକର୍ଡ ହେବ ଅଭିଯୋଗ
- ହିତାଧିକାରୀଙ୍କୁ ପଟ୍ଟା ଓ ରାସନ କାର୍ଡ ପ୍ରଦାନ
- ଲୋକ ଏବଂ ସରକାରଙ୍କ ମଧ୍ୟରେ ସେତୁ ହେବ ମେଳା
- ସହାୟତା ପାଇଁ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ହିତାଧିକାରୀ



ଢେଙ୍କାନାଳ, ୫/୧୦ (ବିଜ୍ଞାନ ମହାନ୍ତି): ରାଜ୍ୟ ସରକାରଙ୍କ 'ସେବା ଓ ସଂକଳ୍ପ ଅଭିଯାନ-୨୦୨୬' ଅଧୀନରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ପ୍ରଶାସନ ବଦ୍ଧପରିକର । ସରକାରୀ ସେବାକୁ ଲୋକଙ୍କ ଦ୍ୱାରମୁହଁରେ ପହଞ୍ଚାଇବା ଏବଂ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଏକ ମଜବୁତ ସେତୁ ବାନ୍ଧିବା ହିଁ ଆମର ମୂଳ ଲକ୍ଷ୍ୟ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି । ସୋମବାର ଢେଙ୍କାନାଳ ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ 'ସେବା ସେତୁ ମେଳା'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଏହି ଆହ୍ୱାନ ଦେବା ସହ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଛନ୍ତି ।

ଏହି ମେଳା ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଥମେ ବ୍ଲକ ପରିସରରେ ଖୋଲାଯାଇଥିବା ବିଭିନ୍ନ ସରକାରୀ ବିଭାଗର ଷ୍ଟଲଗୁଡ଼ିକୁ ବୁଲି ଦେଖିବା ସହ ସେବା ପ୍ରଦାନ ପ୍ରକ୍ରିୟାର ସମୀକ୍ଷା କରିଥିଲେ । ଏହାପରେ ଆୟୋଜିତ ସଭାରେ ସେ ବିଭିନ୍ନ ଯୋଜନାର ସଫଳ ହିତାଧିକାରୀଙ୍କୁ ସହାୟତା ରାଶି ଓ ସରକାରୀ କାଗଜପତ୍ର ପ୍ରଦାନ କରିଥିଲେ । ଅଧିକାରୀଙ୍କ ଉପସ୍ଥିତିରେ ୫ ଜଣ ଭୂମିହୀନ ପରିବାରକୁ ☞ପୃଷ୍ଠା-୨





ମଙ୍ଗଳବାର ୦୬।୧୦।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ନବକଳେବର ହେଲା...

ଆବଶ୍ୟକତା ପୂରଣ କରିବାର ସୁବିଧା ରହିଛି। ଚଳଚ୍ଚିତ୍ର ଶିଳ୍ପ କେବଳ କେବଳ ମନୋରଞ୍ଜନର କ୍ଷେତ୍ର ନୁହେଁ, ବରଂ ଏହା ଏକ ବିଶାଳ ଆର୍ଥିକ ଇକୋସିଷ୍ଟମ୍ ବୋଲି ମନ୍ତ୍ରୀ ଶ୍ରୀ ସାଇଁ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡ଼ିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଶହୀଦ ବାଜି ରାଉତଙ୍କ...

ସମାରୋହରେ ମନ୍ତ୍ରୀ ଶ୍ରୀ ପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଯୋଗଦେଇ ବିଧାନସଭା ପାର୍ଶ୍ୱସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ନିବେଦନ କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ସଭା ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପାତ୍ର ଓ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ପରାଧୀନ ଭାରତରେ ଅତ୍ୟାଚାରୀ ରାଜା ଓ ବ୍ରିଟିଶ ଶାସକଙ୍କ ନିଷ୍ପେଷଣ ବିରୋଧରେ ସାହସିକତାର ସହ ସାମ୍ନା କରି ବାଜି ରାଉତ ନିଜ ଜୀବନ ବଳିଦାନ ଦେଇଥିଲେ। ତାଙ୍କର ଏହି ଅତୁଳନୀୟ ତ୍ୟାଗ ଭାରତୀୟ ସାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ରାଜ୍ୟ ସରକାର ଓଡ଼ିଶାର ବରପୁତ୍ର ଓ ସାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଏକ ନୂତନ ଧାରା ଆରମ୍ଭ କରିଛନ୍ତି। ଶହୀଦ ବାଜି ରାଉତଙ୍କ ଜନ୍ମମାଟି ନୀଳକଣ୍ଠପୁର ଗ୍ରାମରେ ତାଙ୍କ ଜନ୍ମ ଦିବସକୁ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ଉକ୍ତ ଗ୍ରାମକୁ 'ଆଦର୍ଶ ଗ୍ରାମ' ଭାବେ ଘୋଷଣା କରାଯାଇଛି। ଏଥିସହ ଶହୀଦଙ୍କ ସ୍ମୃତିକୁ ଅମର କରିରଖିବା ପାଇଁ ଢେଙ୍କାନାଳଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ 'ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ' ନିର୍ମାଣ କରାଯାଉଛି। ରାଜ୍ୟର ମହାନ ଦେଶଭକ୍ତମାନଙ୍କ ସ୍ମୃତିଚାରଣ ସହ ସେମାନଙ୍କ ଯୋଗଦାନକୁ ସ୍ମରଣୀୟ କରିବା ପାଇଁ ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ସମାରୋହରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଭାଗୀୟ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

୮ ବର୍ଷ ପରେ ହେବ...

ଅକ୍ଟୋବର ୯ରେ ନାମାଙ୍କନପତ୍ର ଦାଖଲ କରାଯିବ। ନିର୍ବାଚନ ପ୍ରକ୍ରିୟା ସମୟବଦ୍ଧ ଭାବେ ଆଗେଇ ନିଆଯାଇ ଛାତ୍ରସଂସଦ ନିର୍ବାଚନ ସମ୍ପନ୍ନ କରାଯିବ।ଦୀର୍ଘଦିନ ପରେ ନିର୍ବାଚନ ହେବାକୁ ଥିବାରୁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ର ରାଜନୀତି ପୁଣି ସକ୍ରିୟ ହେବା ନେଇ ଚର୍ଚ୍ଚା ଜୋର ଧରିଛି।

ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରୀକ...

ବିକାଶର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଚଳିତ ବର୍ଷର ନିର୍ବାଚନ ଦ୍ୱାରା ଛାତ୍ରମାନଙ୍କର ଗଣତାନ୍ତ୍ରିକ ଚେତନା ଜାଗ୍ରତ ହେବ, କ୍ୟାମ୍ପସଗୁଡ଼ିକରେ ପାଠପଢ଼ା ସହ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ଏବଂ ଛାତ୍ର ନେତୃତ୍ୱର ସୃଷ୍ଟି ହୋଇପାରିବ। ଦୀର୍ଘ ୮ ବର୍ଷ ପରେ ଓଡିଶାର ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଗଣତାନ୍ତ୍ରିକ ଅଧିକାର ମିଳିଛି। କଥା ଦେଇ କଥା ରଖିବାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଗତ ଦିନରେ ବିଭିନ୍ନ ସାର୍ବଜନୀନ କାର୍ଯ୍ୟକ୍ରମରେ ଛାତ୍ରସଂସଦ ନିର୍ବାଚନ ପୁନଃ ପ୍ରତିଷ୍ଠା କରିବା ପାଇଁ ସେ ଦେଇଥିବା କଥାକୁ ଆଜି ସାକାର କରିଛନ୍ତି। ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରୀକ ଅଧିକାରର ହେଲା ପୁନଃ ପ୍ରତିଷ୍ଠା ହେଲା ବୋଲି ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ପୂର୍ବତନ ସରକାର ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଇଥିବା ବେଳେ ଏବେ ନିର୍ବାଚନ ଘୋଷଣା ହେବା ପରେ ବିରୋଧୀ ଦଳଗୁଡ଼ିକ ଭୟଭୀତ ହୋଇ ମିଥ୍ୟା ସ୍ପଷ୍ଟୀକରଣ ଦେଉଛନ୍ତି। ଲିଙ୍ଗଡୋ କମିଶନଙ୍କ ମାର୍ଗଦର୍ଶିକା ଏବଂ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ କ୍ୟାମ୍ପସର ଶୈକ୍ଷିକ ବାତାବରଣକୁ ବଜାୟ ରଖି ଅତ୍ୟନ୍ତ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଏହି ନିର୍ବାଚନ ସମ୍ପନ୍ନ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

'ଶିଳ୍ପ ବିକାଶ ସହ ପରିବେଶ...

ଇସ୍ପାତ, ଆଲୁମିନିୟମ୍, ବିଦ୍ୟୁତ୍, ଖଣିଜ ଓ ପେଟ୍ରୋକେମିକାଲ୍ ଭଳି ଶିଳ୍ପର ବିକାଶ ହେଉଥିବାରୁ ତଥ୍ୟଭିତ୍ତିକ, ପ୍ରଯୁକ୍ତିନିର୍ଭର ଓ ସ୍ୱଚ୍ଛ ପରିବେଶ ପରିଚାଳନା ବ୍ୟବସ୍ଥା ଗଠନ ଆବଶ୍ୟକ ବୋଲି ସେ କହିଥିଲେ। ପରିବେଶ ସମ୍ବନ୍ଧୀୟ ଅନୁମୋଦନ ଓ ଅନୁପାଳନ ପ୍ରକ୍ରିୟାକୁ ସରଳ, ସ୍ୱଚ୍ଛ, ସମୟବଦ୍ଧ ଓ ପ୍ରଯୁକ୍ତିଭିତ୍ତିକ କରିବାକୁ ସେ ପରାମର୍ଶ ଦେଇଥିଲେ। ବର୍ଜ୍ୟକୁ କେବଳ ଫିଙ୍ଗିଦେବା ଉପାଦାନ ଭାବେ ନ ଦେଖି ଏହାକୁ ପୁନଃବ୍ୟବହାର, ପୁନଃଚକ୍ରଣ ଓ ସମ୍ପଦରେ ପରିଣତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ପୌର, ଶିଳ୍ପ, ପ୍ଲାଷ୍ଟିକ୍, ଇ-ବର୍ଜ୍ୟ ଓ ନିର୍ମାଣ ବର୍ଜ୍ୟର ବୈଜ୍ଞାନିକ ପରିଚାଳନା ସହ ଫ୍ଲାଏ ଆଶ୍, ସ୍ଲାଗ୍, ରେଡ୍ ମଡ୍ ଓ ଫସ୍ଫୋଜିପ୍ସମ୍ ଭଳି ଶିଳ୍ପ ଉପ-ଉତ୍ପାଦର ପୁନଃବ୍ୟବହାର ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୋର୍ଡର ସଦସ୍ୟ ସଚିବ ଡ. ମନୋଜ ଭି. ନାୟାର ଓଏସ୍ପିସିବିର ବର୍ତ୍ତମାନର କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଉପସ୍ଥାପନା କରିଥିଲେ। ପରିବେଶ ସୁରକ୍ଷା, ଶିଳ୍ପ ବିକାଶ, ସର୍କୁଲାର ଅର୍ଥନୀତି ଓ ରୋଜଗାର ସୃଷ୍ଟିକୁ ସମନ୍ୱିତ କରି 'ବିକଶିତ ଓଡ଼ିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ଆଗେଇବାକୁ ଅନୁ ଗର୍ଗ ଗୁରୁତ୍ୱାରୋପ କରିଥିଲେ।

ଅକ୍ଟୋବର ୭ରେ ଦେଶବ୍ୟାପୀ...

ଅନୁଷ୍ଠିତ ସାମ୍ବାଦିକ ସମ୍ମଳନୀରେ ଶ୍ରୀ ସାଇଁ ସୁଚନା ଦେଇ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଗତ ସେପ୍ଟେମ୍ବର ୧୭ ରୁ ଆରମ୍ଭ ହୋଇଥିବା ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଦେଶବ୍ୟାପୀ ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଆରମ୍ଭ ହେବ। ସେହିଦିନ ପୂର୍ବାହ୍ନ ୧୦ ଘଟିକାରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆଭାସୀ ମାଧ୍ୟମରେ ଦେଶର ୭୫୦ଟି ଜିଲ୍ଲା ଏବଂ ରାଜ୍ୟ ମୁଖ୍ୟାଳୟରେ ଉପସ୍ଥିତ ସମବେତ ଜନତାଙ୍କୁ ସିଧାସଳଖ ସମ୍ବୋଧିତ କରିବେ। ଓଡ଼ିଶାରେ ରାଜଧାନୀ ଭୁବନେଶ୍ୱର ସମେତ ସମସ୍ତ ୩୦ଟି ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଏବଂ ଅତିଥିମାନେ ଯୋଗଦେବେ। ସେବା, ସମର୍ପଣ ଓ ସଂକଳ୍ପର ଏହି ଅଭିଯାନକୁ ଘରେ ଘରେ ପହଂଚାଇବା ସଂକଳ୍ପ ନେବା ଏବଂ ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସମାଜର ସବୁ ବର୍ଗର ଲୋକଙ୍କୁ ବିକଶିତ ଭାରତର ଏହି ମହାଯଜ୍ଞରେ ଆମେ ସମସ୍ତେ ନିଜ ନିଜର ଯୋଗଦାନ ଦେବାକୁ ମନ୍ତ୍ରୀ ଶ୍ରୀ ସାଇଁ ଆହ୍ୱାନ ଜଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଏବଂ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

୨୭ ବରିଷ୍ଠ OAS...

କମିସନର ଶୁଭାଶିଷ ମାନସିଂହଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ବିବେକାନନ୍ଦ ସାହୁଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର, ଯାଜପୁର ଡେପୁଟି କଲେକ୍ଟର ବାସୁଦେବ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର (ବନ୍ଦୋବସ୍ତ ଓ ଚକବନ୍ଦୀ), ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ, ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର ଆଶୁତୋଷ ସାମଲଙ୍କୁ ଓଡ଼ିଶା ମାନବାଧିକାର ଆୟୋଗ ସଚିବ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କୁ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ, ବଣାଇଗଡ଼ର ପୂର୍ବତନ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଉପସଚିବ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ପର୍ଯ୍ୟଟନ ବିଭାଗର ଉପସଚିବ, ପାରଳାଖେମୁଣ୍ଡି ପୂର୍ବତନ ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି। ଦେବଗଡ଼ ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଉପସଚିବ, ରେଢ଼ାଖୋଲ ପୂର୍ବତନ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତଙ୍କୁ ଦେବଗଡ଼ ଉପଜିଲ୍ଲାପାଳ, ଭବାନୀପାଟଣା ପୂର୍ବତନ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କୁ ପାନପୋଷର ଉପଜିଲ୍ଲାପାଳ, ବରଗଡ଼ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ କିଶୋର କୁମାର ପଣ୍ଡାଙ୍କୁ ନୟାଗଡ଼ ଉପଜିଲ୍ଲାପାଳ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଉପସଚିବ, ଜୟପୁର ପୂର୍ବତନ ଉପଜିଲ୍ଲାପାଳ ଯଦୁମଣି ନାଏକଙ୍କୁ ବୌଦ୍ଧ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ, ତାଳଚେର ପୂର୍ବତନ ଉପଜିଲ୍ଲାପାଳ ଆଶିଷ ରଂଜନ ସାହୁଙ୍କୁ ଅନୁଗୋଳର ଉପଜିଲ୍ଲାପାଳ, କୋରାପୁଟ ପୂର୍ବତନ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କୁ ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିସନର ଉପସଚିବ, କପ୍ତିପଦା ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରାଙ୍କୁ ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଭାବେ ବଦଳି ହୋଇଛି। ଫକିରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲର ରେଜିଷ୍ଟ୍ରାର ମନୋରମା ଭୂୟାଁଙ୍କୁ କଟକସ୍ଥିତ ଜମି ରେକର୍ଡସ ଏବଂ ସେଟେଲମେଣ୍ଟ କମିସନରଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର, ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ବିଏମ୍‌ସିର ଅତିରିକ୍ତ କମିସନର, ବିଏମ୍‌ସିର ଅତିରିକ୍ତ କମିସନର କୌଳାଶ ଚନ୍ଦ୍ର ଦାସଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ, କାଶୀନଗର ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ବଲାଙ୍ଗୀରର ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ଓବିସିସିର ସାଧାରଣ ପ୍ରବନ୍ଧକ, ପୁରୀ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କୁ ଉଦଳା ଉପଜିଲ୍ଲାପାଳ, କେନ୍ଦୁଝରର ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡି.ଏସ୍ ଶୁଭଦର୍ଶୀ ଯୋଶୀଙ୍କୁ ଚମ୍ପୁଆ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପୃଥକ ପୃଥକ ୪ଟି ବିଜ୍ଞପ୍ତି ପ୍ରକାଶ ପାଇଛି।

ହିତାଧିକାରୀଙ୍କୁ ସହାୟତା...

ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୫ ଜଣ ଯୋଗ୍ୟ ନାଗରିକଙ୍କୁ ନୂତନ ରାସନ କାର୍ଡ ହସ୍ତାନ୍ତର କରାଯାଇଥିଲା। ସେହିପରି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୩ ଜଣ ଶ୍ରମିକ ପରିବାରକୁ ମୃତ୍ୟୁ ସହାୟତା ଓ ଶିକ୍ଷା ସହାୟତା ରାଶି ପ୍ରଦାନ କରାଯିବା ସହ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମା'ମାନଙ୍କୁ ସାଂଗଠନିକ ଓ ଆର୍ଥିକ ସୁଦୃଢ଼ୀକରଣ ପାଇଁ ସହାୟତା ରାଶି ବଣ୍ଟନ କରାଯାଇଥିଲା। ସହାୟତା ପାଇବା ପରେ ହିତାଧିକାରୀମାନେ ରାଜ୍ୟ ସରକାର ଓ ମନ୍ତ୍ରୀଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ଉଦବୋଧନ ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ସରକାରୀ ଯୋଜନାରୁ ଯେପରି କୌଣସି ପ୍ରକୃତ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଲୋକଙ୍କ ଅଭିଯୋଗ ଶୁଣିବା ଓ ଏହାର ତ୍ୱରିତ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକ୍ଷମ ରହିବ। ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ହ୍ରାସ କରିବାରେ ଏହି 'ସେବା ସେତୁ ମେଳା' ଅତ୍ୟନ୍ତ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ରାହୁଲ ମଣ୍ଡଳଙ୍କ ଆଦ୍ୟ କଥନ ଓ ପ୍ରାରମ୍ଭିକ ସୂଚନା ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ସଦର ବ୍ଲକ ଅଧକ୍ଷ କାଳନ୍ଦୀ ଚରଣ ବାରିକ, ସାଂସଦ ପ୍ରତିନିଧି ତଥା ବିଜେପି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶାସନ ପ୍ରଣାଳୀକୁ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଉପରେ ଆଲୋକପାତ କରିଥିଲେ। ଏହି ସମାବେଶରେ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ସଦର ବ୍ଲକର ଶତାଧିକ ମହିଳା ଓ ସାଧାରଣ ହିତାଧିକାରୀ ଯୋଗଦେଇଥିଲେ। ସୁଶାନ୍ତ କୁମାର ପାଣି ସୁଚାରୁ ରୂପେ ମଞ୍ଚ ପରିଚାଳନା କରିଥିବା ବେଳେ ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ ସମସ୍ତ ଅଭ୍ୟାଗତ ଓ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରାୟଗଡ଼ା ସ୍କୁଲ ଭିତ୍ତିଭୂମିର ବିକଳ ଚିତ୍ର, ଅନୁଦାନ ସବୁ ଯାଉଛି କୁଆଡ଼େ ?

ରାୟଗଡ଼ା:୦୫/୧୦(ଗୌରୀପ୍ରସାଦ ପାତ୍ର) ବିଦ୍ୟାଳୟ ଭିତ୍ତିଭୂମି ବିକାଶ ନାଁରେ ଆସୁଥିବା ଅନୁଦାନ ସବୁ ଯାଉଛି କୁଆଡେ ? ଜିଲ୍ଲା ଗଠନ ହେବାର ୩୪ ବର୍ଷ ପରେ ମଧ୍ୟ କାହିଁକି ମୌଳିକ ସୁବିଧାରୁ ବଞ୍ଚିତ ରାୟଗଡା ର ହଜାର ହଜାର କୋମଳମୋତି ଛାତ୍ରଛାତ୍ରୀ ? ରାୟଗଡା ଜିଲ୍ଲାର ସରକାରୀ ବିଦ୍ୟାଳୟ ଗୁଡିକର ବିକଳ ଚିତ୍ର କୁ ନେଇ କିଛି ଏଭଳି ପ୍ରଶ୍ନ ଏବେ ଜିଲ୍ଲା ଶିକ୍ଷା ବିଭାଗ ତଥା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥା ର କାରଣ ହୋଇଛି। ସରକାର ଶିକ୍ଷାର 'ରୂପାନ୍ତରଣ', ବିକାଶ, ବାଳିକା ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍,କମ୍ପ୍ୟୁଟର ଶିକ୍ଷାର ଡିଣ୍ଡିମ ପିଟିଲେ ବି ଆଦିବାସୀ ଅଧୁଷିତ ରାୟଗଡ଼ା ଜିଲ୍ଲାର ସରକାରୀ ବିଦ୍ୟାଳୟ ଗୁଡିକ ର ଭିତ୍ତିଭୂମିର ଅସଲ ଚେହେରା ଏବେ ଚିନ୍ତାର ବିଷୟ ହୋଇଛି। ଆଜି ମଧ୍ୟ ଜିଲ୍ଲାର ୧,୨୨୮ଟି ବିଦ୍ୟାଳୟରେ ପାଚେରୀ ନାହିଁ ଓ ୧୬୭ଟି ବିଦ୍ୟାଳୟରେ କାର୍ଯ୍ୟକ୍ଷମ ବାଳିକା ଶୌଚାଳୟ ନାହିଁ ଓ ଏଥି ସହ ୧୨୪ଟି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନଥିବା ବିଷୟ ସରକାରୀ ବିଦ୍ୟାଳୟ ଗୁଡ଼ିକର ମୌଳିକ ସୁବିଧା, ଭିତ୍ତିଭୂମି ବିକାଶ ଏବଂ ତଦାରଖ ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଜିଲ୍ଲା ଶିକ୍ଷା ବିଭାଗ ଓ ପ୍ରଶାସନିକ ଚରମ ଉଦାସୀନତାର ଏହା ଏକ ଜ୍ୱଳନ୍ତ ପ୍ରମାଣ ବୋଲି ଅଭିଯୋଗ ହେଉଛି। ବିଦ୍ୟାଳୟରେ ପାଚେରୀ ନଥିବା କେବଳ ଭିତ୍ତିଭୂମିର ଅଭାବ ନୁହେଁ, ଏହା ସିଧାସଳଖ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ବିଦ୍ୟାଳୟ ପରିସରର ସୁରକ୍ଷା ସହ ଜଡ଼ିତ ଏକ ଗମ୍ଭୀର ପ୍ରସଙ୍ଗ। ମାତ୍ର ଜିଲ୍ଲାର ମୋଟ ୧,୨୨୮ଟି ସ୍କୁଲ ଏବେ ବିନା ପାଚେରୀରେ ଅସୁରକ୍ଷିତ ଅବସ୍ଥାରେ ଚାଲିଛି। ବ୍ଲକୱାରୀ

❖ ୧,୨୨୮ ବିଦ୍ୟାଳୟରେ ନାହିଁ ପାଚେରୀ

❖ ୧୬୭ ସ୍କୁଲରେ କାର୍ଯ୍ୟକ୍ଷମ ହୋଇନି ବାଳିକା ଶୌଚାଳୟ

❖ ୧୨୪ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ନାହିଁ

ତଥ୍ୟ ଅନୁସାରେ, କାଶୀପୁର ବ୍ଲକରେ ସର୍ବାଧିକ ୨୧୫ଟି ସ୍କୁଲର ପାଚେରୀ ନଥିବା ବେଳେ ବିଷମକଟକରେ ୧୫୧, ମୁନିଗୁଡ଼ାରେ ୧୨୧, ଗୁଣପୁରରେ ୧୧୪, କଲ୍ୟାଣସିଂହପୁରରେ ୧୧୧, କୋଲନାରାରେ ୯୬ ଏବଂ ଚନ୍ଦ୍ରପୁରରେ ୯୧, ଗୁଡାରି ୭୯, ପଦ୍ମପୁର ୪୬, ରାମନାଗୁଡ଼ା ୫୯ଟି ଏବଂ ଜିଲ୍ଲା ମୁଖ୍ୟାଳୟ ବ୍ଲକ ରାୟଗଡ଼ାରେ ୧୪୫ ବିଦ୍ୟାଳୟ ସୁରକ୍ଷା ବଳୟ ବାହାରେ ରହିଛି।

ସେହିପରି ଜିଲ୍ଲାର ୧୬୭ଟି ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ କାର୍ଯ୍ୟକ୍ଷମ ଶୌଚାଳୟ ହିଁ ନାହିଁ। କାଶୀପୁର ବ୍ଲକରେ ୭୦ଟି, ଗୁଣପୁରରେ ୨୩ଟି, ମୁନିଗୁଡ଼ାରେ ୨୪ଟି, କଲ୍ୟାଣସିଂହପୁରରେ ୨୦ଟି, ଚନ୍ଦ୍ରପୁରରେ ୧୦ଟି ଏବଂ ବିଷମକଟକରେ ୦୯ଟି, ଚନ୍ଦ୍ରପୁର ୧୦, ମୁନିଗୁଡାର ୨୪ଟି ସ୍କୁଲରେ ବାଳିକା ଶୌଚାଳୟ ଉପଲବ୍ଧ ନାହିଁ। ଆଜିର ଡିଜିଟାଲ୍ ଯୁଗରେ ସ୍ମାର୍ଟ କ୍ଲାସ୍‌ରୁମ୍ ଓ କମ୍ପ୍ୟୁଟର ଶିକ୍ଷାର ବାହାସ୍ପଟ ମାରୁଥିବା ପ୍ରଶାସନ ପାଇଁ ଲଜ୍ଜାର ବିଷୟ ଯେ ଜିଲ୍ଲାର କୋଲନରା କୁ ବାଦ ଦେଲେ ବାକି ୧୦ଟି ବ୍ଲକର ୧୨୪ଟି ସ୍କୁଲକୁ ଆଜି ଯାଏଁ ବିଜୁଳି ସଂଯୋଗ ପହଞ୍ଚିପାରି ନାହିଁ। କାଶୀପୁରର ୪୩ଟି, ଗୁଣପୁରର ୨୬ଟି, କଲ୍ୟାଣସିଂହପୁରର ୧୩ଟି, ଚନ୍ଦ୍ରପୁରର ୧୩ଟି ଏବଂ ବିଷମକଟକର ୧୧ଟି, ମୁନିଗୁଡା ର ୮ଟି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇପାରି ନାହିଁ। ଜିଲ୍ଲାର ଅଧିକାଂଶ ବ୍ଲକଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଥିବାରୁ ଏହା ସ୍ପଷ୍ଟ କରୁଛି ଯେ ଏହା କୌଣସି ଗୋଟିଏ ଅଞ୍ଚଳର ସମସ୍ୟା ନୁହେଁ, ବରଂ ଜିଲ୍ଲାବ୍ୟାପୀ ଭିତ୍ତିଭୂମି ଯୋଜନା ଓ କାର୍ଯ୍ୟାନ୍ୱୟନ ସମ୍ପୂର୍ଣ୍ଣ ବିଫଳ ହୋଇଛି।

ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ ତଥା ପ୍ରଶାସନ ର କୋମଳମୋତି ଛାତ୍ରଛାତ୍ରୀଙ୍କ ଆଭିମୁଖ୍ୟ ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛିଓ ବିଭାଗ ପକ୍ଷରୁ ଏହି ଅଭାବଗୁଡ଼ିକର ସମାଧାନ ପାଇଁ କୌଣସି ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି କି ନାହିଁ, ତାହା ମଧ୍ୟ ସ୍ପଷ୍ଟ କରାଯିବା ଉଚିତ। କେଉଁ ବିଦ୍ୟାଳୟକୁ ପ୍ରାଥମିକତା ଦିଆଯାଇଛି, କେଉଁ ଅଧିକାରୀ ଏହାର ତଦାରଖ କରୁଛନ୍ତି ଏବଂ କେଉଁ ସମୟସୀମା ମଧ୍ୟରେ ମୌଳିକ ଭିତ୍ତିଭୂମିର ଅଭାବ ଦୂର କରାଯିବ, ସେ ସମ୍ପର୍କରେ ଜିଲ୍ଲା ଶିକ୍ଷା ବିଭାଗ ଓ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଉତ୍ତର ରଖିବା ଆବଶ୍ୟକ ବୋଲି ଆଦିବାସୀ ନେତ୍ରୀ ଡ଼ିଞ୍ଜି ଜାକାଶିକା ପ୍ରକାଶ କରିଛନ୍ତି। ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ହାସଲ ସମ୍ପର୍କିତ ପ୍ରସଙ୍ଗ କେବଳ କାଗଜପତ୍ରରେ ସୀମିତ ନ ରହି ପ୍ରକୃତ ସ୍ଥିତିକୁ ପ୍ରତିଫଳିତ କରିବା ଦରକାର। ୧,୨୨୮ଟି ବିଦ୍ୟାଳୟରେ ପାଚେରୀ ଅଭାବ, ୧୬୭ଟିରେ କାର୍ଯ୍ୟକ୍ଷମ ବାଳିକା ଶୌଚାଳୟ ନଥିବା ଏବଂ ୧୨୪ଟିରେ ବିଦ୍ୟୁତ୍ ସଂଯୋଗ ନଥିବା ତଥ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ ଓ ଶ୍ରେଣୀଗୃହ ଅଭାବ ସୁନିଶ୍ଚିତ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ଓ ବିଭାଗ ଏଥି ପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ ବୋଲି ବହୁଜନ ସମାଜର ଜିଲ୍ଲା ପ୍ରଭାରୀ ରାମ ଦାସ ଟାକ୍ରୀ ପ୍ରକାଶ କରିଛନ୍ତି।

ରାଜସୁନାଖଳା କଲେଜ ଏବିଭିପି ତରଫରୁ ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା



ରଣପୁର, ୫/୧୦(ଯଦୁନାଥ ସାମନ୍ତରାୟ)ଓଡ଼ିଶାର କଲେଜମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଦୀର୍ଘ ୮ ବର୍ଷ ଧରି ବନ୍ଦ ରହିବା ପରେ ବର୍ତ୍ତମାନ ଏହାକୁ ନେଇ ରାଜ୍ୟ ବିଜେପି ସରକାର କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ଚଳିତ ମାସ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିଅଛନ୍ତି। ଏହି ଅବସରରେ ନୟାଗଡ଼ ଜିଲ୍ଲା ରଣପୁର ଶିକ୍ଷା ବ୍ଲକ ଅନ୍ତର୍ଗତ ରାଜସୁନାଖଳା କଲେଜର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟ ଚିନ୍ମୟ କୁମାର ପାତାଳସିଂହଙ୍କ ନେତୃତ୍ୱରେ ସୋମବାର ଦିନ ରଣପୁର ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ବାଚସ୍ପତି ସୁରମା ପାଢ଼ୀଙ୍କୁ ସଜନ୍ୟ ମୂଳକ ସାକ୍ଷାତ କରି ସାଗତ ସମ୍ବର୍ଦ୍ଧନା ପ୍ରଦାନ କରିଅଛନ୍ତି। ଏହି କାର୍ଯ୍ୟକ୍ରମ ରାଜସୁନାଖଳା କଲେଜ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ଛାତ୍ର ସଭାପତି ଆକାଶ କୁମାର ନାୟକ,ଅଭିଜିତ ମାଝୀ, ଆଦିତ୍ୟ ସୁନ୍ଦରା, ଦୀପକ କୁମାର ମାର୍ଥା, ପବିତ୍ର ପ୍ରଧାନ, ଚନ୍ଦ୍ରକାନ୍ତ ରାଉତରାୟ, ଆଦିତ୍ୟ ପାଇକରାୟ, ଶୁଭଜିତ ମାଝୀ, ପ୍ରିତମ ଲେଙ୍କା, ଶ୍ରୀତମ ମହାପାତ୍ର ଓ ଶିବପ୍ରସାଦ ସାହୁଙ୍କ ସମେତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବହୁ ସଦସ୍ୟମାନେ ଯୋଗଦେଇଥିଲେ।

କେବିନ୍ ଉପରେ ଚଢ଼ିଗଲା ବୋଲେରୋ ପିକ୍‌ଅପ୍



ହିଞ୍ଜିଳିକାଟୁ , ୫/୧୦(ଅବନି କାନ୍ତ ପଟ୍ଟନାୟକ) ହିଞ୍ଜିଳିକାଟୁ ସମରଝୋଳ ଛକ ନିକଟରେ ନିୟନ୍ତ୍ରଣ ହରାଇ କେବିନ୍ ଉପରେ ଚଢ଼ିଯାଇଛି ଏକ ବୋଲେରୋ ପିକ୍‌ଅପ୍। ପ୍ରଥମେ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା, ପରେ ରାସ୍ତାକଡ଼ କେବିନ୍ ଉପରେ ଚଢ଼ିଯାଇଥିଲା। ଡ୍ରାଇଭର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ପ୍ରଥମେ ହିଞ୍ଜିଳି ମେଡିକାଲରେ ଭର୍ତ୍ତି କରିଥିଲେ। ଭାଗ୍ୟବଶତଃ କେବିନ୍ ବନ୍ଦ ଥିବାରୁ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଦୋକାନୀ। ଘଟଣାସ୍ଥଳରେ ହିଞ୍ଜିଳି ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିଲା।

ଏପିପି ପ୍ରଶାନ୍ତ ରଥଙ୍କୁ ଡିଜିପି ସମ୍ମାନ

ରାୟଗଡାରେ ଏସପି. ରାଜପ୍ରସାଦ ଦ୍ୱାରା ସମ୍ବର୍ଦ୍ଧିତ




ରାୟଗଡା: ୦୫/୧୦:(ଅକ୍ଷର ଓଡ଼ିଶା) ରାୟଗଡ଼ା ଜିଲ୍ଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଷମକଟକର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ପ୍ରଶାନ୍ତ କୁମାର ରଥଙ୍କୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଙ୍କ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ଜ୍ଞାପନ ଅବସରରେ ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦ (ଆଇ.ପି.ଏସ୍) ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଉପସ୍ଥିତ ରହି ଏହି ପ୍ରଶଂସାପତ୍ର ଶ୍ରୀ ରଥଙ୍କୁ ପ୍ରଦାନ କରିବା ସହ ତାଙ୍କର ଉଲ୍ଲେଖନୀୟ ଆଇନଗତ ସେବାକୁ ପ୍ରଶଂସା କରିଥିଲେ। ପ୍ରକାଶ ଥାଉକି ବିଷମକଟକ ଥାନା ଅଧୀନ ରେ କେସ୍ ନଂ ୧୫୩, ୧୫/୧୦/୨୦୨୫ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୦୩(୧), ୧୦୯(୧) ଓ ୨୩୮ ଅଧୀନରେ ଏକ ଅତି ଜଘନ୍ୟ ହତ୍ୟା ମାମଲା ରୁଜୁ ହୋଇଥିଲା। ଯେଉଁଥିରେ ରେକର୍ଡ ୭୧ ଦିନ ମଧ୍ୟରେ ଅଭିଯୁକ୍ତ କୁନି ଲୋହାର କୁ ଆଜୀବନ କାରାଦଣ୍ଡ ପ୍ରଦାନ କରାଇବାରେ ଶ୍ରୀ ରଥଙ୍କ ପ୍ରମୁଖ ଭୂମିକା ରହିଥିଲା। ଅଦାଲତ ରେ ତଥ୍ୟପ୍ରମାଣର ସଠିକ୍ ଉପସ୍ଥାପନା ଓ ଦୃଢ଼ ଯୁକ୍ତି ଯୋଗୁଁ, ଏପରି ଏକ ଜଟିଳ ମାମଲାରେ ରେକର୍ଡ ସମୟ ମଧ୍ୟରେ ନ୍ୟାୟ ପ୍ରତିଷ୍ଠା ହୋଇପାରିଛି, ଯାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ବୋଲି ଡିଜିପି ତାଙ୍କ ପ୍ରଶଂସାପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାରେ ଶ୍ରୀ ରଥଙ୍କ କନଭିକ୍ସନ ରେଟ୍ ଶୀର୍ଷରେ ରହିଛିଟ ସେ ପରିଚାଳନା କରିଥିବା ୧୯ଟି ମାମଲା ମଧ୍ୟରୁ ୧୮ଟିରେ ଦୋଷୀଙ୍କୁ ଦଣ୍ଡାଦେଶ ଦେବାରେ ସଫଳ ହୋଇଛନ୍ତି। ଜିଲ୍ଲା ପୋଲିସ ମୁଖ୍ୟାଳୟରେ ସମ୍ବର୍ଦ୍ଧିତ ହେବା ପରେ ଶ୍ରୀ ରଥ କହିଛନ୍ତି ଯେ, ନିଜର ନିଷ୍ଠା ଓ କାର୍ଯ୍ୟର ମୂଲ୍ୟାଙ୍କନ ତଥା ସ୍ୱୀକୃତି ମିଳିଲେ ତାହା ଆଗକୁ ଆହୁରି ଦୃଢ଼ ଭାବରେ କାମ କରିବାକୁ ଉତ୍ସାହିତ କରିଥାଏ। ଏଥିସହ ସେ ନିଜ ସଫଳତାର ସମସ୍ତ ଶ୍ରେୟ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ, ଡେପୁଟି ଡିପିପି ଅଜିତ ପଟ୍ଟନାୟକ ଏବଂ ବିଷମକଟକ ଆଇଆଇସିଙ୍କ ଉତ୍ତମ ସମନ୍ୱୟ ଓ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଥିବା ସେ ପ୍ରକାଶ କରିଛନ୍ତି।

ଅଚଳ ଦୁଇ ନଳକୂପ ମରାମତି ପାଇଁ ଦାବି



ଦେବଗଡ, ୦୫/୧୦(ଅକ୍ଷର ଓଡ଼ିଶା):ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କରଲଗା ପଞ୍ଚାୟତ ଅନ୍ତର୍ଗତ ଛଲକ ଗ୍ରାମରେ ଥିବା ଦୁଇଟି ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିରହିଛି। ଫଳରେ ଗ୍ରାମବାସୀ ବିଶେଷକରି ପାନୀୟ ଜଳ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ନଳକୂପ ଦୁଇଟି ଅଚଳ ଥିବାରୁ ଲୋକମାନଙ୍କୁ ଅନ୍ୟ ସ୍ଥାନରୁ ପାଣି ସଂଗ୍ରହ କରିବାକୁ ପଡୁଛି। ଏନେଇ ସ୍ଥାନୀୟ ଲୋକେ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହ ନଳକୂପ ଦୁଇଟିର ଶୀଘ୍ର ମରାମତି କରି ପୁନଃ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଛନ୍ତି।

କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ



କୋଲନରା, ୦୫/୧୦(କୈଳାସ ସାଇଁ): କୋଲନରା ବ୍ଲକ ଅନ୍ତର୍ଗତ ସୁରୀ କ୍ଲଷ୍ଟର ଅଧୀନ ସୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ସିଆରସିସି ମାଝିଆ ରାଓ କଣ୍ଡାଗରିଙ୍କ ତତ୍ତ୍ୱାବଧାନ ଓ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଦୋରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ସ୍ଥାନୀୟ ସରପଞ୍ଚ ଛବି ଜିଲ୍ଲାକାରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡକୁଲଗୁଡ଼। ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦବେଦ ତାଡିଙ୍ଗି ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ସଂଘ ସଭାପତି ବି. ନାଗାରାଜୁ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନର ୧୫ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶ୍ରୁତ ଲିଖନ, କୁଇଜ୍, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ବିତର୍କ, ପିଏମ୍ ପୋଷଣ ସମେତ ମୋଟ ୧୩ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କ ମନୋବଳକୁ ଦୃଢ଼ କରିବା ପାଇଁ ସୁରଭି ଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ସହାୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ଶିକ୍ଷକ ଅଭୟ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ଚିନ୍ତାଡ଼ା, ଚିନ୍ମୟୀ ଦାଶ, ସୁନୀତା ସେଠୀ, ତୃପ୍ତି ଛୁଆଳ ସିଂ, ଆରତୀ ପାଢ଼ୀ, ଯୋଶଦା ମିଣିଆକା, ଜି. ଧାର୍ମାରାଓ, ସର୍ବେଶ୍ୱର ମିଶ୍ର, ଚନ୍ଦ୍ରଶେଖର ବେହେରା, ନାଗେଶ୍ୱର ରାଓ ତୋଇକା, କେ. ବେଣୁଗୋପାଳ ରାଓ, ରମେଶ ଚନ୍ଦ୍ର ମୁଦୁଲି, ଭକ୍ତ ବଲ୍ଲଭ ସାହୁ, ଦୀପକ କୁମାର ସାହୁ ଓ ଗୌରୀଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ମଙ୍ଗଳବାର ୦୬।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଅଯୋଗ୍ୟ ହାତେଇଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦୟ ଆବାସ ଯୋଜନା

ଜବରଦଖଲ ଉଚ୍ଛେଦରୁ ବଞ୍ଚିତ ବିଧିବଦ୍ଧ ଯୋଜନା ନେଇ ଚର୍ଚ୍ଚା

ପରଜଙ୍ଗ,୫।୧୦(ଅକ୍ଷର ଓଡ଼ିଶା): ଗରିବ ଅସହାୟ ଲୋକଙ୍କ ମୁଣ୍ଡ ଉପରେ ଛାତ ଦେବାକୁ ସରକାର ପ୍ରଚାର ପ୍ରସାର ମାଧ୍ୟମରେ ଦିଣ୍ଡିମ ପିଟୁଛନ୍ତି କରୁଛନ୍ତି। ଅନ୍ୟପକ୍ଷରେ କିଛି ସରକାରୀ ଅଧିକାରୀମାନଙ୍କୁ ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ମାନେ ପ୍ରଲୋଭନ ଦେଖାଇ ଅଯୋଗ୍ୟ ହିତାଧୀକାରୀ କିମ୍ବା ନିଜ ପରିଜନଙ୍କ ନାମରେ ଗୋଟିଏ ଆର୍ଥିକ ବର୍ଷରେ ଦୁଇଥର ଲେଖାଏଁ ଦୁଇଟି ଯୋଜନାରେ ଆବାସ ଯୋଜନା ହାତେଇବାର ଗନ୍ଧ ପରଜଙ୍ଗ ବ୍ଲକ ର କୁଆଲୋ ପଞ୍ଚାୟତରେ ଦେଖିବାକୁ ମିଳିଛି। ଅଭିଯୋଗ ମୁତାବକ କୁଆଲୋ ପଞ୍ଚାୟତରେ ସବିତା ମୁଣ୍ଡା ନାମକ ଜଣେ ହିତାଧିକାରୀ ଆର୍ଥିକ ବର୍ଷ ୨୦୨୨-୨୩ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନା କାର୍ଯ୍ୟାଦେଶ ପାଇଥିବା ବେଳେ ୪୦ ହଜାର ଟଙ୍କା ମଧ୍ୟ ପ୍ରାପ୍ତ ହୋଇଥିବା ସରକାରଙ୍କ ୱେବ୍ ସାଇଟ୍ ରୁ ଜଣାପଡିଛି। ସେହିପରି ଭାବେ ଅନ୍ତୋଦୟ ଯୋଜନାର କାର୍ଯ୍ୟାଦେଶ ସଂଖ୍ୟା ଓଡି୦୭/୦୦୭/୩୦/୨୨-୨୩ ତା ୧୯/୦୬/୨୦୨୩ ରେ କୁଆଲୋ ପଞ୍ଚାୟତର ସବିତା ମୁଣ୍ଡାଙ୍କ ନାମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସ୍ଥାନରେ ସୌଭାଗ୍ୟ ଦସ୍ତଖତ ଥାଇ କାର୍ଯ୍ୟାଦେଶ ପାଇଥିବା ଜଣାପଡିଛି। ଉକ୍ତ ପଞ୍ଚାୟତରେ ଶ୍ରୀମତୀ ମୁଣ୍ଡା ଙ୍କ ନାମରେ ଦୁଇ ଦୁଇ ଥର ବିଭିନ୍ନ ଯୋଜନାରେ କିପରି ଭାବରେ ଆବାସ ଗୃହ ପାଇବାରେ ହକଦାର ହେବା ବେଶ୍ ଚର୍ଚ୍ଚାର ପରିସରକୁ ଆସିଥିବା ବେଳେ ସମିତି କାର୍ଯ୍ୟାଳୟ



ପକ୍ଷରୁ ନିରବଦ୍ରଷ୍ଟା ରହିଛନ୍ତି। ଅନ୍ୟପକ୍ଷରେ ଆର୍ଥିକ ବର୍ଷ ୨୦୨୨-୨୩ ମସିହାରେ ଅନ୍ତୋଦୟ ଗୃହ ଯୋଜନା ନଥିବା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ନଥାଇ ମଧ୍ୟ କିପରି ଭାବରେ କାର୍ଯ୍ୟାଦେଶ କୁ ହିତାଧିକାରୀ ଜଣକ ହାତେଇଛନ୍ତି ବଡ ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଜଙ୍ଗଲ ଜମିରୁ ଦୁଇ ମହଲା ଅଟ୍ଟାଳିକା ଜବରଦଖଲ ଉଚ୍ଛେଦକୁ ବଞ୍ଚିତ କରିବା ନିମନ୍ତେ ହିତାଧିକାରୀ ଜଣକ ପଞ୍ଚାୟତ ଲୋକପ୍ରତିନିଧି ଙ୍କ ସମ୍ପର୍କୀୟଙ୍କ ଅଟ୍ଟାଳିକା କୁ ନିଜର ଦାବିଦାର କହୁଥିବା ଜଣାପଡିଛି। ତେବେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରଶାସନିକ ଅଧିକାରୀ ମାନଙ୍କ ଜରିଆରେ କ୍ଷେତ୍ର ପରିଦର୍ଶନ କରାଯାଇ ହିତାଧିକାରୀ ଚୟନ କରୁଥିଲେ ମଧ୍ୟ କୁଆଲୋ ପଞ୍ଚାୟତରେ ଜଣେ ହିତାଧିକାରୀ ବୃହତ୍ ଅଟ୍ଟାଳିକା କୁ ନିଜର ଦାବିଦାର କରୁଥିବା ବେଳେ ଅନ୍ୟପଟେ ସେହି ହିତାଧିକାରୀ ଙ୍କ ନାମରେ ଦୁଇ ଥର ଦୁଇଟି ଯୋଜନା ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନକଲି ଦସ୍ତଖତ ଥିବା କାର୍ଯ୍ୟାଦେଶ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଏହି ସଂକ୍ରାନ୍ତରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା କହିଛନ୍ତି କି ସବିତାଙ୍କୁ କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପ୍ରଦାନ ହୋଇଛି। ଅନ୍ତୋଦୟ ଗୃହ ଯୋଜନା ସମ୍ପର୍କରେ ଜାଣିନି । ଅନ୍ୟପକ୍ଷରେ ବିଡ଼ିଓ ଦସ୍ତଖତରେ ଥିବା ସୌଭାଗ୍ୟ ନକଲି ହୋଇଥାଇ ପାରେ ବୋଲି ଅଭିଯୋଗ ହୋଇଛି। ତେବେ ଆର୍ଥିକ ବର୍ଷ ୨୦୨୨-୨୩ ରେ ଶ୍ରୀ ବେହେରା ବିଡ଼ିଓ ନଥିବା ଜଣାପଡ଼ିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଏଥିରେ ଯୋଡିତ ସରକାରୀ ଅଧିକାରୀମାନଙ୍କୁ ଚିହ୍ନଟ କରି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

ସରକାରୀ ସହାୟତା ଅପେକ୍ଷାରେ ବାସନ୍ତୀ



ପରଜଙ୍ଗ,୫।୧୦(ଅକ୍ଷର ଓଡ଼ିଶା): ସ୍ୱାମୀଙ୍କ ମୃତ୍ୟୁ କୁ ବିତିଗଲାଣି ଛଅ ମାସ । ହେଲେ ବାରମ୍ବାର ଆବେଦନ ସତ୍ତ୍ୱେ ମଧ୍ୟ ସ୍ତ୍ରୀ ଙ୍କୁ ମିଳୁନି ବିଧବା ଭତ୍ତା, ହରିଶ୍ଚନ୍ଦ୍ର ସହାୟତା ଓ ରାସନ ଚାଉଳ । ଫଳରେ ନିଜ ଦୁଇବର୍ଷ ର ପୁଅ କୁ ନେଇ ଦୁର୍ଦ୍ଦଶା ରେ ଦିନ କାଟୁଛନ୍ତି ବାସନ୍ତୀ ପଧାନ । ପରଜଙ୍ଗ ବ୍ଲକ ଜୟପୁରା କାଟେଣୀ ପଞ୍ଚାୟତ ର କାଦବସନ୍ତ ଗ୍ରାମ ର ବିଜୟ ଦେହୁରୀ ଙ୍କ ଆଜିକୁ ଛଅ ମାସ ତଳେ ମୃତ୍ୟୁ ହୋଇଛି । ସ୍ୱାମୀ ଙ୍କ ମୃତ୍ୟୁ ପରେ ସରକାରୀ ସହାୟତା ମିଳିବାକୁ ସ୍ତ୍ରୀ ବାସନ୍ତୀ ଆବେଦନ କରିଥିଲେ । ମାତ୍ର ଆବେଦନ କରିବାର ଛଅ ମାସ ବିତିଯାଇଥିଲେ ମଧ୍ୟ କୌଣସି ପ୍ରକାର ସରକାରୀ ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି ବାସନ୍ତୀ । ତେବେ ଯୋଗ୍ୟ ହିତାଧିକାରୀ ଭାବେ ବାସନ୍ତୀ ସମସ୍ତ ପ୍ରକାର ଭତ୍ତା ପାଇବାକୁ ହକଦାର ଥିବାବେଳେ କାହିଁକି ପ୍ରଶାସନିକ ସ୍ତର ରେ ବିଳମ୍ବ ହେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏହାକୁ ନେଇ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି ଙ୍କ ଅବଗତ କରାଇବା ପରେ ବାସନ୍ତୀ କିପରି ସରକାରୀ ସହାୟତା ଯଥାଶୀଘ୍ର ପାଇପାରିବେ ସେ ନେଇ ପରଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଢେଙ୍କାନାଳରେ ପୋଲିସର ବଡ଼ ସଫଳତା

କଙ୍କଡାହାଡ଼ CSP ଲୁଟ୍ ଘଟଣାର ୫ ଦୁର୍ଦ୍ଦାନ୍ତ ଲୁଟେରା ଗିରଫ, ୬.୫ ଲକ୍ଷ ଟଙ୍କା, ବନ୍ଧୁକ-ଗାଡ଼ି ଜବତ

ଢେଙ୍କାନାଳ, ୦୫/୧୦(ବିଜ୍ଞାନ ମହାନ୍ତି): ଜିଲ୍ଲା ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ସଦର ଥାନା ଅନ୍ତର୍ଗତ କଙ୍କଡାହାଡ଼ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର (ଊଝଚ)ରେ ହୋଇଥିବା ବନ୍ଧୁକ ମୁନରେ ଲୁଟ୍ ଘଟଣାର ପର୍ଦ୍ଦାଫାସ କରି ପୋଲିସ ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି।ପୋଲିସ ସୂଚନା ଅନୁସାରେ, ଅଭିଯୋଗକାରୀ ସଞ୍ଜୀବ କୁମାର ବେହେରା (୪୯), ଗ୍ରାମ-କଙ୍କଡାହାଡ଼ ନିଜ ଗାଁରେ ଝଈଓ ଊଝଚ ଚଳାନ୍ତି। ବ୍ୟାଙ୍କ ଲଗାତାର ୩ ଦିନ ବନ୍ଦ ଥିବାରୁ ସେ ୩.୫ ଲକ୍ଷରୁ ଅଧିକ ଟଙ୍କା ନିଜ ପାଖରେ ରଖିଥିଲେ। ଗତ ୨୮.୦୯.୨୦୨୬ ଅପରାହ୍ନ ପ୍ରାୟ ୧.୫୦ ମିନିଟ ସମୟରେ ୩ ଜଣ ଅଜଣା ଦୁର୍ବୃତ୍ତ କଳା ବାଇକରେ ଆସି ଊଝଚ ଭିତରେ ପଶି ବନ୍ଧୁକ ଓ କତୁରୀ ଦେଖାଇ ୩.୫ ଲକ୍ଷ ଟଙ୍କା, ସୁନା ମୁଦି ଓ ମୋବାଇଲ ଲୁଟି ବାହାରୁ କବାଟ ବନ୍ଦ କରି ଫେରାର



ହୋଇଯାଇଥିଲେ। ଏନେଇ ସଦର ଥାନାରେ ରୁଜୁ ହୋଇଥିଲା।ଘଟଣା ପରେ ପୋଲିସ ଟେକ୍ନିକାଲ ସର୍ଭିଲାନ୍ସ, ସିସିଟିଭି ଫୁଟେଜ ଓ ଗୁଇନ୍ଦା ସୂଚନା ଆଧାରରେ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଛି। ମୋଟଙ୍ଗା ଥାନା ଅନ୍ତର୍ଗତ ହଳଦିଆବାହାଲ ଗ୍ରାମର ଧରଣୀଧର ନାୟକଙ୍କ ପୁଅ ବିକା ଅ ବିକାଶ ।ୟକ (୨୪), କଟକ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବର୍ଣ୍ଣି ଅ ଅମର ସିଂ (୨୬),ମିଳନ ନାଏକ (୨୮), ପିତା- ଶ୍ରୀଖର ନାଏକ, ହଳଦିଆବାହାଲ,ବାପି ଅ ଅମ୍ବିକା ପ୍ରସାଦ ଦାସ (୨୧), ଗ୍ରାମ- ହରେକୃଷ୍ଣପୁର, କାଇମାଟି। ବ୍ରିଜେଶ ପ୍ରଧାନ ଅ ଜିତୁ (୨୬), ପ୍ରଧାନସାହି, ମୋଟଙ୍ଗା। ସେମାନଙ୍କ ନିକଟରୁ ୧ଟି ଦେଶୀ ପିସ୍ତଲ, ୬ଟି ଜୀବନ୍ତ ଗୁଳି, ୪ଟି ଖୋକା, ୩ଟି ମାଗାଜିନ, ୨ଟି କତୁରୀ, ଛୋଟ କୁରାଢ଼ି, ଛୁରୀ, ମାରୁତି ବାଲାନୋ କାର ୨ଟି ମାସ୍କ, ହ୍ୟାଣ୍ଡ ଗ୍ଲୋଭସ, ଲଙ୍କା ଗୁଣ୍ଡ, ୧୨ଟି ମୋବାଇଲ ଫୋନ ଓ ନଗଦ ୬.୫ ଲକ୍ଷ ଟଙ୍କା ଜବତ କରାଯାଇଛି ।ତଦନ୍ତରୁ ଜଣାପଡିଛି ଏହି ୫ ଜଣ କେବଳ କଙ୍କଡାହାଡ଼ ନୁହେଁ, କଟକ, ଅନୁଗୁଳ, ଯାଜପୁର, କେନ୍ଦୁଝର ଜିଲ୍ଲାରେ ଅନେକ ଡକାୟତି ଓ ଚୋରୀରେ ସମ୍ପୃକ୍ତ। କେବଳ ଢେଙ୍କାନାଳ ସଦର ଥାନାରେ ସେମାନଙ୍କ ନାଁରେ ୮ଟି ମାମଲା ରହିଛି। ଏହା ସହ ମୋଟଙ୍ଗା, ରସୋଲ, ହିନ୍ଦୋଳ, ଟାଉନ ଥାନା ଏବଂ କଟକ, ଯାଜପୁରରେ ଡଜନରୁ ଅଧିକ ମାମଲା ରହିଛି। ଏହି ଚଢ଼ାଉରେ ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାଶ, ଟାଉନ ଥାନା ଅଧିକାରୀ ଧୀରେନ ବେହେରା, ମୋଟଙ୍ଗା ଥାନା ଅଧିକାରୀ ଦୀପକ ଲେଙ୍କା, ଏସ. ଆଇ ଶକ୍ତିପ୍ରସାଦ ସାହୁ, ପ୍ରତାପ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।

ଶ୍ରୀ ସତ୍ୟସାଇ ପ୍ରେମ ପ୍ରାହିନୀ ରଥକୁ ସ୍ୱାଗତ



କାମାକ୍ଷାନଗର,୫/୧୦(ସୁମନ୍ତ ଜେନା)ଶ୍ରୀ ସତ୍ୟ ସାଇ ପ୍ରେମ ପ୍ରାହିନୀ ରଥ ଯାତ୍ରା ୨୪ ଅପ୍ରେଲ ୨୦୨୫ (ଶ୍ରୀ ସତ୍ୟ ସାଇ ଆରାଧନା ମହୋତ୍ସବ ଅବସରରେ) ପୁଟ୍ଟପର୍ତ୍ତୀର ପ୍ରଶାନ୍ତି ନିଳୟମରୁ ଆରମ୍ଭ ହୋଇଛି। ଶ୍ରୀ ସତ୍ୟ ସାଇ ବାବାଙ୍କ ଜନ୍ମ ଶତାବ୍ଦୀ ମହୋତ୍ସବ ଉପଲକ୍ଷେ ଶ୍ରୀ ସତ୍ୟ ସାଇ ସ୍ୱୋ ସଂଗଠନ ଦ୍ୱାରା ଏହି ପବିତ୍ର ଯାତ୍ରା ର ଆୟୋଜନ କରାଯାଇଛି ।ଯାହାକି ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରାୟ ୧୮ ମାସ ଧରି ସମଗ୍ର ଭାରତବର୍ଷରେ ପରିକ୍ରମା କରିବ।ଏହି ଅବସରରେ ଶ୍ରୀ ସତ୍ୟ ସାଇ ପ୍ରେମ ପ୍ରାହିନୀ ରଥ କାମାକ୍ଷାନଗର ସହର ଠାରେ ରବିବାର ଅପରାହ୍ନ ସମୟରେ ପହଞ୍ଚିଥିଲା । ଏହି ରଥକୁ କାମାକ୍ଷାନଗର ସାଇ ସେବା ସମିତି ତରଫରୁ ସଂଯୋଜକ ବିମଳ ପରିଡା ଙ୍କ ନେତୃତ୍ୱରେ ତଥା ପୂର୍ବତନ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ସାହୁ,ନୀରଞ୍ଜନ ସାହୁ, ନବକିଶୋର ମହାନ୍ତି, ସୁଶାନ୍ତ ନାଥ, ଝୁଲି ନନ୍ଦ, ଜିତେନ୍ଦ୍ର ପଟ୍ଟନାୟକ,ପ୍ରତ୍ୟୁଷ ମିଶ୍ର,ଆରତ ଦାସ,ଆଦିତ୍ୟ କର ଗଙ୍ଗାଧର ଷେଣ୍ଢ, ଲିଙ୍ଗରାଜ ଜେନା, ସତ୍ୟାନନ୍ଦ ପରିଡା,ସୁଧିର ପରିଡ଼ା,ମାନସୀ ମହାନ୍ତି,ସ୍ମିତା ବେହେରା,ପ୍ରମିଳା ସାହୁ, ଅହଲ୍ୟା ନନ୍ଦ ପ୍ରମୁଖ ଙ୍କ ସହଯୋଗ ରେ ସ୍ୱେ ଶହ ଶହ ସାଇ ଭକ୍ତ ଙ୍କ ଉପସ୍ଥିତିରେ ସ୍ୱାଗତ କରାଯାଇଥିଲା।ପରେ ପରେ ରଥ ଟି କାମାକ୍ଷାନଗର ସହର ନଗର ପରିକ୍ରମା କରି ସାଇ ମନ୍ଦିର ଠାରେ ରହିଥିଲା। ସେଠି ମଧ୍ୟ ସତସଙ୍ଗ ସହିତ ବିଭିନ୍ନ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଅଙ୍ଗନବାଡି ଦିଦିଙ୍କ ବଦଳୀ ନିମନ୍ତେ ରତ୍ନପୁର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ

ଢେଙ୍କାନାଳ ୦୫/୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ରତ୍ନପୁର ଗ୍ରାମବାସୀମାନେ ଅଙ୍ଗନବାଡି ଦିଦିଙ୍କୁ ବଦଳୀ କରିବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ ରତ୍ନପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଥିବା ମଲ୍ଲିକା ସାହୁ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ବହୁତ



ଅସୁବିଧାରେ ପକାଉଛନ୍ତି । ଠିକ୍ ସମୟରେ ଖାଇବା ନ ଦେବା, କ୍ଲାସ୍ ନକରିବା ଏବଂ ଅଙ୍ଗନବାଡିକୁ ଠିକ୍ ସମୟରେ ଆସୁନଥିବା, ଚାଉଳ ଓ ଅଣ୍ଡା ଏବଂ କୋଶରୀ ବାଳିକାଙ୍କ ପାଇଁ ଆସୁଥିବା ବିଭିନ୍ନ ଖାଦ୍ୟ ବାଳିକା ପିଲାମାନଙ୍କୁ ନ ଦେଇ ସବୁ ବିକ୍ରି କରନ୍ତି । ଅଧିକାଂଶ ସମୟରେ ମିଟିଙ୍ଗ ଅଛି କହି ଛୁଟି ନିଅନ୍ତି । ଗ୍ରାମରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ଉକ୍ତ ସମସ୍ୟା ବିଷୟର ପଚାରିବାରୁ ଦିଦି ଏହାକୁ ଅଣଦେଖା କରିଥିଲେ । ଗ୍ରାମବାସୀମାନେ ଏକ ସଭା କରି ଦିଦିଙ୍କୁ ଡକାଇ ଖାତା ଯାଂଚ୍ କରିବାରୁ ଦେଖିବାକୁ ପାଇଥିଲେ ଯେ, ପିଲାମାନେ ଅନୁପସ୍ଥିତ ଥିଲେ ମଧ୍ୟ ଉପସ୍ଥାନ ପକାଯାଇଅଛି । ଏହି ବିଷୟରେ ସିଡିପିଓଙ୍କୁ ଜଣାଇବାରେ ସିଡିପିଓ ଉକ୍ତ ପାଖ ଗ୍ରାମ ତେନ୍ତୁଳିପାଟଣା (କ)ର ଦିଦିଙ୍କୁ ଚାର୍ଜ ଦେଇଥିଲେ। ଏହାପରେ ମଲ୍ଲିକା ଦେଇ କୋର୍ଟ ପେପର ଧରି ପୁନର୍ବାର ଚାର୍ଜ ନେଇଥିଲେ । ମଲ୍ଲିକା ଦେଇ ଯଦି ଆସି ଏହି ଅଙ୍ଗନବାଡି କେନ୍ଦ୍ରରେ ଚାର୍ଜ ନିଅନ୍ତି ତେବେ ଅଭିଭାବକମାନେ ପିଲାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଓ କିଶୋରୀ ବାଳିକାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଗ୍ରହଣ କରିବେ ନାହିଁ ବୋଲି ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ କରି ଚିତାବନୀ ଦେଇଛନ୍ତି ।

ଆଧାର କେନ୍ଦ୍ରରେ ଶୋଷଣର ଶିକାର ଲୋକେ ଟଙ୍କା ନଦେଲେ ମିଳୁନି ରସିଦ, ହେଉନି କାମ

ପରଜଙ୍ଗ,୫।୧୦(ଅକ୍ଷର ଓଡ଼ିଶା): ପରଜଙ୍ଗ ବ୍ଲକ ପରିସରରେ ଥିବା ଆଧାର କେନ୍ଦ୍ର ରେ ଶୋଷଣ ର ଶିକାର ହେଉଛନ୍ତି ଲୋକେ । ଟଙ୍କା ନଦେଲେ ଆଧାର ସଂଶୋଧନ, ଅପଡେଟ ହେଉନଥିବା ବେଳେ ହିତାଧିକାରୀ ରସିଦ ମଧ୍ୟ ପାଉନାହାନ୍ତି । ଯାହାକୁ ନେଇ ଆଧାରକେନ୍ଦ୍ର ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା । ବ୍ଲକ ର ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ଆଧାର ଜନିତ ସମସ୍ୟାର ସମାଧାନ ପାଇଁ ବ୍ଲକ ପରିସରରେ ଆଧାର କେନ୍ଦ୍ର ଖୋଲାଯାଇଛି । ଏଠାରେ ସରକାରୀ ନିୟମ ଅନୁସାରେ ନୂତନ ଆଧାର କାର୍ଡ ସମ୍ପୂର୍ଣ୍ଣ ଦେୟ ମୁକ୍ତ ଥିବା ବେଳେ ଅପଡେଟ ପାଇଁ ୭୫ ଟଙ୍କା, ନାମ ସଂଶୋଧନ ପାଇଁ ମଧ୍ୟ ୭୫ ଟଙ୍କା ଦେବାର ନିୟମ ରହିଛି । କିନ୍ତୁ ଏଠାରେ ସରକାରୀ ନିୟମ ର ବ୍ୟତିକ୍ରମ ଦେଖିବାକୁ ମିଳିଛି । ନିୟମ ଅନୁସାରେ ଯାହା ଟଙ୍କା ପୈଠ କରିବା କଥା ତାହା ଠାରୁ ଢେର ଅଧିକ ଟଙ୍କା ଆଧାର



କେନ୍ଦ୍ର ରେ ନିଆ ଯାଉଥିବା ସାମଲ ହେମ୍ବ୍ରମ, ଦଦରାଘାଟି ଏକ ନମ୍ବର କୋଲନିୟ ଆରତୀ ବେହେରା,ପାଟରପଦା ଗ୍ରାମର ଆକାଶ ନାଏକ ଅଭିଯୋଗ କରିଛନ୍ତି । ଏପରିକି ଟଙ୍କା ନଦେଲେ ରସିଦ ମଧ୍ୟ ଦିଆ ଯାଉନଥିବା ଅଭିଯୋଗ ଆଣିଛନ୍ତି ଲୋକେ । ଆଧାର କାର୍ଡ ପାଇଁ ବ୍ଲକର ବହୁ ଦୂର ଦୂରାନ୍ତ ରୁ ସାଧାରଣ ଲୋକେ ଏଠାକୁ ଆସୁଥିବା ବେଳେ ଆଧାର କେନ୍ଦ୍ର କର୍ମଚାରୀ ଙ୍କ ଦ୍ୱାରା ଶୋଷଣ ର ଶିକାର ହେଉଥିବା ଅଭିଯୋଗ କରିଛନ୍ତି । ଖୋଦ ବ୍ଲକ ପରିସରରେ ସରକାରୀ ନିୟମ ର ଧଜିଆ ଉଡାଇ ଆଧାର କେନ୍ଦ୍ର ତରଫରୁ ଟଙ୍କା ଆଦାୟ କରାଯାଉଥିବା ବେଳେ ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ ପଦକ୍ଷେପ ଗ୍ରହଣ କରିବାପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଆଧାର କେନ୍ଦ୍ର ପରିଚାଳକ କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

ସର୍ବ ପୁରାତନ ରାମେଶ୍ୱର ଶୈବପୀଠରେ ମା ପାର୍ବତୀଙ୍କ ଶୋଡ଼ଷ ଉପଚାର ପୂଜା ପାଳନ

କାମାକ୍ଷାନଗର,୫/୧୦(ସୁମନ୍ତ ଜେନା) କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବାଇସିଙ୍ଗା ପଞ୍ଚାୟତର ତେନ୍ତୁଳିସିଂହା ସ୍ଥିତ ସର୍ବ ପୁରାତନ ରାମେଶ୍ୱର ଶୈବପୀଠ ରେ ମା ପାର୍ବତୀଙ୍କ ଶୋଡ଼ଷ ଉପଚାର ପୂଜା ଧୁମଧାମ୍ ରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ସୁନା ବେଶରେ ମା ପାର୍ବତୀ ଭକ୍ତ ମାନଙ୍କୁ ଦେଲେ ଦର୍ଶନ ଦେଇଥିଲେ ।ଏହି ଅବସରରେ ବିଭିନ୍ନ ଦିନରେ ଦେବୀଙ୍କର ଭିନ୍ନ ଭିନ୍ନ ବେଶ ସହିତ ଭିନ୍ନ ଭିନ୍ନ ମନ୍ତ୍ରରେ ଦେବୀ ପୂଜିତା ହୋଇଥାଆନ୍ତି। ମୂଳାଷ୍ଟମୀରୁ ମହାଷ୍ଟମୀ- ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେଖିବାକୁ ମିଳିବ।ଏହି ମା ପରବର୍ତୀ ଙ୍କ ଶୋଡ଼ଷ



ଉପଚାର ପୂଜା ପାଇଁ ସହ ସହ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତ ରହି ମା ଙ୍କ ଆଶୀର୍ବାଦ ନେବା ସହ ପ୍ରସାଦ ସେବନ କରିଥିଲେ ।

ଆଇଜିଆଇଟି ଡେପୁଟି ରେଜିଷ୍ଟ୍ରାର ନିଯୁକ୍ତି ଅନିୟମିତତା ଅଭିଯୋଗ ଭିଜିଲାନ୍ସ ତଦନ୍ତ ଦାବି

ପରଜଙ୍ଗ,୫।୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନରେ ଅବସ୍ଥାପିତ ଡେପୁଟି ରେଜିଷ୍ଟ୍ରାର ପଦବୀ ନିଯୁକ୍ତିରେ ଅନିୟମିତତା ର ତଦନ୍ତ ଦାବି ହୋଇଛି। ଅଭିଯୋଗ ମୁତାବକ ଉକ୍ତ ଅନୁଷ୍ଠାନ ପକ୍ଷରୁ ଡେପୁଟି ରେଜିଷ୍ଟ୍ରାର ର ପଦବୀ ନିଯୁକ୍ତି ନିମନ୍ତେ ଆଇଜିଆଇଟି/ଇଏସଟିଟି ୭୩୧ ତା ୨୭/୦୮/୨୦୨୧ ରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସରକାରୀ ଇଞ୍ଜିନିୟରିଂ ଶିକ୍ଷା ଅନୁଷ୍ଠିତ କିମ୍ବା ରାଜ୍ୟ ବିଶ୍ୱବିଦ୍ୟାଳୟ ରେ ସର୍ବନିମ୍ନ ପାଞ୍ଚ ବର୍ଷର ଅଭିଜ୍ଞତା ଥିବା ଆବେଦନକାରୀ ମାନଙ୍କ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତ ହେବା ନେଇ ବିଜ୍ଞପ୍ତି ରେ ଉଲ୍ଲେଖ ରହିଥିଲା। ଅନୁଷ୍ଠାନ ପକ୍ଷରୁ ପଦବୀରେ ନିଯୁକ୍ତି ପ୍ରଦାନ କରିଥିବା ଆବେଦନକାରୀଙ୍କର ଅଭିଜ୍ଞତା ପ୍ରମାଣ ପତ୍ର ମାତ୍ର ଅଳ୍ପ କିଛି ମାସ ଥାଇ ମଧ୍ୟ ନିଯୁକ୍ତି ନେଇ ସନ୍ଦେହ ପ୍ରକାଶ ପାଇଛି। ଅନୁଷ୍ଠାନ ର ପତ୍ର ସଂଖ୍ୟା ଆଇଜିଆଇଟି /ଇଏସଟିଟି ୮୦୫ ତା ୧୨/୦୮/୨୦୨୬ ଅନୁଯାୟୀ ଡେପୁଟି ରେଜିଷ୍ଟର ପଦବୀ ନିଯୁକ୍ତି ନିମନ୍ତେ ୧୭ ଜଣ ଆବେଦନକାରୀ ରହିଥିବା ବେଳେ ସେଥି ମଧ୍ୟରୁ ଅନେକଙ୍କର ଅଭିଜ୍ଞତା ବର୍ଷାଧିକ କାଳ ରହିଥିଲେ ମଧ୍ୟ ସେମାନଙ୍କୁ ଅଗ୍ରାହ କରାଯାଇଛି। ଏବଂ ସୁକଳ୍ପିତ ଯୋଜନା କରି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ଆବେଦନକାରୀ ଙ୍କ ମାତ୍ର ପାଞ୍ଚ ମାସର ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରି ନିଯୁକ୍ତି ହାତେଇବା ଏକ ବଡ ଧରଣର ଅନିୟମିତତା ହୋଇଥିବା ଜଣାପଡିଛି। ଏହି ସଂକ୍ରାନ୍ତରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ଃ ବିଭୂ ପ୍ରସାଦ ପାଣିଗ୍ରାହୀ ଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲେ ।ଉକ୍ତ ପଦବୀରେ ନିଯୁକ୍ତି ପ୍ରଦାନର ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

ମୃତ ପରିବାର ବର୍ଗଙ୍କୁ ଭେଟି ବଢ଼ାଇଲେ ସହାୟତା ର ହାତ : ସାଂସଦ

ଖଜୁରିଆ କଟା ୫/୧୦(ନିଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା ପାରିକୁଳ ଜୋନ କୁ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଦିନିକିଆ ଗସ୍ତ ରେ ଆସି ବିଭିନ୍ନ ସ୍ଥାନରେ ଜନ ଅଭିଯୋଗ ଶୁଣିବା ସହ ହାତୀ ଆକ୍ରମଣ ରେ ମୃତ ଏବଂ ବିଦ୍ୟୁତ ଆଘାତ ରେ ମୃତ ପରିବାର କୁ ଭେଟି ସେମାନଙ୍କ ର ଅସୁବିଧା ପଚାରି ବୁଝିବା ସହ ଆର୍ଥିକ ସହଯୋଗ କରିଛନ୍ତି ।ପାଟଳା ଗ୍ରାମରେ ହାତୀ ଆକ୍ରମଣ ରେ ମୃତ ବିଷ୍ଣୁ ନାଏକ ପରିବାର କୁ ଭେଟିବା ପରେ ସେହି ଗ୍ରାମରେ ହାତୀ ଆକ୍ରମଣ ରେ ଆହତ ସଂଜୟ ନାଏକ ଙ୍କୁ ଭେଟି ଥିବା ସମୟରେ କିଛି ଆର୍ଥିକ ସହଯୋଗ ଯୋଗାଇଦେଇ ଅନ୍ୟାନ୍ୟ ସରକାରୀ ସହାୟତା ନିମନ୍ତେଶୀଘ୍ର ଯୋଗାଇଦେବାକୁ ବନାଞ୍ଚଳ ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ ଏହାପରେ ଚୈତ୍ର ମାସ ରେ ବିଦ୍ୟୁତ ଆଘାତରେ ମୃତ ଦଣ୍ଡ କଳାକାର ଲକ୍ଷ୍ମୀଧର ସାହୁ ଓ ସୁଧାକର ସାହୁଙ୍କ ପରିବାର ଭେଟି ସେମାନଙ୍କ ସମସ୍ୟା ଶୁଣି କିଛି ଆର୍ଥିକ ସହଯୋଗ



କରିବାପରେ ବିଦ୍ୟୁତ ଆଘାତରେ ଆହତ ନିର୍ମଳ ସାହୁ ଓ ପ୍ରଫୁଲ ସାହୁ ପରିବାର କୁ ମଧ୍ୟ ଭେଟି ସହାୟତାର ହାତ ସାଂସଦ ବଢ଼ାଇଥିଲେ କ୍ଷକନ୍ତିମିଳି ପଞ୍ଚାୟତ ଝାରବେଡା ଗ୍ରାମରେ ସ୍ଥାନୀୟ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସର ରେ ନୂଆଗାଁ ରେ ଦଳୀୟ କର୍ମକର୍ତ୍ତା ନିରୋଦ ଗଡ଼ନାୟକ ଙ୍କ ଅକାଳ ବିୟୋଗ ଶୁଣି ତାଙ୍କ ପରବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇଥିଲେ ଏବଂ ନିମବାହାଲୀ ଛକ ଠାରେ ଗାଲପଡା ପଞ୍ଚାୟତ ର ଜନସାଧାରଣ ଙ୍କୁ ଭେଟି ସ୍ଥାନୀୟବିଭିନ୍ନ ସମସ୍ୟା ଶୁଣିଥିଲେ, ନିମବାହାଲୀ ଠାରୁ ଗୁଲେହି ପର୍ଯ୍ୟନ୍ତ ରାସ୍ତା ର ସୁଦୃଢ଼ୀକରଣ ନିମନ୍ତେ ଜନସାଧାରଣ ଙ୍କ ଆପତ୍ତି ଶୁଣି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ ଙ୍କ ସହ ବିଷଦ ଆଲୋଚନା କରିଥିଲେ ।ଉକ୍ତ ଗସ୍ତ ସମୟରେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର,ବିଜେପି ଜିଲ୍ଲା ଅନୁସୂଚିତ ସଭାପତି ସନ୍ତୋଷ ନାୟକ, ମଣ୍ଡଳ ସଭାପତି ରବିନ ବାରିକ, ଜିଲ୍ଲା ପ୍ରତିନିଧି ଲଳିତ ସାହୁ ସାଧାରଣ ସମ୍ପାଦକ ପ୍ରଫୁଲ ମହାରଣା ସମେତ ବହୁ ସରପଞ୍ଚ ସମିତି ସଭ୍ୟ ଯୋଗଦେଇଥିଲେ ।



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ଆଇନଗତ ସହାୟତା ସୁଦୃଢ଼ୀକରଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁପ୍ରିମକୋର୍ଟରେ 'ଆଇନଗତ ସହାୟତା ପ୍ରଦାନ ବ୍ୟବସ୍ଥାର ସୁଦୃଢ଼ୀକରଣ' ଶୀର୍ଷକ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ମୋଦୀ କହିଥିଲେ ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଏଠାରେ ସମସ୍ତ ଉପସ୍ଥିତ ଲୋକଙ୍କ ମଧ୍ୟରେ ରହିବା ପ୍ରକୃତରେ ବହୁତ ସ୍ୱତନ୍ତ୍ର । ସେ କହିଥିଲେ ଯେ, ଆଇନଗତ ସହାୟତା ପ୍ରଦାନ ବ୍ୟବସ୍ଥା ଏବଂ ଆଇନଗତ ସେବା ଦିବସ ସହିତ ଜଡ଼ିତ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ଦ୍ୱାରା ଭାରତର ନ୍ୟାୟିକ ବ୍ୟବସ୍ଥାକୁ ନୂତନ ଶକ୍ତି ମିଳିବ। ସେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ନ୍ୟାୟପାଳିକାର ସଦସ୍ୟ ଏବଂ ଆଇନଗତ ସେବା କର୍ତ୍ତୃପକ୍ଷଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। 'ଯେତେବେଳେ ନ୍ୟାୟ ସମସ୍ତଙ୍କ ପାଇଁ ଉପଲବ୍ଧ ହୁଏ, ସମୟାନୁସାରେ ପ୍ରଦାନ କରାଯାଏ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସେମାନଙ୍କର ସାମାଜିକ କିମ୍ବା ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଏହା ପହଞ୍ଚିଥାଏ - ସେତେବେଳେ ଏହା ପ୍ରକୃତରେ ସାମାଜିକ ନ୍ୟାୟର ମୂଳଦୁଆ ହୋଇଯାଏ', ବୋଲି ପ୍ରଧାନମନ୍ତ୍ରୀ ଉଦବୋଧନ ଦେଇ କହିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଆଇନଗତ ସହାୟତା ଏହିପରି ସୁବିଧା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଜାତୀୟ ସ୍ତରରୁ ତାଲୁକ ସ୍ତର ପର୍ଯ୍ୟନ୍ତ, ଆଇନଗତ ସେବା କର୍ତ୍ତୃପକ୍ଷ ନ୍ୟାୟପାଳିକା ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ଲୋକ ଅଦାଲତ ଏବଂ ପ୍ରାକ୍-ମକଦ୍ଦମା ସମାଧାନ ମାଧ୍ୟମରେ ଲକ୍ଷ ଲକ୍ଷ ବିବାଦ ଶୀଘ୍ର, ସୌହାର୍ଦ୍ଦପୂର୍ଣ୍ଣ ଏବଂ କମ ମୂଲ୍ୟରେ ସମାଧାନ କରାଯାଉଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଆଇନଗତ ସହାୟତା ପ୍ରତିରକ୍ଷା ପରାମର୍ଶ ବ୍ୟବସ୍ଥା ଅଧୀନରେ ମାତ୍ର ତିନି ବର୍ଷ ମଧ୍ୟରେ ପ୍ରାୟ ୮ ଲକ୍ଷ ଫୌଜଦାରୀ ମାମଲା ସମାଧାନ କରାଯାଇଛି। ଏହି ପ୍ରୟାସଗୁଡ଼ିକ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ ଯେ, ଏହା ସାରା ଦେଶରେ ଗରିବ, ଦଳିତ, ବଞ୍ଚିତ ଏବଂ ଅବହେଳିତଙ୍କ ପାଇଁ ନ୍ୟାୟ ପ୍ରଦାନର ସହଜତା ସୁନିଶ୍ଚିତ କରିଛି। ଗତ ୧୧ ବର୍ଷ ଧରି ସରକାର ବ୍ୟବସାୟ କରିବାର ସହଜତା ଏବଂ ଜୀବନଧାରଣର ସହଜତା ବୃଦ୍ଧି ଉପରେ ନିରନ୍ତର ଧ୍ୟାନ ଦେଇ ଆସୁଛନ୍ତି ବୋଲି ମୋଦୀ କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ, ବ୍ୟବସାୟ ସମ୍ବନ୍ଧୀୟ ୪୦,୦୦୦ ରୁ ଅଧିକ ଅନାବଶ୍ୟକ ଅନୁପାଳନକୁ ହଟାଇ ଦିଆଯାଇଛି। ଜନ ବିଶ୍ୱାସ ଆଇନ ମାଧ୍ୟମରେ, ୩,୪୦୦ ରୁ ଅଧିକ ଆଇନଗତ ବ୍ୟବସ୍ଥାକୁ ଅପରାଧମୁକ୍ତ କରାଯାଇଛି ଏବଂ ୧୫୦୦ ରୁ ଅଧିକ ପୁରୁଣା ଆଇନକୁ ପ୍ରତ୍ୟାହାର କରାଯାଇଛି। ସେ ମନ୍ତବ୍ୟ ଦେଇଥିଲେ ଯେ ଦୀର୍ଘକାଳୀନ ଆଇନଗୁଡ଼ିକୁ ଏବେ ଭାରତୀୟ ନ୍ୟାୟ ସଂହିତା ମାଧ୍ୟମରେ ବଦଳାଇ ଦିଆଯାଇଛି। 'ବ୍ୟବସାୟିକ ସୁଗମତା ଏବଂ ଜୀବନଧାରଣର ସହଜତା ପ୍ରକୃତରେ ସେତେବେଳେ ସମ୍ଭବ ହୋଇଥାଏ, ଯେତେବେଳେ ନ୍ୟାୟର ସହଜତା ମଧ୍ୟ ସୁନିଶ୍ଚିତ କରାଯାଏ। ଗତ କିଛି ବର୍ଷ ମଧ୍ୟରେ, ନ୍ୟାୟର ସହଜତା ବୃଦ୍ଧି ପାଇଁ ଅନେକ ପଦକ୍ଷେପ ନିଆଯାଇଛି ଏବଂ ଆଗକୁ ବଢ଼ିବା ସହିତ ଆମେ ଏହି ଦିଗରେ ପ୍ରୟାସକୁ ତ୍ୱରାନ୍ୱିତ କରିବୁ 'ବୋଲି ପ୍ରଧାନମନ୍ତ୍ରୀ ପୁଣି ଥରେ କହିଥିଲେ। ଚଳିତ ବର୍ଷ ଜାତୀୟ ଆଇନ ସେବା ପ୍ରାଧିକରଣ (ଏନଏଏଲଏସଏ)ର ୩୦ ବର୍ଷ ପୂରଣ ହେଉଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗତ ତିନି ଦଶନ୍ଧି ଧରି, ଏନଏଏଲଏସଏ ଦେଶର ଅବହେଳିତ ନାଗରିକଙ୍କ ସହିତ ନ୍ୟାୟପାଳିକାକୁ ସଂଯୋଗ କରିବା ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିଆସିଛି। ସେ କହିଥିଲେ ଯେ, ସେ ଏହା ମଧ୍ୟ ଲକ୍ଷ୍ୟ କରିଥିଲେ ଯେ ଯେଉଁମାନେ ଆଇନ ସେବା ପ୍ରାଧିକରଣ ସହିତ ଯୋଗାଯୋଗ କରନ୍ତି ସେମାନଙ୍କ ପାଖରେ ପ୍ରାୟତଃ ସମ୍ବଳ, ପ୍ରତିନିଧିତ୍ୱ ଏବଂ କେତେକ ସମୟରେ ଆଶାର ଅଭାବ ଥାଏ। ସେମାନଙ୍କୁ ଆଶା ଏବଂ ସହାୟତା ଯୋଗାଇବା ହେଉଛି 'ସେବା' ଶବ୍ଦର ପ୍ରକୃତ ଅର୍ଥ, ଯାହା ଏନଏଏଲଏସଏର ନାମ ମଧ୍ୟରେ ନିହିତ ରହିଛି।

ପରମ୍ପରା: ଆମ ଅସ୍ମିତାର ଅଲିଭା ସ୍ୱାକ୍ଷର

ପରମ୍ପରା କେବଳ ଏକ ଶବ୍ଦ ନୁହେଁ, ଏହା ହେଉଛି ଜୀବନର ଏକ ପ୍ରବାହ, ଯାହା ଅତୀତକୁ ବର୍ତ୍ତମାନ ସହ ଯୋଡ଼ିଥାଏ ଏବଂ ଭବିଷ୍ୟତ ପାଇଁ ଏକ ସୁନ୍ଦର ମାର୍ଗ ପ୍ରଶସ୍ତ କରିଥାଏ। ଏହା ହେଉଛି ଆମ ପୂର୍ବପୁରୁଷମାନଙ୍କର ଅନୁଭୂତି, ବିଶ୍ୱାସ, ସଂସ୍କାର ଏବଂ ଜୀବନଶୈଳୀର ଏକ ଅମୂଲ୍ୟ ସମାହାର, ଯାହା ପିଢ଼ି ପରେ ପିଢ଼ି ଚାଲିଆସିଛି। ପରମ୍ପରା ଆମକୁ ଚିହ୍ନାଇଥାଏ ଯେ ଆମେ କିଏ, ଆମର ମୂଳ କେଉଁଠି ଏବଂ ଆମ ସଂସ୍କୃତିର ଗଭୀରତା କେତେ। ବିଶେଷ କରି ଓଡ଼ିଶା ଭଳି ଏକ ସାଂସ୍କୃତିକ ଭୂମିରେ, ପରମ୍ପରା ହେଉଛି ପ୍ରତିଟି ଓଡ଼ିଆର ନିଶ୍ୱାସ ଓ ପ୍ରଶ୍ୱାସ।

ଓଡ଼ିଶାର ପରମ୍ପରା ବିଷୟରେ ଆଲୋଚନା କଲେ ସର୍ବପ୍ରଥମେ ମନକୁ ଆସେ ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ତାଙ୍କୁ କେନ୍ଦ୍ର କରି ଓଡ଼ିଶାର ପ୍ରତିଟି ପରମ୍ପରା ଗଢ଼ି ଉଠିଛି। ବାର ମାସରେ ତେର ପର୍ବର ଦେଶ ଓଡ଼ିଶା। ରଥଯାତ୍ରା, ବାହୁଡ଼ା ଯାତ୍ରା, ସ୍ନାନ ପୂର୍ଣ୍ଣିମା, ଚନ୍ଦନ ଯାତ୍ରା ଭଳି ପ୍ରତିଟି ପର୍ବପର୍ବାଣୀ ଆମ ପରମ୍ପରାର ଜ୍ୱଳନ୍ତ ଉଦାହରଣ। କେବଳ ବଡ଼ ଦେଉଳରେ ନୁହେଁ, ବରଂ ଓଡ଼ିଶାର ପ୍ରତିଟି ଘରେ, ପ୍ରତିଟି ଗାଁରେ ଏହି ପରମ୍ପରା ଜୀବିତ। ସକାଳୁ ଉଠି ଗୋବର ପାଣିରେ ଦୁଆର ଲିପିବା, ମୁରୁଜ ପକାଇବା, ତୁଳସୀ ଚଉରା ମୂଳେ ସଞ୍ଜବତୀ ଦେବାଏସବୁ କେବଳ କର୍ମକାଣ୍ଡ ନୁହେଁ, ଏହା ହେଉଛି ଏକ ଆଧ୍ୟାତ୍ମିକ ଅନୁଭୂତି ଯାହା ଘରର ପରିବେଶକୁ ପବିତ୍ର ଓ ଶାନ୍ତ କରିଥାଏ।

ଆମ ପରମ୍ପରା ପ୍ରକୃତି ଏବଂ ମାଟି ସହ ଅତି ନିବିଡ଼ ଭାବେ ଜଡ଼ିତ। ଓଡ଼ିଶାର ଅଧିକାଂଶ ପର୍ବ କୃଷିଭିତ୍ତିକ। 'ଅକ୍ଷୟ ତୃତୀୟା'ରୁ ଚାଷୀ ଅଖି ମୁଠି ଅନୁକୂଳ କରି ଜମିରେ ବିହନ ବୁଣେ। 'ରଜ ପର୍ବ' ହେଉଛି ମାଟି ମା'ର ଆରାଧନା ଏବଂ ନାରୀତ୍ୱର ଉତ୍ସବ। ତିନି ଦିନ ଧରି ମାଟି ମା'କୁ ବିଶ୍ରାମ ଦିଆଯାଏ, ଯାହା ପ୍ରକୃତି ପ୍ରତି ଆମର କୃତଜ୍ଞତାକୁ ଦର୍ଶାଏ। ସେହିଭଳି 'ନୂଆଖାଇ' ପର୍ବ ପଶ୍ଚିମ ଓଡ଼ିଶାର ଗଣପର୍ବ ଭାବେ ପ୍ରସିଦ୍ଧ ହେଲେ ମଧ୍ୟ ଏହାର ଭାବଧାରା ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ। ବିଲରୁ ଆସିଥିବା ନୂଆ ଶସ୍ୟକୁ ପ୍ରଥମେ ଇଷ୍ଟଦେବୀଙ୍କ ପାଖରେ ଲାଗି କରାଯାଏ ଏବଂ ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ନୂଆ ଅନ୍ନ ଗ୍ରହଣ କରନ୍ତି। 'ନୂଆଖାଇ ଜୁହାର' ମାଧ୍ୟମରେ ଛୋଟବଡ଼ର ପ୍ରଭେଦ ଭୁଲି ସମସ୍ତେ ପରସ୍ପରକୁ ଆଲିଙ୍ଗନ କରନ୍ତି। ଏହି ପରମ୍ପରା ଆମକୁ ଶିଖାଏ ଯେ ସମାଜରେ ଏକତା ଓ ଭାଇଚାରା କେତେ ଗୁରୁତ୍ୱପୂର୍ଣ୍ଣ।

ପରମ୍ପରା ପରିବାରକୁ ଏକାଠି ବାନ୍ଧି ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। 'ପ୍ରଥମାଷ୍ଟମୀ'ରେ ଘରର ବଡ଼ ସନ୍ତାନର ଶୁଭ ମନାସି ପୋଡ଼ୁଆଁ କରାଯାଏ। ମାମୁଘରୁ ନୂଆ ଲୁଗା ଆସେ, ଆଉ ଘରେ ଏଣ୍ଡୁରି ପିଠାର ବାସ୍ନା ମହକି ଉଠେ। 'କୁମାର ପୂର୍ଣ୍ଣିମା'ରେ କୁଆଁରୀ କନ୍ୟାମାନେ ଜହ୍ନକୁ ପୂଜା କରି ସୁନ୍ଦର ବରଟିଏ କାମନା କରନ୍ତି। 'ଖୁଦୁରୁକୁଣୀ ଓଷା' ବା ଭାଲୁକୁଣୀ ଓଷା ତଅପୋଇର ସ୍ମୃତି ଚାରଣ କରେ, ଯାହା ଭାଇ ଓ ଭଉଣୀ ମଧ୍ୟରେ ଥିବା ପବିତ୍ର ସ୍ନେହର ପ୍ରତୀକ। କାର୍ତ୍ତିକ ମାସର ପବିତ୍ର 'ବଡ଼ଓଷା' ବା 'ପ୍ରଥମାଷ୍ଟମୀ' ଭଳି ପର୍ବଗୁଡ଼ିକ ପରିବାରର ସଦସ୍ୟମାନଙ୍କୁ ପରସ୍ପରର ନିକଟତର କରାଇଥାଏ। ଏହିସବୁ ପରମ୍ପରା ମାଧ୍ୟମରେ ସ୍ନେହ, ଆଦର, ଏବଂ ପରସ୍ପର ପ୍ରତି ତ୍ୟାଗର ମନୋଭାବ ଜାଗ୍ରତ ହୋଇଥାଏ, ଯାହା ଆଜିର ବ୍ୟସ୍ତବହୁଳ ଜୀବନରେ ଖୁବ୍ ଦରକାରୀ।

ଆମ ପରମ୍ପରା କେବଳ ପୂଜାପଦ୍ଧତିରେ ସୀମିତ ନୁହେଁ, ଏହା ଆମ ରୋଷେଇ ଘର ପର୍ଯ୍ୟନ୍ତ ବ୍ୟାପ୍ତ। ଓଡ଼ିଆ ପିଠାପଣା ଏବଂ ଖାଦ୍ୟ ସଂସ୍କୃତି ନିଆରା। ମହାପ୍ରଭୁଙ୍କ ଛପନ ଭୋଗଠାରୁ ଆରମ୍ଭ କରି ଗରିବର କଂସେ ପଖାଳ ପର୍ଯ୍ୟନ୍ତ ସବୁଥିରେ ଏକ ଭିନ୍ନ ସ୍ୱାଦ ଓ ଭାବ ରହିଛି। ଆରିସା, କାକରା, ମଣ୍ଡା, ଏଣ୍ଡୁରି, ପୋଡ଼ପିଠା ଆଦି ପ୍ରତିଟି ପର୍ବର ସ୍ୱତନ୍ତ୍ରତା ବଢ଼ାଇଥାଏ। ପଖାଳ ଭାତ ସହିତ ଶାଗ ଭଜା ଏବଂ ବଡ଼ି ଚୁରା ଓଡ଼ିଆର ସବୁଠାରୁ ପ୍ରିୟ ଖାଦ୍ୟ। 'ପଖାଳ ଦିବସ' ପାଳନ କରି ଆମେ ଆମର ଏହି ସରଳ ଜୀବନଶୈଳୀର ପରମ୍ପରାକୁ



ଦିଲ୍ଲୀପ କୁମାର ସାହୁ
ବରିଷ୍ଠ ସାମ୍ବାଦିକ, 'ପ୍ରଫୁଲ୍ଲ ଭବନ',
ଡିମ୍ବୋ, କେନ୍ଦୁଝର-୭୫୮୦୧୪

ବିଶ୍ୱ ଦରବାରରେ ପହଞ୍ଚାଇ ପାରିଛୁ। ଏହି ଖାଦ୍ୟଗୁଡ଼ିକ କେବଳ ସ୍ୱାସ୍ଥ୍ୟକର ନୁହନ୍ତି, ବରଂ ଏହା ଆମ ମାଟିର ବାସ୍ନା ଏବଂ ମା' ହାତର ସ୍ନେହକୁ ମନେ ପକାଇଦିଏ।

ଆଜିର ପରିବର୍ତ୍ତିତ ସମୟରେ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଆମେ ଆଧୁନିକତାର ଦୌଡ଼ରେ ସାମିଲ ହୋଇଛୁ। ଆମେ କଂକ୍ରିଟ୍ ଜଙ୍ଗଲରେ ବସବାସ କରୁଛୁ ଏବଂ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଆକର୍ଷିତ ହେଉଛୁ। ଯେଉଁଥିପାଇଁ ଆମର କେତେକ ପୁରୁଣା ପରମ୍ପରା ଧୀରେ ଧୀରେ ହଜିଯିବାକୁ ବସିଲାଣି। ଗାଁ ଦାଣ୍ଡର ସେହି ରଜ ଦୋଳିର ଗୀତ, କାର୍ତ୍ତିକ ମାସ ସକାଳର ସେହି ବୋଇତ ବନ୍ଦାଣର 'ଆ କା ମା ବୈ' ଧ୍ୱନି, କିମ୍ବା ଶୀତ ଦିନେ ବୁଢ଼ୀମା' ପାଖରେ ବସି ଗପ ଶୁଣିବାର ସେହି ମଧୁର ମୁହୂର୍ତ୍ତ ଏବେ ସହରୀ ଜୀବନରେ ଦେଖିବାକୁ ମିଳୁନାହିଁ।ଅନେକ ସମୟରେ ଆଧୁନିକ ପିଢ଼ି ପରମ୍ପରାକୁ 'ଅନ୍ଧବିଶ୍ୱାସ' ବା 'ପୁରୁଣା କାଳିଆ' କହି ପ୍ରତ୍ୟାଖ୍ୟାନ କରିଦିଅନ୍ତି। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ, ଆମର ଅଧିକାଂଶ ପରମ୍ପରା ପଛରେ ଗଭୀର ବୈଜ୍ଞାନିକ ଓ ସ୍ୱାସ୍ଥ୍ୟଗତ କାରଣ ରହିଛି। ଉଦାହରଣ ସ୍ୱରୂପ, ତୁଳସୀ ଗଛର ପୂଜା କରିବା ଦ୍ୱାରା ଘର ଚାରିପାଖର ପରିବେଶ ଜୀବାଣୁମୁକ୍ତ ରହେ। ପଖାଳ ଖାଇବା ଦ୍ୱାରା ଶରୀର ଥଣ୍ଡା ରହେ ଏବଂ ପ୍ରଚୁର ପରିମାଣର ଭିଟାମିନ୍ ମିଳିଥାଏ। ଉପବାସ ବା ଓଷାବ୍ରତ କରିବା ଦ୍ୱାରା ଶରୀରର ପାଚନ ତନ୍ତ୍ରକୁ ବିଶ୍ରାମ ମିଳିଥାଏ। ତେଣୁ ପରମ୍ପରା କେବଳ ଏକ ନିୟମ ନୁହେଁ, ଏହା ହେଉଛି ସୁସ୍ଥ ଭାବେ ବଞ୍ଚିବାର ଏକ କଳା।

ପରମ୍ପରା ହେଉଛି ଆମର ମୂଳଦୁଆ। ଗଛର ଡାଳପତ୍ର ଯେତେ ଉପରକୁ ଗଲେ ମଧ୍ୟ ଯଦି ତାର ଚେର ମାଟି ସହ ଜଡ଼ିତ ନଥାଏ, ତେବେ ସେହି ଗଛ ଦିନେ ନା ଦିନେ ଉପୁଡ଼ି ପଡ଼ିବ। ସେହିପରି ଆମେ ଯେତେ ଆଧୁନିକ ବା ଶିକ୍ଷିତ ହେଲେ ମଧ୍ୟ, ଯଦି ଆମେ ଆମ ପରମ୍ପରାକୁ ଭୁଲିଯିବା, ତେବେ ଆମେ ନିଜର ପରିଚୟ ହରାଇ ବସିବା। ଆମର ଦାୟିତ୍ୱ ହେଉଛି ଆମ ପରମ୍ପରାକୁ ବଞ୍ଚାଇ ରଖିବା ଏବଂ ଏହାକୁ ନୂତନ ପିଢ଼ିକୁ ହସ୍ତାନ୍ତର କରିବା। ଏଥିପାଇଁ ପରିବାରର ବୟସ୍କ ବ୍ୟକ୍ତିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ପିଲାମାନଙ୍କୁ ଆମ ସଂସ୍କୃତି, ପର୍ବପର୍ବାଣୀ ଏବଂ ଏହାର ଗୁରୁତ୍ୱ ବିଷୟରେ କହିବା ଉଚିତ୍। ବିଦ୍ୟାଳୟ ସ୍ତରରେ ମଧ୍ୟ ପିଲାମାନଙ୍କୁ ପରମ୍ପରା ଓ ସଂସ୍କୃତି ବିଷୟରେ ଶିକ୍ଷା ଦିଆଯିବା ଆବଶ୍ୟକ।

ପରମ୍ପରା ଆମକୁ ମଣିଷ ହେବାକୁ ଶିଖାଏ। ଏହା ଆମକୁ ଅନ୍ୟମାନଙ୍କୁ ସମ୍ମାନ ଦେବା, ପ୍ରକୃତିକୁ ଭଲ ପାଇବା ଏବଂ ସମସ୍ତଙ୍କ ସହ ମିଳିମିଶି ଚଳିବା ଶିଖାଇଥାଏ। ପରମ୍ପରା ହେଉଛି ଏକ ଅମୂଲ୍ୟ ରତ୍ନ, ଯାହାକୁ କୌଣସି ଟଙ୍କା ପଇସାରେ କିଣାଯାଇପାରିବ ନାହିଁ। ଆଧୁନିକତାର ଆଲୋକରେ ଆଲୋକିତ ହେବା ଭଲ, କିନ୍ତୁ ଆମ ପରମ୍ପରାର ସେହି ମାଟି ପ୍ରଦୀପର ସ୍ନିଗ୍ଧ ଆଲୋକକୁ ଲିଭିବାକୁ ଦେବା ଉଚିତ୍ ନୁହେଁ। ଆସନ୍ତୁ, ଆମେ ସମସ୍ତେ ଆମ ପରମ୍ପରାକୁ ଗର୍ବର ସହ ଆପଣାଇବା, ତାକୁ ସମ୍ମାନ ଜଣାଇବା ଏବଂ ଆମ ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବା। କାରଣ ପରମ୍ପରା ବଞ୍ଚିଲେ ହିଁ ଆମେ ବଞ୍ଚିବା ଏବଂ ଆମ ସଂସ୍କୃତି ଅମର ହୋଇ ରହିବ।

ମା' କୈବଲ୍ୟ ଲୋଲୁପିନୀ

ସନାତନ ଧର୍ମ ଏବଂ ତନ୍ତ୍ର ଶାସ୍ତ୍ର ଅନୁଯାୟୀ, ଶ୍ରୀକ୍ଷେତ୍ର କେବଳ ପୁରୁଷୋତ୍ତମ କ୍ଷେତ୍ର ନୁହେଁ, ବରଂ ଏହା ଏକ ପବିତ୍ର ଶକ୍ତିପୀଠ ଏବଂ ଶକ୍ତି ସାଧନାର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ। ଏହି ପୀଠର ପୀଠାଧୀଶ୍ୱରୀ ଅଟନ୍ତି ସ୍ୱୟଂ ମା' ବିମଳା। ଯିଏ ଜୀବର ସମସ୍ତ ମଳ ବା କଲ୍ମସକୁ ନାଶ କରନ୍ତି। ଏଣୁ ସେ ବିମଳା ନାମରେ ନାମିତ ହୋଇ ଏ କ୍ଷେତ୍ରରେ ପୂଜିତା ହେଉଛନ୍ତି। ଯାହାଙ୍କୁ 'କୈବଲ୍ୟ ଲୋଲୁପିନୀ' ବା ମହାପ୍ରସାଦ ପ୍ରିୟା ବୋଲି ମଧ୍ୟ କୁହାଯାଏ। ଏ ଉପରେ ଏକ ତାତ୍ତ୍ୱିକ କିମ୍ବଦନ୍ତୀ କଥା ଦେଖିବାକୁ ମିଳେ। ଦିନେ ଦେବର୍ଷି ନାରଦ ଗୋଲକ ନାଥଙ୍କ ମୁଖାରବିନ୍ଦ କୈବଲ୍ୟ ପ୍ରସାଦ ପାଇ ମହାଆନନ୍ଦରେ ନାଚି ନାଚି କୈଳାସ ପୁରକୁ ଆସିଥିଲେ। ନାରଦଙ୍କୁ ଦେଖି ମହାଦେବ ସତ୍କାର କରିବା ସହ ଆନନ୍ଦର କାରଣ ଜାଣିବା ପାଇଁ ଚାହିଁଥିଲେ। ଏଥିରେ ଖୁସି ହୋଇ ନାରଦ ମୁଖାରବିନ୍ଦ କୈବଲ୍ୟ ପ୍ରାପ୍ତିର ବୃତ୍ତାନ୍ତ ଜଣାଇଥିଲେ ଶିବଙ୍କୁ। ଏହା ଶୁଣି ଶିବ କହିଲେ ହେ ଦେବର୍ଷି ! ମୋ' ପାଇଁ କିଛି ଆଣିଛ କି? ହରଙ୍କର ବାଣୀ ଶୁଣି ନାରଦ ଉତ୍ତର ଦେଲେ ହେ ଭକ୍ତ ଶ୍ରେଷ୍ଠ ! ପ୍ରଭୁ ପାଖରୁ ଯାହା ପ୍ରାପ୍ତି ହୋଇଥିଲା ତାହା ସବୁ ଭକ୍ଷଣ କରି ଦେଇଛି। କିନ୍ତୁ କଣିକାଟିଏ ମୋର ଦକ୍ଷିଣ ହସ୍ତର ନଖ କୋଣରେ ରହିଯାଇଛି। ଏହା ଦେଖି ସଦାଶିବ ଶ୍ରୀପ୍ରସାଦକୁ ସେବନ କରିଥିଲେ ଏବଂ ଉଭୟେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଥିଲେ। ଏ ସମସ୍ତ ବିଷୟକୁ ଜାଣିବା ପରେ ମା' ଭବାନୀ ଶଙ୍କରଙ୍କୁ ବିଷ୍ଣୁଙ୍କ ମୁଖାରବିନ୍ଦ କୈବଲ୍ୟ ପାଇବା ନିମନ୍ତେ ପ୍ରାର୍ଥନା କଲେ। ତେଣୁ ଆଶୁତୋଷ ବିଷ୍ଣୁଙ୍କ ପାଖକୁ ଯାଇ ସମସ୍ତ କଥା କହିବାକୁ ଲାଗିଲେ। ଏଥିରେ ସନ୍ତୋଷ ହୋଇ ନାରାୟଣ କହିବାକୁ ଗଲେ ହେ ଦେବୀ ! ତୁମର କାମନା ନିଶ୍ଚିତ ଭାବରେ ପୂର୍ଣ୍ଣ ହେବ। କିନ୍ତୁ ଏବେ ନୁହଁ, କଳିଯୁଗରେ ତୁମେ ଶ୍ରୀମନ୍ଦିରେ ବିମଳା ରୂପେ ପୂଜିତା ହୋଇ ମୋର (ଜଗନ୍ନାଥ) ନିତ୍ୟ ମହାପ୍ରସାଦ ପ୍ରାପ୍ତ କରିବ। ଏହି ବିଷୟକୁ ସୂଚାଇବାକୁ ଯାଇ ବାମଦେବ ସଂହିତାରେ ଉଲ୍ଲେଖ ରହିଛି:

ଶ୍ରୀପ୍ରସାଦଂ ପ୍ରତିଦିନଂ ଭକ୍ଷୀତ୍ୱା ତତ୍ର କେବଳମ୍।
ସତ୍ୟଂଶେନ ତ୍ୱୟା ଜାତଂ ପାର୍ବତୀ ନାମ-ନାମତଃ।।

ଅର୍ଥାତ୍:- ହେ ଦେବୀ ! ସତୀଙ୍କ ପବିତ୍ର ଅଂଶରୁ ଜନ୍ମ ଗ୍ରହଣ କରିଥିବାରୁ, ତୁମେ ଜଗତରେ 'ପାର୍ବତୀ' ନାମରେ ପ୍ରସିଦ୍ଧି ଲାଭ କରିଛ। ଏହି ପବିତ୍ର ପୀଠରେ ପୂର୍ବ ସଂକଳ୍ପ ଯୋଗୁଁ ତୁମେ ପ୍ରତିଦିନ କେବଳ



ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୩୩୪୮୬୮

ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଭକ୍ଷଣ ବା ସେବନ କରୁଛ। ତେଣୁ ଏଠାରେ ମହାଦେବୀ ବିମଳା ସଦାସର୍ବଦା ନିର୍ମାଲ୍ୟ ପାଇବା ପାଇଁ ଧ୍ୟାନରତ ଥାନ୍ତି।

ଏହି ଧ୍ୟାନରତା ଦେବୀ ବିମଳାଙ୍କ ନିକଟରେ ପ୍ରତ୍ୟୟଃ ସକାଳ, ମଧ୍ୟାହ୍ନ ଏବଂ ସାୟଂ କାଳରେ ପୂଜା ଅର୍ଚ୍ଚନା ହୋଇଥାଏ। ବର୍ଷର ସମସ୍ତ ସମୟରେ ଦେବୀଙ୍କୁ ପରମବୈଷ୍ଣବୀ ଭାବେ ପୂଜା କରାଯାଉଥିବା ବେଳେ ଶରତକାଳିନ ଦୁର୍ଗାପୂଜା କାଳରେ ମା'ଙ୍କୁ କୌଳାଚାର ତନ୍ତ୍ର ଅନୁଯାୟୀ କାଳଭୈରବୀ ରୂପେ ପୂଜା କରାଯାଏ। ଦେବୀଙ୍କ ସମସ୍ତ ଉତ୍ସବ ମଧ୍ୟରେ ଶାରଦୀୟ ଷୋଡଶ ଦିନାତ୍ମକ ରହସ୍ୟ ଦୁର୍ଗା ପୂଜା ଏବଂ ଶାକ୍ତ ଗୁଣ୍ଡିଚା ପ୍ରସିଦ୍ଧ ଅଟେ। ଏହା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ଦଶମୀ ତିଥି ପର୍ଯ୍ୟନ୍ତ ପାଳିତ ହୋଇଥାଏ। ଏହି ତିଥିରେ ସପ୍ତମୀ, ଅଷ୍ଟମୀ ଓ ନବମୀର ଅର୍ଦ୍ଧରାତ୍ରି ସମୟରେ ମହାନିଶୀ ପୂଜା ଅନୁଷ୍ଠିତ ହୁଏ। ଯେଉଁଥିରେ ଦେବୀଙ୍କ ପାର୍ଶ୍ୱରେ ଥିବା ନାଗକନ୍ୟା ଓ ଦେବକନ୍ୟା ତଥା ଚଉଷଠି ଯୋଗିନୀଙ୍କୁ ଛାଗବଳି ଦିଆଯାଏ। ଏ ନୀତିକୁ ଅର୍ଦ୍ଧରାତ୍ରରେ ପହୁଡ଼ ପଡ଼ିବା ପରେ କିଛି ନିର୍ବାଚିତ କୌଳିକ ବ୍ରାହ୍ମଣମାନେ ସମ୍ପାଦନା କରିଥାନ୍ତି। ଉକ୍ତ ଷୋଳପୂଜାର ପ୍ରଥମ ଓ ଶେଷ ଚାରିଦିନ ବ୍ୟତୀତ ପ୍ରତ୍ୟେକ ଦିନ ବିମଳାଙ୍କୁ ଭିନ୍ନ ଭିନ୍ନ ବେଶ କରାଯାଏ। ଏହି ଷୋହଳଦିନ ପର୍ଯ୍ୟନ୍ତ ମହିଳାମାନେ ବିମଳାଦେବୀଙ୍କ ମନ୍ଦିରରେ ପ୍ରବେଶ କରନ୍ତି ନାହିଁ।

ଈଶ୍ୱର ଯାହା କରନ୍ତି

ଚୁନି ଆଉ ମୁନା ଭିତରେ ଲାଗେ ବଚସା। ଟଙ୍କା ପଇସା କି ଖିଆ ପିଆକୁ ନେଇ ଝଗଡ଼ା ସୃଷ୍ଟି ହୁଏ ନାହିଁ। କେବଳ ମର୍ମଭେଦୀ କଥାକୁ ନେଇ ହୁଏ ଟଣା ଓଟରା । ମୁନା ପରିବାରର ପୂର୍ବାବସ୍ଥା ଓ ଚୁନି ବାପଘରେ ବର୍ତ୍ତମାନର ଆର୍ଥିକ ସ୍ୱଚ୍ଛଳତାକୁ ନେଇ କଥା କଟାକଟି ଓ ଝାମେଲାର ସୂତ୍ରପାତ ହୁଏ। ଅବଶ୍ୟ ଦୁହିଁଙ୍କ ମଧ୍ୟରେ ମତାନ୍ତର ହୋଇଛି ମନାନ୍ତର ହୋଇ ନାହିଁ । ଉଭୟଙ୍କ ମଧ୍ୟରେ ତମେ ତମେରୁ ବେଳେବେଳେ ତୁ ତା ପର୍ଯ୍ୟନ୍ତ କଥା ଲମ୍ବିଯାଏ।

ମୁନା ପରିବାରର ଦୁଃସ୍ଥିତି ଏଯାବତ୍ ରହିଛି । ଶିକ୍ଷିତ ଭାଇ ଦୁହେଁ ବେପାରରେ ଉପରକୁ ଉଠି ପାରିଲେ ନାହିଁ। ଦାଣ୍ଡରୁ ଆଣି ହାଣ୍ଡିରେ ଥୋଇ ଢୋକେ ପିଇ ଦଣ୍ଡେ ଜିଇଁ ସେମାନେ କାଳାତିପାତ କରୁଥିଲେ । ବାପା ଚାକିରିକୁ ରିହାବିଲେସନରେ ହାତେଇ ଥିବା ମୁନା ଉପରେ ସେମାନେ ଆସ୍ଥା ରଖିଥିଲେ । ମୁନା ଆଖି ଦୃଶିଆ ସାହାଯ୍ୟ କରି ନପାରିବାରୁ ସେମାନେ ସଭିଏଁ ଖଡଗହସ୍ତ । ଉଚ୍ଚ ଶିକ୍ଷିତ ହୋଇ ସେ ସରକାରଙ୍କ ଦୟାରୁ ପିଅନ ଚାକିରି କରିଛି । ଅନ୍ୟ ଭାଇମାନଙ୍କୁ ମାସିକିଆ ବଟି ଦେଉନଥିବାରୁ ଭାଉଜମାନେ ହିଂସାରେ ଜଳୁଛନ୍ତି। କଥାରେ କୁହନ୍ତି, 'ଗଛର ଛାଇ ମଣିଷ ହାଇଁ, ସେଥିରେ କେହି ଉଧାଏ ନାହିଁ '। ଚୁନି ଆସି ମୁନାକୁ ହାତ ମୁଠାରେ ରଖିବାରୁ ଅନ୍ୟ ଭାଇ ଭାଉଜ ଆର୍ଥିକ ସୁବିଧା ପାଇ ପାରୁନଥିଲେ। ସବୁବେଳେ ଅଭାବ ଅଭାବ କହି ଫାଇଦା ହାସଲ କରିବାକୁ ଭାଉଜମାନେ ଓର ଉଣ୍ଡୁଥାନ୍ତି। ଭାଇମାନେ କେବେ ତା ଘରକୁ ଆସନ୍ତି ନାହିଁ କି ଫୋନ କରନ୍ତି ନାହିଁ। ଚୁନି ସେମାନଙ୍କ ଉଦ୍ଦେଶ୍ୟ ବୁଝି ସ୍ୱାର୍ଥପର ହେବାକୁ ବାଧ୍ୟ ହୋଇଛି । 'ଦିଆକୁ ଦିଆ, ଅଦିଆକୁ ଜାଣ ଦୁଆର ଦିଆ' ନୀତିରେ ଚୁନି ମୁନାକୁ ନିୟନ୍ତ୍ରଣ କରୁଥିଲା ।

ଭଲମନ୍ଦ ଦିନରେ, ପର୍ବ ପର୍ବାଣୀରେ କେହି ଏକାଠି ହୁଅନ୍ତି ନାହିଁ । ସେଥିପାଇଁ ଚୁନି ରାଗି କଡମଡ ହୁଏ। ବେଳେବେଳେ କୌଣସି କାମରେ ବ୍ଲକ୍ କି ତହସିଲ୍ ଆସିଲେ ସେମାନେ ମୁନା ଘରକୁ ଆସନ୍ତିନାହିଁ ।

ବର୍ଷକୁ ଥରେ ଅଧେ ଚୁନି ବାପଘରକୁ ଯାଏ। ଭାଇ ତିନୋଟିଯାକ ପାଠ ପଢି ଛୋଟ ମୋଟ ବେପାର କରି ଚଳୁଥିଲେ । ଚୁନିବାପା କମ୍ପାନୀ ଚାକିରିଆ ଥିଲେ। ପୁଅମାନେ କୌଣସି ଚାକିରି ନକରି ପାରିଥିବାରୁ ମୁନା କଥା ପ୍ରସଙ୍ଗରେ ଥଟା କରିବାକୁ ଯାଇ 'ଅଯୋଗ୍ୟ ପୁତ୍ର' ବୋଲି ସେମାନଙ୍କୁ ସମ୍ବୋଧନ କରେ। ଏଇଥିରୁ ଆରମ୍ଭ ହୁଏ ବାକ୍ ବିତଣ୍ଡା। ତାପରେ ଝିମିଟିଖେଳ। ଅବଶ୍ୟ କେବେ ବି ମହାଭାରତ ସୃଷ୍ଟି ହୋଇନାହିଁ । ଚୁନିବାପା ମରିବାର ତିନିବର୍ଷ ପରେ ମନ୍ଦିର ରାସ୍ତାର ସଂପ୍ରସାରଣ ପାଇଁ ତାଙ୍କର ଜାଗା ସହିତ ଘରୁ କିଛି ଅଂଶ ଚାଲିଗଲା । ସେମାନେ ଅନୁକମ୍ପାମୂଳକ ରାଶି ହିସାବରେ ପ୍ରାୟ ଦେଢକୋଟି ଟଙ୍କା ସହାୟତା ପାଇଲେ। ତିନି ଭାଇ ମିଶି ଟଙ୍କା ଭାଗଭାଗ ନକରି ଗୋଟିଏ ଯୌଥ ବ୍ୟବସାୟ କରିବାକୁ ମନସ୍ଥ କଲେ । ଏଥିରେ ଯାହା ଲାଭ ହେବ ତାହା ତିନି ଭାଗ ହୋଇ ମାସିକିଆ ଦରମା ଭଳି ବଣ୍ଟା ଯିବ। ବର୍ଷ ଦୁଇଟାରେ ପାଞ୍ଚ ମହଲା ଘର ନିର୍ମାଣ କରି ହୋଟେଲ କରି ସେମାନେ ବସିଲେ ଏବଂ ପାଳିକରି ଲଜିଂର ଦାୟିତ୍ୱ ନେଲେ । ବ୍ୟବସାୟରେ ଆଶାନୁରୂପ ଲାଭ ହେଲା । ଚୁନି ଗର୍ବରେ ଫୁଲି ଯାଇ ଦୁନିଆ ମାନିଲା ନାହିଁ। ତା ଭାଇମାନଙ୍କୁ ଆଉ ନିକୁଛିଆ କଥା କହିବାକୁ ମୁନା ଜିଭରେ ହାଡ ନଥିଲା ।

ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ପିନ୍ଧାଇବ ବୋଲି ଚୁନି ବାହାରିଲା । ମୁନା ରାଗରେ ଗରଗର ହେଲା। ରାକ୍ଷୀ କିଣି ପିନ୍ଧିବାକୁ ଟଙ୍କା ପଠାଇବା ପରେ ପୁନର୍ବାର ଚୁନି ଭାଇମାନଙ୍କ ପାଖକୁ ଯିବାକୁ ବାହାରୁଛି। ପୁଣି ଗାଡିରେ ତେଲ ଖର୍ଚ୍ଚ ସହିତ ମିଠା କିଣିବାକୁ ପଡିବ। -'ରୋଜଗାର

> 'ଗଛର ଛାଇ ମଣିଷ ହାଇଁ, ସେଥିରେ କେହି ଉଧାଏ ନାହିଁ '। ଚୁନି ଆସି ମୁନାକୁ ହାତ ମୁଠାରେ ରଖିବାରୁ ଅନ୍ୟ ଭାଇ ଭାଉଜ ଆର୍ଥିକ ସୁବିଧା ପାଇ ପାରୁନଥିଲେ। ସବୁବେଳେ ଅଭାବ ଅଭାବ କହି ଫାଇଦା ହାସଲ କରିବାକୁ ଭାଉଜମାନେ ଓର ଉଣ୍ଡୁଥାନ୍ତି । ଭାଇମାନେ କେବେ ତା ଘରକୁ ଆସନ୍ତି ନାହିଁ କି ଫୋନ କରନ୍ତି ନାହିଁ। ଚୁନି ସେମାନଙ୍କ ଉଦ୍ଦେଶ୍ୟ ବୁଝି ସ୍ୱାର୍ଥପର ହେବାକୁ ବାଧ୍ୟ ହୋଇଛି ।

କରିବି ମୁଁ, ଭାଇମାନଙ୍କ ପାଖକୁ ଭଲମନ୍ଦ ନେବ ଇଏ।' ମୁନା କଥାରେ ନରାଗି ଚୁନି କହିଲା, 'ତମର କ'ଣ ମନ ହେଉନି ତମ ଶଳାମାନଙ୍କ ହୋଟେଲ ଦେଖିବାକୁ ? ଛୁଟି ଅଛି ଘେରାଏ ବୁଲି ଆସିବାକୁ ତମର ଏତେ କୁଣ୍ଠାବୋଧ ? ନା ମୋ ଭାଇମାନେ ଭଲରେ ରହିଲେ ବୋଲି ତମର ଈର୍ଷା ହେଉଛି ?'

କ'ଣ ଭାବିଲା କେଜାଣି ବିନା ବାକ୍ୟ ବ୍ୟୟରେ ମୁନା ବାହାରିଗଲା। ମେଇନ୍ ରୋଡ୍ ଉପରେ ବିରାଟ ଲଜିଂ । ତିନିଭାଇ ଅଲଗା ଅଲଗା ରହୁଥିଲେ ବି ଗୋଟିଏ ହୋଟେଲକୁ ନେଇ ବେପାର ଚାଲିଛି। ମିଲୁ, ସିଲୁ, ଦିଲୁଙ୍କ ଭିତରୁ ମିଲୁ ବଡ଼। ବୁଝିବା ଶକ୍ତି ତାର ପ୍ରଖର। ସିଲୁ, ଦିଲୁ ସାନ ଓ ବଦରାଗୀ। ପିଲାବେଳେ ପ୍ରବଳ ଦୁଷ୍ଟ ଥିବା ମିଲୁ ଏବେ କଷ୍ଟମର ଡିଲ୍ ଭଲ କରୁଥିବାରୁ ପୁରୁଣା ଗେଷ୍ଟ ତାକୁ ଆଗ ଖୋଜନ୍ତି । ଚିନୁକୁ ଫୋନରେ ପଚାରିବାରୁ ସେ କହିଲା ତା' ସ୍ତ୍ରୀ ରାକ୍ଷୀ ବାନ୍ଧିବାକୁ ତା ବାପଘରକୁ ଯାଇଛି । ଲଜିଂରେ ମୁନା ଚିନୁକୁ ପହଞ୍ଚାଇ ଦେଲା । ବଡ ଭଉଣୀ ଭିଣୋଇଙ୍କୁ ଯଥାରୀତି ସମ୍ମାନ ପ୍ରଦାନ କଲା ମିଲୁ । ସିଲୁ ତା ଘରେ ଅଛି ଆଉ ଦିଲୁ କଲିକତାରୁ ଆଜି ଫେରୁଛି ବୋଲି ସୂଚନା ମିଳିଲା । ସବୁଥର ଚିନୁ ତିନି ଭାଇଙ୍କ ପାଖକୁ ରାକ୍ଷୀ ପଠାଏ । ସାନଦୁହେଁ ରାକ୍ଷୀର ମହତ ପ୍ରଦାନ କରନ୍ତି ନାହିଁ କିନ୍ତୁ ମିଲୁ ମୁନା ଆକାଉଣ୍ଟକୁ ପାଞ୍ଚଶହ ଲେଖା ଟଙ୍କା ପଠାଇ ଦିଏ। କାଳ ବିଳମ୍ବ ନକରି ଚିନୁ ବିରକ୍ତ ହେବା ଆଶଙ୍କାରେ ମୁନା ନିଜ ସ୍ତ୍ରୀ ହାତକୁ ନୋଟ୍ ବଢ଼ାଇ ଦିଏ । ଅବଶ୍ୟ ଦରକାର ବେଳେ ମୁନାକୁ ଦେଇ ପରେ ଆଦାୟ କରେ ।

ଚମତ୍କାର ଲାଗୁଥିଲା ଲଜିଂର ପରିବେଶ । ପାଞ୍ଚ ମହଲାକୁ ଲିଫ୍ଟ କନେକ୍ସନ ହୋଇଛି । ସବା ଉପରେ ରହିଛି କ୍ୟାଣ୍ଟିନ୍ । ଖାଇବା ଶୋଇବା ସୁବିଧାଜନକ ହୁଏ । ସେଠାରେ ସାମାନ ରଖି ଭକ୍ତମାନେ ଖାଲିପାଦରେ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରନ୍ତି । ମେଘନାଦ ପାଚେରୀକୁ ଲଜିଂ ଲାଗିଥିବାରୁ ତାହାର ଡିମାଣ୍ଡ ଅଧିକ ହୁଏ । ପରିଷ୍କାର ପରିଚ୍ଛନ୍ନତାକୁ ମାନିବାକୁ ପଡିବ । ବଙ୍ଗାଳୀ ପର୍ଯ୍ୟଟକ ରାତ୍ରିଯାପନ କରି ଖୁସିରେ ଫେରନ୍ତି।

ମୁନା ଭାବୁଥିଲା, ସମୟ ବଡ ବଳବାନ୍। କାହାକୁ ନେଇ ଠାକୁର କେଉଁଠି ଥୋଇବେ ତାହା ରହସ୍ୟମୟ। ଦିନେ ବାପା ପେନସନକୁ ଚାହିଁ ବସିଥିବା ପୁଅମାନଙ୍କର ଏବେର ଆରେବା ଦେଖିବା ପରି ହୋଇଛି । ଚିନୁ ସାମାନ୍ୟ ଭାବପ୍ରବଣ ହେଲା । ବୋଉ ନାମରେ ଥିବା ଜାଗାରେ ତାର ବି ଅଧିକାର ଥିଲା । ବୋଉ ଜୀବିତ ଥିବାବେଳେ ଜାଗା ତିନିଭାଇଙ୍କ ନାମରେ ଉଇଲ୍ ହେଲା। କଥା ପ୍ରସଙ୍ଗରେ ଚିନୁକୁ ପଚରା ଯାଇଥିଲା, ସେ ବୋଉ ଜାଗାରେ ଅଂଶିଦାର ହେବ କି ନାହିଁ। ମୁନାର ସାମାନ୍ୟ ଲୋଭ ଥିଲା କିନ୍ତୁ ଚିନୁ ସେ ଜାଗାରେ ଭାଗ ବସାଇଲେ ଭାଇମାନେ ଆଗକୁ ପଚରା ଲୋଡା କରି ନପାରନ୍ତି। ଏହି ଆଶଙ୍କାରେ ସେ କମ୍ପ୍ରମାଇଜ୍ କଲା। ସାମୀ ସ୍ତ୍ରୀଙ୍କ ବୁଝାମଣାରେ ଚିନୁ ନିଜର କୌଣସି ଅଧିକାର ନାହିଁ ବୋଲି ହାତ କାଟି ଲେଖିଦେଲା। ବୋଉ ସମ୍ପତ୍ତିରୁ ସେ ଅଧିକାର ହରାଇଲା କେବଳ ଭାଇ ଭାଉଜଙ୍କ ସହିତ ସମ୍ପର୍କର ଦୁହାଇ ଦେଇ। ନହେଲେ ସେ ସେହି ପ୍ଲଟରୁ ଚଉଠେ ଆଉ ଅନୁକମ୍ପା ରାଶିରୁ ଏକ ଚତୁର୍ଥାଂଶ ତାର ହୋଇ ଥାନ୍ତା । ସମୟ ସହିତ ତାଳଦେଇ ସେ ସମ୍ପର୍କର ମାୟାରେ ବିବେକାନୁମୋଦିତ କାର୍ଯ୍ୟ କରିଥିଲା।

ଗୋଟିଏ ରୁଉମ ଭିତରେ ସମସ୍ତେ ବସିଲେ। ଚିନୁ ମିଲୁ ହାତରେ ରାକ୍ଷୀ ପିନ୍ଧାଇ ମିଠା ଖୁଆଇ ଦେଲା । ବିଭିନ୍ନ ଆଡୁ କଥାବାର୍ତ୍ତାରେ ଭାଇ ଭଉଣୀ ମଜ୍ଜିଗଲେ । ତାଆରି ଭିତରେ ମିଲୁ ଫୋନ୍ ପେ ମାଧ୍ୟମରେ କିଛି ଟଙ୍କା ମୁନା ପାଖକୁ ଛାଡିଲା । ବିବେକ ଦୃଷ୍ଟିରୁ ମୁନା ନିଜ ମୋବାଇଲରେ ଆକାଉଣ୍ଟ ବାଲାନ୍ସ ଚେକ୍ ନକରି ରହିଲା। କିଛି ସମୟ ପରେ ଲଜିଂ ଛାଡି ସେମାନେ ସିଲୁ ଦିଲୁ ଘରକୁ ଯିବାକୁ ବାହାରିଲେ। ବାଟରେ ମିଠା କିଣିବାକୁ ଫୋନ ପେ ଖୋଲିବାରୁ ମୁନା ଆକାଉଣ୍ଟକୁ ମିଲୁ ପଚାଷ ହଜାର ଟଙ୍କା ପଠାଇଛି । 'ପଚାଷ ହଜାର !

ଚିନୁ ଆଶ୍ଚର୍ଯ୍ୟ ହୋଇଗଲା । ମିଲୁ ଭାରି ହିସାବୀ । ଟଙ୍କା ଦେଣ ନେଣରେ ଭାରି ଯନ୍ତ୍ରଶୀଳ। ତଥାପି ସେ ମୁନାଠାରୁ ଫୋନ୍ ନେଇ ମିଲୁକୁ ପଚାରିଲା, 'ତୁ ଏତେ ଟଙ୍କା କ'ଣ ପଠାଇଛୁ ? ବାଉଳାରେ ପାଞ୍ଚରେ ଦୁଇଟା ଶୂନ ବଦଳରେ ଚାରିଟା ଶୂନ ବସାଇ ଦେଇନୁ ତ ? ପାଞ୍ଚଶହ ରଖି ତୋ ପାଖକୁ ବଳକା ଟଙ୍କା ପଠାଇବାକୁ ଭାଇକୁ କହୁଛି....।' କଥା ଶେଷ ହେବା ପୂର୍ବରୁ ମିଲୁ କହିଲା, 'ବାଉଳାରେ ନୁହେଁ ନାନୀ । ତୋର ବି ଏ ଲଜିଂରେ ସେୟାର ଅଛି ଭାବି ଟଙ୍କା ରଖ୍। କୋଠ ସମ୍ପତ୍ତିର ଲାଭାଂଶରୁ ତତେ କିଛି ଦେଉଛି । ତୁ କାହାକୁ କିଛି କହିବୁନି। ଦରକାର ପଡିଲେ ଝିଅ ନାମରେ ଫିକ୍ସ ଡିପୋଜିଟ କରିଦବୁ ....। ଚୁନି ଆଖିରୁ ଲୁହ ବୋହି ଆସିବା ବେଳକୁ ଗୁଡୁଲି କହିଲା, 'ମାମା, ମାମୁଙ୍କୁ ବାପା ଆଉ କେବେ ଖରାପ କରି କହି ପାରିବେ ନାହିଁ । ସେମାନଙ୍କୁ ଏତେ ଅପଦାର୍ଥ, କୋଢିଆ କହିବାକୁ ମନ କରିବେନି। ମୁନା ସ୍ମିତହାସ୍ୟ କରି କଥା ଯୋଡିଲା, 'ଆଲ୍ଲା ଜବ୍ ଦେଗା ଛାପରା ଫାଡ୍ କେ ଦେଗା । ଈଶ୍ୱରଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। 'ଚିନୁ ଭାବୁଥିଲା ମିଲୁ ସ୍ତ୍ରୀ, ସିଲୁ ଓ ଦିଲୁ ପରିବାର ମିଲୁ ପ୍ରଦତ୍ତ ଟଙ୍କା କଥା ଜାଣିବା ଠିକ୍ ହେବ କି ନାହିଁ । ଝିମିଟିଖେଳ ନହେଲେବି ତିନି ଯାଆଙ୍କ ପ୍ରରୋଚନାରେ ଭାଇମାନଙ୍କ ମଧ୍ୟରେ ମହାଭାରତ ସୃଷ୍ଟି ହେବା ଅସମ୍ଭବ ନୁହେଁ !



ନିର୍ବିକାର ପ୍ରଭାତ
ହାପିକଲୋନୀ, ଗୋପ, ପୁରୀ
ଶୂନ୍ୟଭାଷ : ୭୯୭୮୬୩୫୨୭୬

ମୋହନଙ୍କ ଶାସନର ନୂଆ ପରିଚୟ

ଜନତାଙ୍କ ଦୁଆରରେ ମୁଖ୍ୟମନ୍ତ୍ରୀ

ମୋହନ ମାଝୀଙ୍କ ଶାସନରେ ଲୋକଙ୍କ ସରକାରର ନୂଆ ଅର୍ଥ ଓଡ଼ିଶାର ରାଜନୀତିରେ ସରକାର ବଦଳିବା କେବଳ ଶାସକ ବଦଳିବା ନୁହେଁ, ଶାସନର ମନୋଭାବ ବଦଳିବା ମଧ୍ୟ ହୋଇପାରେଏହି ଧାରଣା ଏବେ ଧୀରେ ଧୀରେ ଲୋକମନରେ ସ୍ଥାନ ନେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଶୈଳୀର ସବୁଠାରୁ ବଡ଼ ବିଶେଷତା ଯଦି କିଛି ଅଛି, ତେବେ ତାହା ହେଉଛି ସାଧାରଣ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ଏବଂ ଅଭିଯୋଗ ଶୁଣିବାର ମନୋଭାବ। ଜନତାଙ୍କ ଅଭିଯୋଗ ଶୁଣିବା ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ବ୍ୟବସ୍ଥାକୁ ସକ୍ରିୟ କରାଯାଇଛି ଏବଂ ସରକାରୀ ଭାବେ ଏହାକୁ ଶୀଘ୍ର ସମାଧାନ, ଉତ୍ତରଦାୟିତ୍ୱ ଓ ଲୋକକେନ୍ଦ୍ରିକ ପ୍ରଶାସନର ଏକ ମାଧ୍ୟମ ଭାବେ ଦର୍ଶାଯାଇଛି। ଏହାର ଅର୍ଥ ହେଉଛିମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିବା ମାନେ କେବଳ ଶକ୍ତିଶାଳୀ ବ୍ୟକ୍ତିଙ୍କ ପାଇଁ ଥିବା ଦୁଆର ନୁହେଁ, ସାଧାରଣ ନାଗରିକଙ୍କ ଅଧିକାର ମଧ୍ୟ। ଜଣେ ଚାଷୀ ଜମିଜମା ସମସ୍ୟା ନେଇ ଆସୁଛନ୍ତି, ଜଣେ ବିଧବା ଭତ୍ତା ପାଇଁ ଆସୁଛନ୍ତି, ଜଣେ ଛାତ୍ର ବୃତ୍ତି ପାଇଁ ଆସୁଛନ୍ତି, ଜଣେ ଶ୍ରମିକ ନିଜ ଅଧିକାର ପାଇଁ ଆସୁଛନ୍ତି, ଜଣେ ବୃଦ୍ଧ ଚିକିତ୍ସା ସହାୟତା ପାଇଁ ଆସୁଛନ୍ତିଏମାନଙ୍କ ଅଭିଯୋଗ ଯଦି ଶାସନର ଶୀର୍ଷସ୍ତରରେ ଶୁଣାଯାଏ, ତେବେ ଗଣତନ୍ତ୍ରର ଅର୍ଥ ନିଶ୍ଚିତ ଭାବେ ଅଧିକ ଜୀବନ୍ତ ହୁଏ। ଏହି କାରଣରୁ 'ଜନତାଙ୍କ ମୁଖ୍ୟମନ୍ତ୍ରୀ' ଭାବରେ ମୋହନ ମାଝୀଙ୍କ ପରିଚୟ ଗଢ଼ିଉଠିବା କେବଳ ରାଜନୈତିକ ପ୍ରଚାରର ବିଷୟ ନୁହେଁ ଏହା ପ୍ରଶାସନକୁ ଲୋକଙ୍କ ନିକଟକୁ ନେବାର ଏକ ଶାସନ ଦର୍ଶନ। ଏହି ଶାସନ ଦର୍ଶନର ପ୍ରଥମ ଦୃଷ୍ଟାନ୍ତ ହେଉଛି ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଅଭିଯୋଗ ଶୁଣାଣି।

୨୦୨୬ ଅଗଷ୍ଟ ୨୪ର ଅଭିଯୋଗ ଶୁଣାଣିରେ ସେ ସାଧାରଣ ଲୋକଙ୍କ ସମସ୍ୟା ସିଧାସଳଖ ଶୁଣି ବିଭାଗଗୁଡ଼ିକୁ ସମୟସୀମା ମଧ୍ୟରେ ନିଷ୍ପତ୍ତିମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

ଦ୍ୱିତୀୟ ଦୃଷ୍ଟାନ୍ତ ହେଉଛି ୨୦୨୬ ଜାନୁଆରୀ ୫ରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିର ଷୋଡ଼ଶ ପର୍ଯ୍ୟାୟ, ଯେଉଁଠାରେ ମଧ୍ୟ ସାଧାରଣ ଲୋକଙ୍କ ସମସ୍ୟା ଶୁଣି ତୁରନ୍ତ ସମାଧାନ ପାଇଁ ଗୁରୁତ୍ୱ ଦିଆଯାଇଥିଲା।

ତୃତୀୟ ଦୃଷ୍ଟାନ୍ତ ହେଉଛି ମହିଳା ସଶକ୍ତିକରଣ। 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାଙ୍କୁ କେବଳ ସହାୟତା ଦେବା ନୁହେଁ, ସେମାନଙ୍କୁ ନିଜ ନିଷ୍ପତ୍ତି ନିଜେ ନେବା ଓ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାର ଲକ୍ଷ୍ୟ ରଖାଯାଇଛି। ୨୦୨୬ ଅଗଷ୍ଟରେ ପଞ୍ଚମ କିସ୍ତି ଭାବେ ଏକ କୋଟିରୁ ଅଧିକ ମହିଳାଙ୍କ ଖାତାକୁ ଅର୍ଥ ପଠାଯାଇଥିବା ସରକାରୀ ତଥ୍ୟ କହୁଛି। ସେହି ଅବସରରେ ଓଡ଼ିଶାରେ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି ହୋଇଥିବା ମଧ୍ୟ ସରକାର ପ୍ରକାଶ କରିଛି। ଏହା ଏକ ବଡ଼ ପରିବର୍ତ୍ତନର ସଙ୍କେତଘରର ମହିଳାଙ୍କ ହାତକୁ ଅର୍ଥ ଯିବା ମାନେ ଘରର ଅର୍ଥନୀତିକ ନିଷ୍ପତ୍ତିରେ ତାଙ୍କ ଭୂମିକା ବଢ଼ିବା।

ଚତୁର୍ଥ ଦୃଷ୍ଟାନ୍ତ ହେଉଛି ଚାଷୀ। ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ଚାଷୀଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ କିଷାନ' ଯୋଜନା ମାଧ୍ୟମରେ ୨୦୨୬ ଏପ୍ରିଲରେ ୪୧ ଲକ୍ଷ ୬୮ ହଜାର ୫୮୨ ଜଣ ଚାଷୀଙ୍କୁ ୮୩୮ କୋଟି ୪୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା। ଉନ୍ନତ ବିହନ ସହଜରେ ପହଞ୍ଚାଇବା ପାଇଁ ଚଳନ୍ତା ବିହନ ବିକ୍ରୟ ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଥିବା ସରକାର କହିଛି। ଚାଷୀଙ୍କ ପାଇଁ ଏହାର ମହତ୍ତ୍ୱ ବୁଝିବା କଷ୍ଟକର ନୁହେଁଚାଷ ସମୟରେ ଭଲ ବିହନ, ଜଳସେଚନ, ବଜାର ଓ ଅର୍ଥ ଯଦି ନିକଟରେ ମିଳେ, ତେବେ କୃଷି କେବଳ ଜୀବିକା ନୁହେଁ, ଆୟର ଉତ୍ସ ହୋଇପାରିବ।

ପଞ୍ଚମ ଦୃଷ୍ଟାନ୍ତ ହେଉଛି ଗରିବ ପରିବାରର ଖାଦ୍ୟ ନିରାପତ୍ତା। 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମାଗଣା ପାଞ୍ଚ କିଲୋଗ୍ରାମ ଚାଉଳ ଦେବା ଏବଂ ପ୍ରାୟ ୮୦ ପ୍ରତିଶତ ଜନସଂଖ୍ୟାକୁ ଏହାର ଲାଭ ଦେବାର ବ୍ୟବସ୍ଥା ଘୋଷିତ ହୋଇଛି। ଭୋକ ପେଟରେ ବିକାଶର ଭାଷଣର କୌଣସି ମୂଲ୍ୟ ନାହିଁ। ତେଣୁ ଗରିବଙ୍କ ଥାଳିରେ ଖାଦ୍ୟ ପହଞ୍ଚାଇବା ଯେକୌଣସି ଲୋକକଲ୍ୟାଣମୂଳକ ସରକାରର ପ୍ରଥମ କର୍ତ୍ତବ୍ୟ।

ଷଷ୍ଠ ଦୃଷ୍ଟାନ୍ତ ହେଉଛି ସ୍ୱାସ୍ଥ୍ୟ ସୁରକ୍ଷା। 'ଆୟୁଷ୍ମାନ ଭାରତଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ମାଧ୍ୟମରେ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କୁ ଚିକିତ୍ସା ସୁବିଧା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାର ସ୍ୱାସ୍ଥ୍ୟ ଢାଞ୍ଚାରେ ମାତୃ ଓ ଶିଶୁ ସେବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି ୨୦୨୫ ପର୍ଯ୍ୟନ୍ତ ରାଜ୍ୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଅନେକ ପ୍ରତିଷ୍ଠାନମୂଳକ ବ୍ୟବସ୍ଥା ସୁଦୃଢ଼ ହୋଇଥିବା ଆର୍ଥିକ ସର୍ବେକ୍ଷଣ ଦର୍ଶାଉଛି।

ସପ୍ତମ ଦୃଷ୍ଟାନ୍ତ ହେଉଛି ଶିକ୍ଷା। ପ୍ରତ୍ୟେକ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସୃଷ୍ଟିର ଲକ୍ଷ୍ୟ, ଆଦର୍ଶ ବିଦ୍ୟାଳୟ ଢାଞ୍ଚା, ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷା ଓ ଶିକ୍ଷକ ନିଯୁକ୍ତି ଭଳି କ୍ଷେତ୍ରରେ ଗତି ଦିଆଯାଉଛି। ରାଜ୍ୟ ଆର୍ଥିକ ସର୍ବେକ୍ଷଣ ଅନୁସାରେ ଶିକ୍ଷା ପାଇଁ ୨୦୨୪୨୫ରେ ୩୨.୩ ହଜାର କୋଟି ଟଙ୍କାର ବଜେଟ ଆକାର ରହିଥିଲା ଏବଂ ବିଭିନ୍ନ ଯୋଜନାରେ ବିଦ୍ୟାଳୟ ଭିତ୍ତିଭୂମି, ମୌଳିକ ସାକ୍ଷରତା ଓ ଶିକ୍ଷକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି।

ଅଷ୍ଟମ ଦୃଷ୍ଟାନ୍ତ ହେଉଛି ଦକ୍ଷତା ବିକାଶ। ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରର ବିସ୍ତାର ସହ ସମ୍ବଲପୁର ଓ ବ୍ରହ୍ମପୁରରେ ନୂଆ ପରିସର ସ୍ଥାପନର ନିଷ୍ପତ୍ତି ନିଆଯାଇଛି। ଏହାର ଲକ୍ଷ୍ୟ କେବଳ ପ୍ରମାଣପତ୍ର ଦେବା ନୁହେଁ ଯୁବକଯୁବତୀଙ୍କୁ ଚାକିରିଯୋଗ୍ୟ ଓ ଉଦ୍ୟୋଗଯୋଗ୍ୟ କରିବା।

ନବମ ଦୃଷ୍ଟାନ୍ତ ହେଉଛି ଜଳସେଚନ। ଆଗାମୀ ଚାରି ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦେବାର ଲକ୍ଷ୍ୟ ସରକାର ରଖିଛି। ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ୫୭ ହଜାର ହେକ୍ଟର ଜମି ପାଇଁ ଭୂତଳ ଜଳନଳୀ ଜଳସେଚନ ବ୍ୟବସ୍ଥା ପାଇଁ ୩୧୦ କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିବା ସରକାରୀ ତଥ୍ୟରେ ରହିଛି। ଗଞ୍ଜାମରେ ୬,୩୪୩ ହେକ୍ଟର ଜମି ପାଇଁ ମଧ୍ୟ ଜଳସେଚନ ବ୍ୟବସ୍ଥାର ନିଷ୍ପତ୍ତି ହୋଇଛି।

ଦଶମ ଦୃଷ୍ଟାନ୍ତ ହେଉଛି ରାସ୍ତା ଓ ଯାତାୟାତ। ଜୟଦେବ ବିହାରନନ୍ଦନକାନନ ଉନ୍ନତ ରାସ୍ତା ପାଇଁ ପ୍ରାୟ ୯୫୨ କୋଟି ଟଙ୍କାର ପ୍ରକଳ୍ପ, ନୂଆ ଅଟଳ ବସ ଷ୍ଟାଣ୍ଡ, ନୂଆ ବସ, ବିଦ୍ୟୁତ ଯାନ ଚାର୍ଜିଂ କେନ୍ଦ୍ର ଓ ଯାତାୟାତ ବ୍ୟବସ୍ଥା ଆଧୁନିକୀକରଣ ଭଳି ପଦକ୍ଷେପ ନିଆଯାଇଛି। ୨୦୨୬ ଜାନୁଆରୀରେ ୭୧ଟି କାର୍ଯ୍ୟ ବାବଦରେ ପ୍ରାୟ ୬,୭୦୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଥିବା ସରକାରୀ ତଥ୍ୟ କହୁଛି।

ଏକାଦଶ ଦୃଷ୍ଟାନ୍ତ ହେଉଛି ସହରୀ ଭିତ୍ତିଭୂମି। ୨୦୨୬ ଅଗଷ୍ଟରେ ୬୨ଟି ସହରାଞ୍ଚଳ ପାଇଁ ୫୯୩ଟି ପ୍ରକଳ୍ପ ଆରମ୍ଭ ହୋଇଥିଲା, ଯାହାରେ ୪୨୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୧୭୦ଟିର ଶିଳାନ୍ୟାସ ହୋଇଛି। ନୂଆ ୨୮ଟି ନଗର ପରିଷଦ ଅଞ୍ଚଳ ପାଇଁ ୫୬୦ କୋଟି ଟଙ୍କାର ବିଶେଷ ପ୍ୟାକେଜ ମଧ୍ୟ ଘୋଷିତ ହୋଇଛି। ଏହି ପ୍ରକଳ୍ପର ଅର୍ଥ କେବଳ ରାସ୍ତା କିମ୍ବା ନାଳ ନୁହେଁ ଏହା ଜଣେ ସାଧାରଣ ନାଗରିକଙ୍କ ଦୈନନ୍ଦିନ ଜୀବନ ସହ ସିଧାସଳଖ ଜଡ଼ିତ। ବର୍ଷାରେ ରାସ୍ତାରେ ପାଣି ଜମିବ ନାହିଁ, ବଜାରକୁ ଯିବା ସହଜ ହେବ, ଯାତାୟାତ ଶୀଘ୍ର ହେବଏହା ହେଉଛି ଲୋକଙ୍କ ଭାଷାରେ ବିକାଶ।

ଦ୍ୱାଦଶ ଦୃଷ୍ଟାନ୍ତ ହେଉଛି ଶିଳ୍ପ ଓ ନିଯୁକ୍ତି। ଓଡ଼ିଶାକୁ ନିବେଶର ଗନ୍ତବ୍ୟ କରିବା ପାଇଁ ବିଭିନ୍ନ ଦେଶରେ ନିବେଶକ ସମ୍ମିଳନୀ, ଆଲୋଚନା ଓ ରୋଡ୍‌ସୋ ହୋଇଛି। ୨୦୨୬ ଜୁନରେ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ ୯ଟି ଜିଲ୍ଲାରେ ୨୦ଟି ବଡ଼ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଥିଲେ ଏଥିରେ ୭୬,୬୧୨ କୋଟି ଟଙ୍କାର ନିବେଶ ଓ ୫୦,୫୦୦ରୁ ଅଧିକ ନିଯୁକ୍ତି ସୃଷ୍ଟିର ସମ୍ଭାବନା ଦର୍ଶାଯାଇଛି। ଏହାର ଅର୍ଥ ହେଉଛି ଓଡ଼ିଶାର ବିକାଶ ଏବେ କେବଳ ପାରମ୍ପରିକ ଶିଳ୍ପରେ ସୀମିତ ରହିବାକୁ ଚାହୁଁନାହିଁ ହରିତ ଶକ୍ତି, ଔଷଧ, ବିଦ୍ୟୁତ ଯାନ ଉପକରଣ, ଦୁର୍ଲଭ ଖଣିଜ ଆଧାରିତ ଉତ୍ପାଦ, ରେଳ ଉପକରଣ ଓ ଆଧୁନିକ ଉତ୍ପାଦନ କ୍ଷେତ୍ରକୁ ମଧ୍ୟ ଆଗକୁ ନେବାର ଚେଷ୍ଟା ହେଉଛି।

ତ୍ରୟୋଦଶ ଦୃଷ୍ଟାନ୍ତ ହେଉଛି ନୂଆ ପ୍ରଯୁକ୍ତି ଓ ଭବିଷ୍ୟତର ଅର୍ଥନୀତି। ଅର୍ଦ୍ଧଚାଳକ, ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତ୍ତା ଭଳି ଆଧୁନିକ କ୍ଷେତ୍ର ପାଇଁ ନୀତି ତିଆରି କରାଯାଉଛି। ନରାଜ ନିକଟରେ ବୃହତ୍ 'ସିଲିକନ୍ ଭ୍ୟାଲି' ଭଳି ପ୍ରଯୁକ୍ତି ଶିଳ୍ପ ଅଞ୍ଚଳର ଧାରଣା ଓ ନିବେଶ ପ୍ରସ୍ତାବ ଓଡ଼ିଶାକୁ ଖଣିଜ ଅର୍ଥନୀତିରୁ ଜ୍ଞାନ ଓ ପ୍ରଯୁକ୍ତି ଅର୍ଥନୀତିକୁ ନେବାର ସମ୍ଭାବନା ସୃଷ୍ଟି କରୁଛି। ଏହି ପରିବର୍ତ୍ତନର ଅର୍ଥ ଆଗାମୀ ପିଢ଼ିର ଯୁବକଙ୍କ ପାଇଁ ନୂଆ ପ୍ରକାରର ଚାକିରି।

ଚତୁର୍ଦ୍ଦଶ ଦୃଷ୍ଟାନ୍ତ ହେଉଛି ଜନଜାତି ବିକାଶ। ମୋହନ ମାଝୀ ନିଜେ ଜନଜାତି ସମାଜରୁ ଆସିଥିବାରୁ ଜନଜାତି ଅଞ୍ଚଳର ଶିକ୍ଷା, ଦକ୍ଷତା, ଜୀବିକା ଓ ମୌଳିକ ସୁବିଧା ପ୍ରତି ତାଙ୍କ ଶାସନରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ଦେଖାଯାଉଛି। ଦୁଇ ବର୍ଷରେ ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଅଧୀନରେ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୧,୬୧୬ କୋଟିରୁ ଅଧିକ ଟଙ୍କାର ଲାଭ ପହଞ୍ଚିଥିବା ସରକାରୀ ତଥ୍ୟରେ ଉଲ୍ଲେଖ ରହିଛି। ଏହା ଦର୍ଶାଏ ଯେ ଜନଜାତି ବିକାଶକୁ କେବଳ ଭୋଟର ରାଜନୀତି ଭାବେ ନୁହେଁ, ମାନବ ସମ୍ପଦ ଉନ୍ନୟନ ଭାବେ ଦେଖିବାର ଆବଶ୍ୟକତା ରହିଛି।

ପଞ୍ଚଦଶ ଦୃଷ୍ଟାନ୍ତ ହେଉଛି ଗ୍ରାମୀଣ ପାନୀୟଜଳ। ଦୁଇ ବର୍ଷରେ ୧୫,୨୦୦ରୁ ଅଧିକ ଘରକୁ ପାଇପ ଜଳ ଯୋଗାଣ ଓ ୩ ଲକ୍ଷ ୫୨ ହଜାରରୁ ଅଧିକ ପରିବାରକୁ ନଳ ସଂଯୋଗ ଦିଆଯାଇଥିବା ସରକାରୀ ତଥ୍ୟରେ ରହିଛି। ଗ୍ରାମର ଜଣେ ମହିଳାଙ୍କ ପାଇଁ ଦୂରରୁ ପାଣି ଆଣିବାର ସମୟ କମିବା ମାନେ ତାଙ୍କ ପାଇଁ ଅତିରିକ୍ତ ଶିକ୍ଷା, ଜୀବିକା କିମ୍ବା ପରିବାର ପାଇଁ ସମୟ ସୃଷ୍ଟି ହେବା। ତେଣୁ ପାଇପ ଜଳ ଯୋଗାଣ ମଧ୍ୟ ଏକ ମହାନ ସାମାଜିକ ପରିବର୍ତ୍ତନ।



ଷୋଡ଼ଶ ଦୃଷ୍ଟାନ୍ତ ହେଉଛି ପର୍ଯ୍ୟଟନ। ରାଜ୍ୟରେ ୨୦୮ଟି ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ ପାଇଁ ପ୍ରାୟ ୬୭୮ କୋଟି ୪୮ ଲକ୍ଷ ଟଙ୍କାର ନିବେଶ ଅନୁମୋଦନ ହୋଇଥିବା ସରକାରୀ ତଥ୍ୟରେ ରହିଛି। ଓଡ଼ିଶାର ପୁରୀ, କୋଣାର୍କ, ଚିଲିକା, ସିମିଳିପାଳ, ଭିତରକନିକା, ଦାରିଙ୍ଗବାଡ଼ି, ଗୋପାଳପୁର, ହୀରାକୁଦ ଓ ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେଲେ ତାହାର ଲାଭ କେବଳ ବଡ଼ ବ୍ୟବସାୟୀଙ୍କୁ ନୁହେଁ, ହୋଟେଲ, ଗାଡ଼ି, ହସ୍ତଶିଳ୍ପ, ଖାଦ୍ୟ, ଗାଇଡ୍, ଛୋଟ ବ୍ୟବସାୟ ଓ ସ୍ଥାନୀୟ ଯୁବକଙ୍କୁ ମଧ୍ୟ ମିଳିପାରେ।

ସପ୍ତଦଶ ଏବଂ ସବୁଠାରୁ ମାନବୀୟ ଦୃଷ୍ଟାନ୍ତ ହେଉଛି ବିପର୍ଯ୍ୟୟ ପରିଚାଳନା। ଓଡ଼ିଶା ବାତ୍ୟା, ବନ୍ୟା ଓ ଅତିବର୍ଷାର ରାଜ୍ୟ। ତେଣୁ ବିପଦ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଓ ପ୍ରଶାସନର ତତ୍ପରତା ଲୋକଙ୍କ ଜୀବନ ସହ ସିଧାସଳଖ ସମ୍ପର୍କିତ। ୨୦୨୬ ସେପ୍ଟେମ୍ବରରେ ଗଭୀର ଅବପାତ ଯୋଗୁଁ ଭାରି ବର୍ଷାର ଆଶଙ୍କା ସମୟରେ ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକ କରି ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ ଚବିଶ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ, ଉଦ୍ଧାରକାରୀ ଦଳ, ଖାଦ୍ୟ, ଶିଶୁ ଖାଦ୍ୟ, ଔଷଧ ଓ ପାନୀୟଜଳର ବ୍ୟବସ୍ଥା ଉପରେ ଜୋର ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବର୍ଷାପ୍ରଭାବିତ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ହୋଇ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଜୋର ଦେଇଥିବା ସରକାରୀ ସୂଚନା ଦର୍ଶାଏ। ଏଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠେ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' କହିବାର ମାପଦଣ୍ଡ କ'ଣ? କେବଳ ସାଧାରଣ ପୋଷାକ ପିନ୍ଧିବା, ଲୋକଙ୍କ ସହ ହାତ ମିଳାଇବା କିମ୍ବା ଗାଁକୁ ଯିବା ନୁହେଁ। ଏହାର ପ୍ରକୃତ ମାପଦଣ୍ଡ ହେଉଛିଲୋକଙ୍କ ଅଭିଯୋଗ ଶୁଣାଯାଉଛି କି ନାହିଁ, ନିଷ୍ପତ୍ତି ହେଉଛି କି ନାହିଁ, ନିଷ୍ପତ୍ତିର ଫଳ ଲୋକଙ୍କ ଘରକୁ ପହଞ୍ଚୁଛି କି ନାହିଁ। ମୋହନ ମାଝୀ ସରକାରର ଦୁଇ ବର୍ଷ ପୂର୍ତ୍ତି ସମୟରେ ସରକାର ୧୨୧ଟି ନୂଆ ଯୋଜନା, କାର୍ଯ୍ୟକ୍ରମ କିମ୍ବା ପଦକ୍ଷେପ ଘୋଷଣା ହୋଇଥିବା କହିଥିଲା। ଏହି ସଂଖ୍ୟା ନିଜେ ବଡ଼ କିନ୍ତୁ ଯେକୌଣସି ସରକାର ପାଇଁ ଯୋଜନାର ସଂଖ୍ୟାଠାରୁ ତାହାର ଫଳାଫଳ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆଗାମୀ ପର୍ଯ୍ୟାୟରେ ମୋହନ ମାଝୀ ସରକାରର ସବୁଠାରୁ ବଡ଼ ପରୀକ୍ଷା ହେବଘୋଷଣାକୁ ଦୃଶ୍ୟମାନ ପରିଣାମରେ ପରିଣତ କରିବା। ନିବେଶ ଘୋଷଣା ହେଲେ ନିଯୁକ୍ତି କେତେ ହେଲା, ରାସ୍ତା ଘୋଷଣା ହେଲେ ରାସ୍ତା କେତେ ସମୟରେ ସରିଲା, ଜଳସେଚନ ଘୋଷଣା ହେଲେ କେତେ ଜମିରେ ପାଣି ପହଞ୍ଚିଲା, ସୁଭଦ୍ରାର ଅର୍ଥ ପାଇଲେ କେତେ ମହିଳା ଉଦ୍ୟମୀ ହେଲେ, ଚାଷୀ ସହାୟତା ପାଇଲେ ତାଙ୍କ ଆୟ କେତେ ବଢ଼ିଲାଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ସରକାରର ସଫଳତାର ପ୍ରକୃତ ମାପକ ହେବ।

ଏଠାରେ ଆଉ ଗୋଟିଏ ବିଶେଷତା। ଉଲ୍ଲେଖଯୋଗ୍ୟ। ମୋହନ ମାଝୀଙ୍କ ରାଜନୈତିକ ଯାତ୍ରା ତଳସ୍ତରରୁ ଆରମ୍ଭ ହୋଇଥିଲା। ସେ ଗ୍ରାମ ପଞ୍ଚାୟତ ସରପଞ୍ଚ ଭାବେ ରାଜନୀତିରେ ପ୍ରବେଶ କରିଥିଲେ, ପରେ ବିଧାନସଭାକୁ ଯାଇଥିଲେ ଏବଂ ୨୦୨୪ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ଓଡ଼ିଶାର ପ୍ରଥମ ସାନ୍ତାଳ ଜନଜାତି ମୁଖ୍ୟମନ୍ତ୍ରୀ। ତେଣୁ ତାଙ୍କ ଶାସନର ମୂଳ ଶକ୍ତି ଯଦି ତଳସ୍ତରର ଅଭିଜ୍ଞତା ହୁଏ, ତେବେ ତାହା ପ୍ରଶାସନରେ ମଧ୍ୟ ପ୍ରତିଫଳିତ ହେବା ଦରକାର। ସରକାରୀ କାର୍ଯ୍ୟାଳୟରେ ଲୋକଙ୍କୁ ଅନାବଶ୍ୟକ ଦୌଡ଼ାଇବା ନୁହେଁ, ଗୋଟିଏ ଅଭିଯୋଗର ସମାଧାନ ପାଇଁ ଅନେକ ଦୁଆର ଘୁରାଇବା ନୁହେଁ, ଦଲାଲଙ୍କ ଆଶ୍ରୟ ନେବାକୁ ବାଧ୍ୟ କରିବା ନୁହେଁଏହି ପରିବର୍ତ୍ତନ ହେଉଛି ପ୍ରକୃତ ଲୋକକେନ୍ଦ୍ରିକ ଶାସନ। ସେଥିପାଇଁ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ସଫଳତାକୁ କେବଳ କେତେ ଲୋକ ଆସିଲେ ତାହାରେ ନୁହେଁ, କେତେ ସମସ୍ୟାର ସମାଧାନ ହେଲା ତାହାରେ ମାପିବା ଦରକାର। ସରକାର ୯୫ ପ୍ରତିଶତ ଅଭିଯୋଗ ସମାଧାନ ହୋଇଥିବା କହିଛି। ଏହି ଦାବିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ବିଭାଗଭିତ୍ତିକ ସମାଧାନର ତଥ୍ୟ, ସମୟସୀମା ଓ ନାଗରିକ ସନ୍ତୁଷ୍ଟିର ମାପକ ପ୍ରକାଶ କରାଗଲେ ଜନସାଧାରଣଙ୍କ ବିଶ୍ୱାସ ଆହୁରି ବଢ଼ିବ। ଲୋକଙ୍କ ମୁଖ୍ୟମନ୍ତ୍ରୀ ହେବାର ଅର୍ଥ ହେଉଛି ଲୋକଙ୍କୁ ନିଜର ଭାବିବା, ତାଙ୍କ ଅସୁବିଧାକୁ ନିଜର ଅସୁବିଧା ଭାବିବା ଓ ଶାସନର ଶେଷ ଫଳକୁ ଲୋକଙ୍କ ଘରଦୁଆରରେ ମାପିବା। ଏହି ଦୃଷ୍ଟିରୁ ମୋହନ ମାଝୀ ସରକାରରେ ଏକାସାଙ୍ଗେ ଦୁଇଟି ପରିବର୍ତ୍ତନ ଦେଖାଯାଉଛିଗୋଟିଏ ପଟେ ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ, ଅନ୍ୟପଟେ ବଡ଼ ଭିତ୍ତିଭୂମି ଓ ଶିଳ୍ପ ନିବେଶର ପ୍ରୟାସ। ଏହି ଦୁଇଟିର ସମନ୍ୱୟ ହେଲେ ହିଁ ଓଡ଼ିଶାର ପ୍ରକୃତ ପରିବର୍ତ୍ତନ ସମ୍ଭବ। କାରଣ କେବଳ ଶିଳ୍ପ ହେଲେ ବିକାଶ ସମ୍ପୂର୍ଣ୍ଣ ହୁଏନାହିଁ ଶିଳ୍ପରୁ ସ୍ଥାନୀୟ ଯୁବକଙ୍କୁ ଚାକିରି ମିଳିବା ଦରକାର। କେବଳ ରାସ୍ତା ହେଲେ ବିକାଶ ହୁଏନାହିଁ ଚାଷୀଙ୍କ ଉତ୍ପାଦ ବଜାରକୁ ଶୀଘ୍ର ପହଞ୍ଚିବା ଦରକାର। କେବଳ ବିଦ୍ୟାଳୟ ଘର ହେଲେ ଶିକ୍ଷା ବିକାଶ ହୁଏନାହିଁ ଶିକ୍ଷକ, ପୁସ୍ତକ, ପ୍ରଯୁକ୍ତି ଓ ଶିକ୍ଷାର ଗୁଣ ଦରକାର। କେବଳ ହସ୍ପିଟାଲ ହେଲେ ସ୍ୱାସ୍ଥ୍ୟ ସୁରକ୍ଷା ହୁଏନାହିଁ ଡାକ୍ତର, ନର୍ସ, ଔଷଧ ଓ ଆପାତକାଳୀନ ସେବା ଦରକାର। କେବଳ ମହିଳାଙ୍କ ଖାତାକୁ ଅର୍ଥ ଯିବା ଯଥେଷ୍ଟ ନୁହେଁ ସେହି ଅର୍ଥରୁ ଉଦ୍ୟମ, ସଞ୍ଚୟ, ଆୟ ଓ ଆତ୍ମନିର୍ଭରତା ବଢ଼ିବା ଦରକାର।

ଏହି କାରଣରୁ ମୋହନ ମାଝୀ ସରକାରର ଆଗାମୀ ପର୍ଯ୍ୟାୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଏବେ ଏକ ନୂଆ ସନ୍ଧିକ୍ଷଣରେ ଅଛି। ଗୋଟିଏ ପଟେ ବନ୍ଦର, ଶିଳ୍ପ, ଖଣିଜ, ଇସ୍ପାତ, ଶକ୍ତି ଓ ପ୍ରଯୁକ୍ତି ଅନ୍ୟପଟେ ଚାଷୀ, ମହିଳା, ଯୁବକ, ଛାତ୍ର, ଶ୍ରମିକ, ଜନଜାତି ଓ ଗରିବ ପରିବାର। ଏହି ଦୁଇ ଓଡ଼ିଶାକୁ ଏକାଠି କରିପାରିଲେ ହିଁ 'ସମୃଦ୍ଧ ଓଡ଼ିଶା' ଲକ୍ଷ୍ୟ ସାର୍ଥକ ହେବ। ନିବେଶର ଦ୍ୱାର ଖୋଲିବା ସହଜ କିନ୍ତୁ ସେହି ନିବେଶର ଲାଭ ଗାଁକୁ ନେବା କଷ୍ଟକର। ସେହି କାମଟି ହିଁ ମୁଖ୍ୟମନ୍ତ୍ରୀଙ୍କ ସବୁଠାରୁ ବଡ଼ ପରୀକ୍ଷା। ବିଦେଶୀ ନିବେଶ ଆକର୍ଷଣ ପାଇଁ ୨୦୨୬ରେ ଯୁକ୍ତ ଆରବ ଏମିରେଟସ୍‌ରେ ନିବେଶକ ସମ୍ମିଳନୀ ମାଧ୍ୟମରେ ଶିଳ୍ପ, ବନ୍ଦର, ଗୁରୁତ୍ୱପୂର୍ଣ୍ଣ ଖଣିଜ, ପୁନର୍ନବୀକରଣ ଶକ୍ତି, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଭଳି କ୍ଷେତ୍ରରେ ସହଯୋଗ ଉପରେ ଜୋର ଦିଆଯାଇଥିଲା। ଏହି ନିବେଶ ଯଦି ଯୁବକଙ୍କ ନିଯୁକ୍ତି, ଛୋଟ ବ୍ୟବସାୟର ବୃଦ୍ଧି ଓ ଜିଲ୍ଲାଭିତ୍ତିକ ସମତୁଳିତ ବିକାଶରେ ପରିଣତ ହୁଏ, ତେବେ ତାହା ଓଡ଼ିଶାର ଅର୍ଥନୀତିକ ଭବିଷ୍ୟତକୁ ବଦଳାଇପାରିବ। ସେହିପରି ସହର ବିକାଶରେ ମଧ୍ୟ ନୂଆ ଚିନ୍ତା ଦେଖାଯାଉଛି। ନଗରାଞ୍ଚଳରେ ପ୍ରଶାସନକୁ ଦ୍ରୁତ କରିବା ପାଇଁ ଭିଡିଓ ସମ୍ମିଳନ ବ୍ୟବସ୍ଥା ଆରମ୍ଭ କରାଯାଇଛି, ଯାହା ୧୧୫ଟି ପୌରସଂସ୍ଥାକୁ ଯୋଡ଼ିବାର ଲକ୍ଷ୍ୟ ରଖିଛି। ଏହାର ଅର୍ଥ ପ୍ରଶାସନ ଯେତେ ଡିଜିଟାଲ ହେବ, ସାଧାରଣ ଲୋକଙ୍କ ଅଫିସ ଦୌଡ଼ାଦୌଡ଼ି ସେତେ କମିବାର ସମ୍ଭାବନା ରହିବ। କିନ୍ତୁ ପ୍ରଯୁକ୍ତି ସହ ମାନବୀୟ ସ୍ପର୍ଶ ମଧ୍ୟ ଆବଶ୍ୟକ। ବୃଦ୍ଧ ଲୋକ, ଅଶିକ୍ଷିତ ଲୋକ, ଦୂରଦୂରାନ୍ତର ଗ୍ରାମବାସୀ କିମ୍ବା ଡିଜିଟାଲ ବ୍ୟବସ୍ଥାରେ ଅଭ୍ୟସ୍ତ ନଥିବା ଲୋକଙ୍କ ପାଇଁ ସରକାରୀ ସେବା ସହଜ ରହିବା ଦରକାର।

ଏଠାରେ 'ଲୋକଙ୍କ ମୁଖ୍ୟମନ୍ତ୍ରୀ'ର ଧାରଣା ପୁଣି ଗୁରୁତ୍ୱ ପାଏ। ଲୋକଙ୍କ ଅଭିଯୋଗ ଶୁଣିବାର ଦୁଆର ଖୋଲା ରହିବା ଦରକାର, କିନ୍ତୁ ସେହି ଦୁଆର ପର୍ଯ୍ୟନ୍ତ ପହଞ୍ଚିବାର ଯାତ୍ରା ମଧ୍ୟ ସହଜ ହେବା ଦରକାର। ପ୍ରଶାସନର ଶେଷ ସଫଳତା ହେଉଛିନାଗରିକଙ୍କୁ ସରକାରୀ କାର୍ଯ୍ୟାଳୟର ଦୁଆରରେ ଦଣ୍ଡାୟମାନ କରି ରଖିବା ନୁହେଁ, ସେବାକୁ ନାଗରିକଙ୍କ ଘର ନିକଟକୁ ନେଇଯିବା। ଏହି ମନୋଭାବରେ ଓଡ଼ିଶା ଯଦି ଆଗକୁ ବଢ଼େ, ତେବେ ଶାସନର ଚରିତ୍ର ବଦଳିପାରିବ। ମୋହନ ମାଝୀ ସରକାର ନିଜକୁ 'ଲୋକଙ୍କ ସରକାର' ଭାବେ ପରିଚୟ ଦେଉଛି।

ଏହି ପରିଚୟର ସବୁଠାରୁ ବଡ଼ ଦାୟିତ୍ୱ ମଧ୍ୟ ରହିଛିଲୋକଙ୍କ ଆଶାକୁ ଭାଙ୍ଗିବା ନୁହେଁ। ରାଜନୀତିରେ ପ୍ରତିଶ୍ରୁତି ଦେବା ସହଜ, ପ୍ରତିଶ୍ରୁତି ପୂରଣ କରିବା କଷ୍ଟକର। ଲୋକଙ୍କ ଅଭିଯୋଗ ଶୁଣିବା ସହଜ, ମୂଳ ସମସ୍ୟା ସମାଧାନ କରିବା କଷ୍ଟକର। ପ୍ରକଳ୍ପ ଘୋଷଣା କରିବା ସହଜ, ସମୟରେ ପ୍ରକଳ୍ପ ସରାଇବା କଷ୍ଟକର। ତେଣୁ ଆଗାମୀ ଦିନରେ ସରକାରର ପ୍ରତ୍ୟେକ ଘୋଷଣା ସହ ଦାୟିତ୍ୱ, ସମୟସୀମା ଓ ଫଳାଫଳକୁ ଯୋଡ଼ିବା ଆବଶ୍ୟକ। ଓଡ଼ିଶାର ସାଧାରଣ ଲୋକ ଆଉ କେବଳ ଭାଷଣ ଶୁଣିବାକୁ ଚାହୁଁନାହାନ୍ତି ସେମାନେ ରାସ୍ତା ଚାହାନ୍ତି, ପାଣି ଚାହାନ୍ତି, ଚାକିରି ଚାହାନ୍ତି, ଭଲ ହସ୍ପିଟାଲ ଚାହାନ୍ତି, ଭଲ ବିଦ୍ୟାଳୟ ଚାହାନ୍ତି, ଚାଷୀ ନ୍ୟାୟସଙ୍ଗତ ମୂଲ୍ୟ ଚାହାନ୍ତି, ମହିଳା ନିରାପତ୍ତା ଓ ସ୍ୱାବଲମ୍ବନ ଚାହାନ୍ତି, ଯୁବକ ନିଯୁକ୍ତି ଚାହାନ୍ତି, ବୃଦ୍ଧ ସମ୍ମାନ ଚାହାନ୍ତି। ଏହି ମୌଳିକ ଆଶା ପୂରଣ ହେଲେ ହିଁ ବିକାଶର ଅର୍ଥ ଲୋକଙ୍କ ଜୀବନରେ ଦେଖାଯିବ। ଏହି ଦୃଷ୍ଟିରୁ ମୋହନ ମାଝୀଙ୍କ ଶାସନର ସକାରାତ୍ମକ ଦିଗ ହେଉଛିସରକାରୀ ଯୋଜନାର ତାଲିକାକୁ ଲୋକଙ୍କ ଆବଶ୍ୟକତା ସହ ଯୋଡ଼ିବାର ଚେଷ୍ଟା।

ମହିଳାଙ୍କ ପାଇଁ ସୁଭଦ୍ରା, ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ କିଷାନ, ଗରିବଙ୍କ ପାଇଁ ଅନ୍ନପୂର୍ଣ୍ଣା, ଛାତ୍ରଙ୍କ ପାଇଁ ଶିକ୍ଷା ଓ ଦକ୍ଷତା, ଯୁବକଙ୍କ ପାଇଁ ଶିଳ୍ପ ଓ ନିଯୁକ୍ତି, ଗ୍ରାମ ପାଇଁ ପାନୀୟଜଳ ଓ ଜଳସେଚନ, ସହର ପାଇଁ ଭିତ୍ତିଭୂମି, ସମଗ୍ର ରାଜ୍ୟ ପାଇଁ ନିବେଶ ଓ ବିପର୍ଯ୍ୟୟ ସମୟରେ ତତ୍ପରତାଏହି ସବୁକୁ ଏକାଠି କଲେ ଏକ ବିସ୍ତୃତ ଶାସନ ଚିତ୍ର ଦେଖାଯାଏ। ତଥାପି ସମ୍ପାଦକୀୟ ଦୃଷ୍ଟିରୁ ଏକ କଥା ସ୍ପଷ୍ଟ କହିବା ଆବଶ୍ୟକସକାରାତ୍ମକତା ମାନେ ଅନ୍ଧ ପ୍ରଶଂସା ନୁହେଁ। ଜନସମର୍ଥିତ ସରକାରକୁ ଜନତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ହିଁ ପଡ଼ିବ। ଯେଉଁଠାରେ ତ୍ରୁଟି ଅଛି, ସେଠାରେ ସୁଧାର ଦରକାର ଯେଉଁଠାରେ ଦୁର୍ନୀତି ଅଛି, ସେଠାରେ କଠୋରତା ଦରକାର ଯେଉଁଠାରେ ପ୍ରକଳ୍ପ ବିଳମ୍ବ ହେଉଛି, ସେଠାରେ ଜବାବଦେହି ନିର୍ଦ୍ଧାରଣ ଦରକାର ଯେଉଁଠାରେ ଅଭିଯୋଗ ଅସମାଧାନ ରହିଛି, ସେଠାରେ ଅଧିକାରୀଙ୍କୁ ଦାୟୀ କରିବା ଦରକାର। ଏହି କଠୋରତା ହିଁ ପ୍ରକୃତ ଜନପ୍ରିୟ ଶାସନର ଚିହ୍ନ। ଲୋକଙ୍କ ମୁଖ୍ୟମନ୍ତ୍ରୀ ହେବାର ସବୁଠାରୁ ବଡ଼ ପ୍ରମାଣ ହେବଜଣେ ଗରିବ ନାଗରିକ ନିଜ ସମସ୍ୟା ନେଇ ସରକାରୀ ବ୍ୟବସ୍ଥାକୁ ଭୟ କରିବେ ନାହିଁ ଜଣେ ମହିଳା ନିଜ ଅଧିକାର ପାଇଁ ଦୃଢ଼ ଭାବେ କହିପାରିବେ ଜଣେ ଚାଷୀ ନିଜ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ଦାବି କରିପାରିବେ ଜଣେ ଛାତ୍ର ନିଜ ଭବିଷ୍ୟତ ପାଇଁ ସୁଯୋଗ ପାଇପାରିବେ ଜଣେ ଯୁବକ ଚାକିରି ପାଇଁ ରାଜ୍ୟ ଛାଡ଼ିବାକୁ ବାଧ୍ୟ ହେବେ ନାହିଁ ଜଣେ ବୃଦ୍ଧ ଚିକିତ୍ସା ପାଇଁ ଅସହାୟ ହେବେ ନାହିଁ ଏବଂ ଜଣେ ସାଧାରଣ ନାଗରିକ ନିଜ ଅଭିଯୋଗର ଉତ୍ତର ପାଇବେ। ଏହି ଲକ୍ଷ୍ୟ ଯଦି ପ୍ରଶାସନର ପ୍ରତ୍ୟେକ ସ୍ତରରେ ପହଞ୍ଚିଯାଏ, ତେବେ ମୁଖ୍ୟମନ୍ତ୍ରୀଙ୍କ ଦୁଆର ଲୋକଙ୍କ ପାଇଁ ଖୋଲା ରହିବାର ଅର୍ଥ ଆହୁରି ଗଭୀର ହେବ। ଆଜି ଓଡ଼ିଶା ଏକ ବଡ଼ ସୁଯୋଗ ସାମ୍ନାରେ ଠିଆ ହୋଇଛି। ବନ୍ଦର ଅଛି, ଖଣିଜ ସମ୍ପଦ ଅଛି, ଦକ୍ଷ ମାନବସମ୍ପଦ ଅଛି, ଶିକ୍ଷିତ ଯୁବସମାଜ ଅଛି, କୃଷିର ବିଶାଳ ଭିତ୍ତି ଅଛି, ପର୍ଯ୍ୟଟନର ଅସୀମ ସମ୍ଭାବନା ଅଛି, ଜନଜାତି ସଂସ୍କୃତିର ଅଦ୍ଭୁତ ଐତିହ୍ୟ ଅଛି। ଏହି ସବୁକୁ ଏକ ଦିଗରେ ନେବା ପାଇଁ ଆବଶ୍ୟକ ହେଉଛି ଦୃଢ଼ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ, ଦ୍ରୁତ ନିଷ୍ପତ୍ତି ଓ ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ। ମୋହନ ଚରଣ ମାଝୀଙ୍କ ଶାସନର ଏପର୍ଯ୍ୟନ୍ତର ଯାତ୍ରାକୁ ଦେଖିଲେ ଏହି ଚାରିଟି ଦିଗରେ ଏକ ନୂଆ ପ୍ରୟାସ ଦେଖିବାକୁ ମିଳୁଛି। ଅଭିଯୋଗ ଶୁଣାଣିରୁ ଆରମ୍ଭ କରି ମହିଳା ସଶକ୍ତିକରଣ, ଚାଷୀ ସହାୟତାରୁ ଖାଦ୍ୟ ସୁରକ୍ଷା, ଶିକ୍ଷାରୁ ଦକ୍ଷତା, ଜଳସେଚନରୁ ରାସ୍ତା, ସହର ବିକାଶରୁ ଶିଳ୍ପ, ପ୍ରଯୁକ୍ତିରୁ ପର୍ଯ୍ୟଟନ, ଜନଜାତି ବିକାଶରୁ ବିପର୍ଯ୍ୟୟ ପରିଚାଳନାବିକାଶର ପରିସରକୁ ବିସ୍ତୃତ କରିବାର ଚେଷ୍ଟା ହେଉଛି। ଏବେ ଦରକାର ହେଉଛି ଏହି ପ୍ରୟାସକୁ ଆହୁରି ଗଭୀର କରିବା। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାକୁ ବିକାଶର ମାନଚିତ୍ରରେ ସମାନ ଭାବେ ଆଣିବା ଦରକାର। ପ୍ରତ୍ୟେକ ବ୍ଲକରେ ଭଲ ହସ୍ପିଟାଲ, ପ୍ରତ୍ୟେକ ପଞ୍ଚାୟତରେ ଭଲ ବିଦ୍ୟାଳୟ, ପ୍ରତ୍ୟେକ ଚାଷୀଙ୍କ ଜମିକୁ ପାଣି, ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କୁ ଆର୍ଥିକ ସୁଯୋଗ, ପ୍ରତ୍ୟେକ ଯୁବକଙ୍କୁ ଦକ୍ଷତା ଓ ନିଯୁକ୍ତିର ପଥ, ପ୍ରତ୍ୟେକ ଗାଁକୁ ଭଲ ରାସ୍ତା ଓ ପାନୀୟଜଳ, ପ୍ରତ୍ୟେକ ନାଗରିକଙ୍କୁ ସହଜ ପ୍ରଶାସନଏହା ହିଁ ସମୃଦ୍ଧ ଓଡ଼ିଶାର ମୂଳ ଭିତ୍ତି। ମୁଖ୍ୟମନ୍ତ୍ରୀ ଯଦି ଲୋକଙ୍କ ମଧ୍ୟରେ ଯିବେ, ଲୋକଙ୍କ କଥା ଶୁଣିବେ ଓ ସେହି କଥାକୁ ନୀତିରେ ପରିଣତ କରିବେ, ତେବେ ଶାସନର ଦୂରତା କମିବ। ଯେତେବେଳେ ଶାସକ ଓ ଶାସିତଙ୍କ ମଧ୍ୟରେ ଦୂରତା କମେ, ସେତେବେଳେ ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହୁଏ।

ତେଣୁ ମୋହନ ମାଝୀଙ୍କ ପାଇଁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ନାମଟି ଏକ ସମ୍ମାନ ହେବା ସହିତ ଏକ ବଡ଼ ଦାୟିତ୍ୱ ମଧ୍ୟ। ଏହି ଦାୟିତ୍ୱର ଅର୍ଥ ହେଉଛିଲୋକଙ୍କ ଆଖିରେ ଓଡ଼ିଶାର ବିକାଶକୁ ଦେଖିବା, ଲୋକଙ୍କ ଦୁଃଖରେ ସରକାରର ଦାୟିତ୍ୱ ଅନୁଭବ କରିବା ଏବଂ ଲୋକଙ୍କ ସଫଳତାକୁ ସରକାରର ସଫଳତା ଭାବେ ଗ୍ରହଣ କରିବା। ଯଦି ଏହି ମନୋଭାବ ଅବିଚଳ ରହେ, ତେବେ ଓଡ଼ିଶାର ଆଗାମୀ ଯାତ୍ରା କେବଳ ଏକ ସରକାରର ଯାତ୍ରା ହେବ ନାହିଁ। ଏହା ହେବ ଜନତାଙ୍କ ଆଶା, ପରିଶ୍ରମ ଓ ସ୍ୱପ୍ନର ଯାତ୍ରା। ଏବଂ ସେହି ଯାତ୍ରାର ସବୁଠାରୁ ବଡ଼ ପରିଚୟ ହେବଶାସନ ଲୋକଙ୍କ ପାଖକୁ ଆସିଛି, ବିକାଶ ଲୋକଙ୍କ ଘରକୁ ପହଞ୍ଚିଛି ଏବଂ ଓଡ଼ିଶା ନିଜ ଭବିଷ୍ୟତକୁ ନିଜ ହାତରେ ଗଢୁଛି।

ରିପୋର୍ଟ: ପ୍ରଭାତ ପଟ୍ଟନାୟକ



ପ୍ରଭୁ ଶ୍ରୀ ନୀଳମାଧବଙ୍କ ପୀଠରେ ଲିଫ୍ଟ କାହାପାଇଁ ?

ଚୌକିରେ ବୁହାହେଲେ ଭକ୍ତ ପ୍ରଶାସନର ଆନ୍ତରିକତା ଉପରେ ଉଠିଲା ପ୍ରଶ୍ନ

କଣ୍ଟିଲୋ,୫ ।୧୦ (ଅକ୍ଷର ଓଡ଼ିଶା): ପର୍ଯ୍ୟଟନ ଓ ଆଧାତ୍ମିକ ପୀଠ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସୁବିଧା ସୁଯୋଗର ଅଭାବ ପୁଣି ଥରେ ପଦାରେ ପଡ଼ିଛି । ପଶ୍ଚିମ ଦ୍ୱାର ନିକଟରେ କୋଟି କୋଟି ଟଙ୍କା ବ୍ୟୟରେ ଲିଫ୍ଟ ନିର୍ମାଣ ହୋଇ ସାରାରାଜ୍ୟରେ ଡିଣ୍ଡିମ ପିଟାଯାଉଥିଲେ ବି ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନହେବା ଯୋଗୁଁ ବୃଦ୍ଧ, ଅସମର୍ଥ ଓ ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନେ ନାହିଁ ନଥିବା ଦୁର୍ଦ୍ଦଶାର ଶିକାର ହେଉଛନ୍ତି । ଶୁକ୍ରବାର ମଧ୍ୟାହ୍ନରେ ଏହାର ଏକ ହୃଦୟ ବିଦାରକ ତଥା ବିଚିତ୍ର ଚିତ୍ର ପଦାକୁ ଆସିଛି । ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ।ସମୟ ରେ ଜଣେ ବୟସ୍କ ମହିଳା ଶ୍ରଦ୍ଧାଳୁ ପରିବାର ଲୋକଙ୍କ ସହ ମହାପ୍ରଭୁ ଶ୍ରୀନୀଳମାଧବଙ୍କ ଦର୍ଶନ ପାଇଁ ପଶ୍ଚିମ ଦ୍ୱାରରେ ପହଞ୍ଚିଥିଲେ । ମାତ୍ର ଲିଫ୍ଟ ବନ୍ଦ ଥିବା ଦେଖି ମହିଳା ଓ ତାଙ୍କ ପରିବାରବର୍ଗ ନିରାଶ ହୋଇପଡ଼ିଥିଲେ । ଏହି ସମୟରେ ୩ ଜଣ ସ୍ଥାନୀୟ ଯୁବକ ଆଗେଇ ଆସି ଏକ କାଠ ଚେୟାରରେ ସେହି ବୃଦ୍ଧାଙ୍କୁ ବସାଇ ପାହାଚ ଚଢ଼ି ଟେକି ଟେକି ମନ୍ଦିର ଉପରକୁ ନେଇଥିଲେ । ଦର୍ଶନ ସାରିବା ପରେ ପୁନର୍ବାର ସେହିପରି ଚେୟାରରେ ବସାଇ ତଳକୁ ଆଣିଥିଲେ । ଭକ୍ତଜଣଙ୍କ କୃତଜ୍ଞତା ସ୍ୱରୂପ ସେହି ଯୁବକମାନଙ୍କୁ ୧୦୦୦ ଟଙ୍କା ଦେଇଥିଲେ ସିନା, ମାତ୍ର ପ୍ରଶାସନର ଚରମ ଅବହେଳାକୁ ନେଇ ତୀବ୍ର କ୍ଷୋଭ ପ୍ରକାଶ କରିଛନ୍ତି । 'ଆଗକୁ ପାର୍ବଣ ଋତୁ ଆସୁଛି ଲିଫ୍ଟ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ବି କାହା ଅପାରଗତାରୁ ଏହା କାର୍ଯ୍ୟକ୍ଷମ ହେଉନାହିଁ ବୋଲି ଶ୍ରୀମିଶ୍ର ପ୍ରଶ୍ନ କରିଛନ୍ତି ? ଏହି ସମ୍ପୂର୍ଣ୍ଣ ଦୃଶ୍ୟକୁ ପୂଜକ ସମାଜ ସଭାପତି ନିହାର ରଞ୍ଜନ ମିଶ୍ର ଭିଡିଓ କରିବା ସହ



ପ୍ରଶାସନିକ ଅବହେଳା ବିରୋଧରେ ତୀବ୍ର ଅସନ୍ତୋଷ ଓ ସମାଲୋଚନା କରି ନିନ୍ଦା କରିଛନ୍ତି । ଦୂରଦୂରାନ୍ତରୁ ବହୁ ଆଶା ନେଇ ଆସୁଥିବା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତମାନେ ପ୍ରତିଦିନ ଏଭଳି ନାକେଦମ୍ ହେଉଛନ୍ତି । ଯେତେବେଳେ କୌଣସି ରାଜନେତା ଓ ବଡ଼ ବଡ଼ ଅଫିସର ମାନେ ପ୍ରଭୁ ଶ୍ରୀ ନିଳମାଧବଙ୍କୁ ଦର୍ଶନ ପାଇଁ ଆସନ୍ତି ସେତେବେଳେ ଲିଫ୍ଟକୁ ଚାଲୁ କରାଯାଇଥାଏ ।ତାପରେ ଲିଫ୍ଟ ଘରଟି ତାଲା ପଡ଼ିଯାଏ । ଲିଫ୍ଟ ସେବାକୁ ନିୟମିତ ଓ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କିପରି ହେବ ଏଥିପାଇଁ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳ ଓ ଦେବୋତ୍ତର ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ପୂଜକ ସମାଜ, ସ୍ଥାନୀୟ ବାସିନ୍ଦା ଏବଂ ଭକ୍ତମାନେ ଦାବି କରିଛନ୍ତି ।

ମା ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘର ବୈଠକ ଅନୁଷ୍ଠିତ



ଡାବୁଗାଁ, ୫ ।୧୦(ଅକ୍ଷର ଓଡ଼ିଶା): ଡାବୁଗାଁ ବ୍ଲକ ସରାଗୁଡ଼ା ଆରଏମସି ଗୃହରେ ମା' ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଇଲାରି ଓ ଜୁନାପାଣି ଗ୍ରାମ ପଞ୍ଚାୟତର ଟ୍ରାକ୍ଟର ମାଲିକ ସଂଘର ସଭାପତି କର୍ଣ୍ଣ କଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଟ୍ରାକ୍ଟର ମାଲିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷ କରି ଲଘୁ ଖଣିଜ ଦ୍ରବ୍ୟ ଟ୍ରାକ୍ଟର ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ସମୟରେ ପୁଲିସ ଓ ଖଣି ଅଧିକାରୀ ମାନେ ଗାଡ଼ିକୁ ଅଟକାଇ ମନ ଇଛା ଫାଇନ କାଟୁ ଥିବାରୁ ଟ୍ରାକ୍ଟର ମାଲିକ ମାନେ କ୍ଷୋଭ ପ୍ରକାଶ କରିଥିଲେ । ପାଠ ପଢି ବେକାର ଥିବାରୁ ବ୍ୟାଙ୍କ୍ ମାଧ୍ୟମରେ ଲୋନ୍ କରି ଟ୍ରାକ୍ଟର ଆଣିଥିବା ଯୁବକ ମାନେ ଫାଇନ ପଡ଼ିଲେ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବା କହିଥିଲେ । ଆଗକୁ ସଂଘ ତରଫରୁ ଏକତା ଦେଖାଇ ପୁଲିସ ଓ ସରକାରଙ୍କ ନିକଟରେ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିବାକୁ ଆଲୋଚନା ହୋଇଥିଲା । ସମ୍ପାଦକ ଚୈତନ୍ୟ ପନକା ଧନ୍ୟବାଦ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଦୂର୍ଯ୍ୟନ ମାଝୀ, ଭକଚାନ୍ଦ ମାଝୀ, ମୁନା ମାଝୀ, ଶୁକଦେବ ଭତରା, ଶୁକଦେବ ପନକା, କୁମାକାନ୍ତ ପନକା, ଭାଗିରଥି ଭତରା, ଦାମୁ ଭତରା ପ୍ରମୁଖ ଉପସ୍ଥିତ ଥିଲେ ।

ଡିଜେକୁ ନେଇ ଗୋଷ୍ଠୀ ସଂଘର୍ଷ



ହିଞ୍ଜିଳିକାଟୁ,୫ ।୧୦(ଅବନି କାନ୍ତ ପଟ୍ଟନାୟକ): ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ଡିଜେର ଉଚ୍ଚଶବ୍ଦକୁ କେନ୍ଦ୍ର କରି ହିଞ୍ଜିଳି ଥାନା ଅନ୍ତର୍ଗତ ଗିରିଆ ଗ୍ରାମରେ ରବିବାର ରାତିରେ ଉତ୍ତେଜନା ପ୍ରକାଶ ପାଇଛି । ଶବ୍ଦକୁ ନେଇ ଆପତ୍ତି ପରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ପରେ ହାତାହାତି ହୋଇଥିବା ଜଣାପଡ଼ିଛି । ଏଥିସହ ଡିଜେର ପ୍ରଚଣ୍ଡ ଶବ୍ଦରେ ତିନୋଟି ଘରର ଛାତର କିଛି ଅଂଶ ଓ ପ୍ଲାଷ୍ଟର ଖସିଥିବା ନେଇ ଅଭିଯୋଗ ହୋଇଛି । ଏନେଇ ମନୋଜ ପ୍ରଧାନ,ଚିତ୍ର ଦଳାଇ ଓ ଟୁନା ପ୍ରଧାନ ଙ୍କ ସହ ଗିରିଆ ଗ୍ରାମର ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ହିସ୍ ଟ୍ରଷ୍ଟ ପକ୍ଷରୁ ବୃଦ୍ଧାଶ୍ରମରେ ମାତୃ ନବମୀ ପାଳିତ

ଦେବଗଡ଼,୫ ।୧୦(ଅକ୍ଷର ଓଡ଼ିଶା): ପିତୃପକ୍ଷର ପବିତ୍ର ନବମୀ ତିଥି ଅବସରରେ ହିସ୍ ଟ୍ରଷ୍ଟ ପକ୍ଷରୁ ମାତୃ ନବମୀ ବୃଦ୍ଧାଶ୍ରମରେ ପାଳିତ ହୋଇଛି । ଏହି ଅବସରରେ ସର୍ଗତ ମାଆ, କାକୀ, ଜେଜେମା'ଙ୍କ ସମେତ ପରିବାରର ଦେହାନ୍ତ ହୋଇଥିବା ମହିଳାମାନଙ୍କୁ ସ୍ମରଣ କରାଯାଇଥିଲା ।ପିତୃପକ୍ଷର ନବମୀ ତିଥିକୁ 'ମାତୃ ନବମୀ' ବା 'ଆଭ୍ୟା ନବମୀ' ଭାବେ ପାଳନ କରାଯାଏ । ଏହି ଦିନ ପରିବାରର ମହିଳା ପିତୃପୁରୁଷମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡଦାନ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ପରମ୍ପରା ରହିଛି ।ମାତୃଶକ୍ତିର ତ୍ୟାଗ, ସ୍ନେହ ଓ ଅବଦାନକୁ ସ୍ମରଣ କରି ହିସ୍ ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସର୍ଗତ ମାତୃକୁଳର ପିତୃପୁରୁଷମାନଙ୍କ ପ୍ରତି ଶ୍ରଦ୍ଧା ଜଣାଇ ସେମାନଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରାଯାଇଥିଲା ।

ସାରଙ୍ଗଡରେ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ

ରାଇକିଆ, ୫ ।୧୦ (ଜଗଦୀଶ ଦାଶ): କନ୍ଧମାଳ ଜିଲ୍ଲାର କ ନୂଆଗାଁ ବ୍ଲକ ଭାପୁର ସାରଂଗଡ଼ ପଞ୍ଚାୟତରେ ଦାଦନମୁକ୍ତ କରିବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ଓ ଜୀବିକାର ସୁଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ ସାରଙ୍ଗଡ଼ କୁଇ ସମାଜ ସଭା ଗୃହ ପରିସରରେ ଏକ ବ୍ଲକସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ସୋସିଆଲ ଓ୍ୱର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ସ୍ୱାକ) ପକ୍ଷରୁ ଆୟୋଜିତ ଏହି ବୈଠକରେ ଦାଦନ ସମସ୍ୟାର କାରଣ, ପ୍ରଭାବ ଓ ଏହାର ଦୀର୍ଘମିଆଦି ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ୱାକ ସଭାପତି ଆମନ ଚନ୍ଦ୍ର ନାୟକ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ସଦସ୍ୟ-ସମ୍ପାଦକ ହୃଷୀକେଶ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ବାହାର ରାଜ୍ୟକୁ କାମ ପାଇଁ ଯାଉଥିବା ଶ୍ରମିକମାନଙ୍କ ନିମନ୍ତେ ସରକାରୀସ୍ତରରେ ଉଚିତ ପଦକ୍ଷେପ ନେବା ସହ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ରୋଜଗାର ଓ ଜୀବିକା ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ହୋଇଥିଲା ।ବୈଠକରେ ସାରଙ୍ଗଡ ସରପଞ୍ଚ ବରୁଣ କହଁରଙ୍କ ସମେତ ରାଜୀବ ପ୍ରଧାନ, ଯୁବରାଜ ମଲ୍ଲିକ, ଅରୁଣ କୁମାର ନାୟକ, ଗଜେନ୍ଦ୍ର ପ୍ରଧାନ, ବିଜୟ ଚନ୍ଦ୍ର ପ୍ରଧାନ, ତ୍ରିନାଥ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସାମାଜିକ କର୍ମୀ, ସମାଜସେବୀ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଯୋଗଦେଇଥିଲେ । ସ୍ୱାକ ସଦସ୍ୟା ସସ୍ମିତା ମଲ୍ଲିକ ଓ ମୀନାକ୍ଷୀ ପ୍ରଧାନ, ସଦସ୍ୟ ବିବେକାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଓ ପରମାନନ୍ଦ ପ୍ରଧାନ ବୈଠକ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସ୍ୱାକ ସଦସ୍ୟ ସନ୍ତୋଷ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଷ ପାନକରି ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଓଡ଼ଗାଁ, ୫ ।୧୦(ଅକ୍ଷର ଓଡ଼ିଶା): ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ପଞ୍ଚୁମୁ ପଞ୍ଚାୟତର ତୋଡ଼ିବାଡ଼ି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି ବିଷପାନ କରି ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ, ଘରୋଇ କଳିକୁ କେନ୍ଦ୍ରକରି ଶାଶୁ ଓ ବୋହୂଙ୍କ ମଧ୍ୟରେ ମନାନ୍ତର ହୋଇଥିଲା । ଗତକାଲି ଘରେ ରୋଷେଇ ପ୍ରସ୍ତୁତ କରିବାକୁ ଶାଶୁ ବୋହୂ ତପସ୍ୱିନୀକୁ କହିଥିଲେ । ଭାତ କଅଁଳ ହେବାରୁ ଶାଶୁ ବୋହୂକୁ ରାଗ ହୋଇଥିଲେ । ଏହାକୁ ସହ୍ୟ କରିପାରି ତପସ୍ୱିନୀ ବିଷପାନ କରି ବାପାଙ୍କୁ ଫୋନ କରି ଜଣାଇଥିଲେ । ଘରେ ଶ୍ୱଶୁର ପକ୍ଷାଘାତ ରୋଗରେ ପଡ଼ିଥିବା ବେଳେ ସ୍ୱାମୀ ତପନ ଭୁବନେଶ୍ୱରରେ ରହି ଶ୍ରମିକ ଭାବେ କାମ କରନ୍ତି । ଝିଅ ବିଷପାନ କରିଥିବାନେଇ ବାପା ଜୟକୃଷ୍ଣ ସାହୁ ଯାଇ ଘରେ ପହଞ୍ଚିଥିଲେ । ଝିଅକୁ ସଙ୍ଗେ ସଙ୍ଗେ ନୟାଗଡ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରି ଘରକୁ ଆଣିଥିଲେ । ଘରେ ପୁଣି ଗୁରୁତର ହେବାରୁ ତାଙ୍କୁ ଚିକିତ୍ସାଳୟକୁ ନେଉଥିବା ସମୟରେ ତାଙ୍କର ରାସ୍ତାରେ ମୃତ୍ୟୁ ଘଟିଥିଲା । ଝିଅର ବାପା ଜୟ କୃଷ୍ଣ ସାହୁଙ୍କ ଅଭିଯୋଗ ଅନୁଯାୟୀ ସବୁବେଳେ ଝିଅକୁ ନିର୍ଯାତନା ଦେଇ ଆସୁଥିଲେ । ଏବଂ ସେ ସହ୍ୟ କରିନପାରି ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି । ପରିବାରରେ ଅଶାନ୍ତିକୁ କେନ୍ଦ୍ରକରି ବୋହୂ ବିଷପାନ କରିଥିବା ଶରଣକୁଳ ଥାନା ଅଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି ।

ସମ୍ବିଧାନ ଓ ଅଧିକାର ସୁରକ୍ଷା ଦାବିରେ କଂଗ୍ରେସର ପଦଯାତ୍ରା

ନୂଆପଡା,୫ ।୧୦ (ଅକ୍ଷର ଓଡ଼ିଶା): ସମ୍ବିଧାନର ମୂଲ୍ୟବୋଧ, ନାଗରିକ ଅଧିକାର ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅକ୍ଷୁଣ୍ଣ ରଖିବା ଦାବିରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟବ୍ୟାପୀ ପଦଯାତ୍ରା ଓ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି କଂଗ୍ରେସ । ଏହି କ୍ରମରେ ନୂଆପଡା ଜିଲ୍ଲାରେ ମଧ୍ୟ ଜାରି ରହିଛି କଂଗ୍ରେସର ପଦଯାତ୍ରା ।ଜିଲ୍ଲା ସଦର ମହକୁମା ନୂଆପଡାଠାରେ ଜିଲ୍ଲା କଂଗ୍ରେସ ସଭାପତି ଅଙ୍କିତ ସିଂଘାଇଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପଦଯାତ୍ରାରେ ଶହଶହ କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ସହ ଜିଲ୍ଲାର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ । ହାତରେ ପ୍ଲାକାର୍ଡ ଓ ନାରା ଦେଇ କଂଗ୍ରେସ କର୍ମୀମାନେ ସାଧାରଣ



ଲୋକଙ୍କୁ ସମ୍ବିଧାନ ଓ ନାଗରିକ ଅଧିକାର ସମ୍ପର୍କରେ ସଚେତନ କରିଥିଲେ ।ପଦଯାତ୍ରା ପରେ ଆସନ୍ତା ଅକ୍ଟୋବର ୮ ତାରିଖରେ ଦଳ ପକ୍ଷରୁ ଆହୂତ 'ଓଡିଶା ବନ୍ଦ'କୁ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ କଂଗ୍ରେସ ନେତାମାନେ ଗଗଉଜ ସଂଶୋଧିତ ଅଧିନିୟମ ତୁରନ୍ତ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫଦାରୀ ଦାବି ସହ ପ୍ରତ୍ୟାହାର ପାଇଁ ଦାବି ଉଠାଇଥିଲେ । ସେହିପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବହିଷ୍କାର ଦାବି ମଧ୍ୟ ଉଠାଇଥିଲେ ।

ଏଥିସହ ନୂଆପଡା ଜିଲ୍ଲାରେ ବନ୍ୟା ବିପତ୍ତି ସମୟରେ ସରକାରୀ ଉଦାସୀନତାକୁ ନେଇ ରାଜ୍ୟ ସରକାରଙ୍କୁ କଂଗ୍ରେସ ନେତାମାନେ କଡ଼ା ସମାଲୋଚନା କରିଥିଲେ । ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଓ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଦାବି କରାଯାଇଥିଲା । ସମ୍ବିଧାନର ସୁରକ୍ଷା, ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଓ ବିଭିନ୍ନ ଜନସମସ୍ୟାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମ ରେ ପିସିସି ସାଧାରଣ ସମ୍ପାଦକ ଫକୀର ମୋହନ ଜଗତ, ଖଡ଼ିଆଳ ବିଧାୟକ ପାର୍ଥି ତଥା ପିସିସି ସମ୍ପାଦକ କମଳ ଚରଣ ତାଣ୍ଡି, ଜିଲ୍ଲା ଉପ ସଭାପତି ଭରତ ରାଉତ, ବରିଷ୍ଠ ନେତା ପ୍ରମୋଦ ଚନ୍ଦ୍ରକାର, ଖରିଆରରୋଡ଼ ଏନଏସି ସଭାପତି ପବନ ଶର୍ମା, ଟିକେଶ୍ୱର ସାହୁ, ପାଶା ମହାନନ୍ଦ, ସୌରଭ ଚନ୍ଦ୍ରକାର, ଶାହରୁଖ ଖାନ, କନ୍ହେଇ ଲାଲ ତିୱାରୀ ସମେତ ନୂଆପଡା ଜିଲ୍ଲା କଂଗ୍ରେସ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଚାଟୁଲା ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ କ୍ଲଷ୍ଟରସ୍ତରୀୟ ବୈଠକ



ବେଲଗୁଣ୍ଠା, ୫ ।୧୦(ଅକ୍ଷର ଓଡ଼ିଶା): ଚାଟୁଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷାବର୍ଷ ୨୦୨୬-୨୭ର ଚତୁର୍ଥ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ରଂଜିତା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକକୁ ଚାଟୁଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱିତୀକୃଷ୍ଣ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ।ବୈଠକରେ ସୁରଭି କାର୍ଯ୍ୟକ୍ରମ, ପ୍ରଥମ ସମାପ୍ତି ସୂଚକ ଆକଳନ, ମୌଳିକ ସାକ୍ଷରତା, ଗଣିତ ଶିକ୍ଷଣ, ଗ୍ୟାଲେରୀ କାର୍ଯ୍ୟ, ଶ୍ରେଣୀ ପରିଭ୍ରମଣ, କଳା ଓ ଶାରୀରିକ ଶିକ୍ଷା, ସଂଖ୍ୟାଜ୍ଞାନ, ଶିକ୍ଷଣ ସୋପାନ ରେଜିଷ୍ଟର ଓ ବିଭିନ୍ନ ଶିକ୍ଷଣ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସମ୍ବଳ ଶିକ୍ଷକ ମନୋଜ ତ୍ରିପାଠୀ ଓ ସିଆରସିସି ରଂଜିତା ପାତ୍ର ବିଭିନ୍ନ ବିଷୟରେ ଆଲୋଚନା କରି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ବୈଠକରେ ପ୍ରଧାନଶିକ୍ଷକ ଜୟରାମ ବେହେରା, ରାଜେନ୍ଦ୍ର ପ୍ରଧାନ, ବଂଶୀଧର ପରିଡ଼ା, ଅଳକା ପଣ୍ଡା ଓ ରିତା ବେହେରା ପ୍ରମୁଖ ନାଚ, ଗୀତ ଓ ବିଭିନ୍ନ ଶିକ୍ଷଣୀୟ ଉପସ୍ଥାପନା ମାଧ୍ୟମରେ ଅଂଶଗ୍ରହଣ କରିଥିଲେ । ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସ, ମେଘନାଦ ଦଳବେହେରା, ସଙ୍ଗୀତା ମଞ୍ଜରୀ ଶତପଥୀ, ସୁଜିତା ବିଷୋୟୀ, ବନ୍ଦନା ମହାରଣା, ମମତା ସାଇଁ, ପ୍ରିୟଙ୍କା ପଣ୍ଡା, ପୁଷ୍ପାଞ୍ଜଳି ବେହେରା, ସଙ୍ଗୀତା ପ୍ରଧାନ, ପର୍ଶୁରାମ ଖର ଓ ସ୍ମିତା ଶେଫାଳି ରାଉତ ପ୍ରମୁଖ ନାଟକୀୟ ଭଙ୍ଗୀରେ ବିଭିନ୍ନ ମୁଖା ପରିଧାନ କରି ଶିକ୍ଷଣୀୟ ବିଷୟ ପରିବେଷଣ କରିଥିଲେ । ଶେଷରେ ସମ୍ବଳ ଶିକ୍ଷକ ମନୋଜ ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ପଥ ପ୍ରାନ୍ତ ନାଟକ ମାଧ୍ୟମରେ ସରକାରଙ୍କ ସଫଳତାର ପ୍ରଚାର

ଗାଁ ଗାଁରେ ନମୋ ସେବା ଗାଥା କାର୍ଯ୍ୟକ୍ରମ

ରାୟଗଡା,୫ ।୧୦ (କୈଳାସ ସ୍ୱାଇଁ): ମୋ ସଂକଳ୍ପ ଅଭିଯାନ ୨୦୨୬ ଅନ୍ତର୍ଗତ 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ଅଧୀନରେ ରାୟଗଡା ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପଥ ପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳତା ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯାଉଛି । ଗେଟିପଡ଼ା ସ୍ଥିତ ମା' ସନ୍ତୋଷୀ କଳା ପ୍ରତିଷ୍ଠାନର କଳାକାରମାନେ ଏହି ଅଭିଯାନରେ ସାମିଲ ହୋଇ ଗାଁ ଗାଁ ବୁଲି ନାଟକ



ପରିବେଷଣ କରୁଛନ୍ତି । ନାଟକ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ, ସ୍ୱଚ୍ଛ ଭାରତ ଭଳି ଯୋଜନାର ସୁଫଳ ବିଷୟରେ ଲୋକଙ୍କୁ ବୁଝାଯାଉଛି ।ଏହି ପଥ ପ୍ରାନ୍ତ ନାଟକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଭୂମିକାରେ ସନ୍ତୋଷ କୁମାର ତାଣ୍ଡି ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ । ତାଙ୍କ ସହ ଅନୁଷ୍ଠାନର ଅନ୍ୟ ପ୍ରମୁଖ କଳାକାର ଝିଲ୍ଲୀ ତାଣ୍ଡି, ସହଦେବ ତାଣ୍ଡି, ହେମାମାଳା ଗରଡ଼ିଆ, ରମେଶ, ମୋହନ, ବାପି, ଭୂମି, ମୀନା ପରି, ବାଦଲ ଓ ଅନ୍ୟ କଳାକାରମାନେ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଶହ ଶହ ଗ୍ରାମବାସୀ, ମହିଳା ଓ ଯୁବକମାନେ ଏକତ୍ରିତ ହେଉଛନ୍ତି । କଳା ମାଧ୍ୟମରେ ସରକାରଙ୍କ ବାର୍ତ୍ତା ସହଜରେ ଲୋକଙ୍କ ପାଖରେ ପହଞ୍ଚିପାରୁଛି ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି ।

ମୋବାଇଲ୍ ଚୋରି ବେଳେ ୨ ଚୋର ଗିରଫ

ବୁଲେଟ୍ ବାଇକ୍ ସହ ୬ଟି ମୋବାଇଲ୍ ଜବତ !

ସୁବର୍ଣ୍ଣପୁର, ୫ ।୧୦(ସଂଗ୍ରାମ ମହାପାତ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ସିଂଘିଯୁବା ଅଞ୍ଚଳରେ ଚାଞ୍ଚଲ୍ୟ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ସିଂଘିଯୁବା ଗ୍ରାମ ନିକଟରେ ଥିବା ଏକ ତେଲ ମିଲ୍‌ରୁ ମୋବାଇଲ୍ ଚୋରି କରି ଫେରାର ହେଉଥିବା ବେଳେ ୨ ଜଣ ଚୋରଙ୍କୁ ଶ୍ରମିକମାନେ କାବୁ କରି ପୁଲିସକୁ ହସ୍ତାନ୍ତର କରିଛନ୍ତି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ଚାରପାଲି ଗାଁର ମନୋଜ ତାଣ୍ଡି ଏବଂ ମେଲଛାମୁଣ୍ଡା ଥାନା ତେଲମହୁଲ ଗାଁର ଗୀତା ସେଠ । ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ବୁଲେଟ୍ ମୋଟରସାଇକେଲ୍ ଏବଂ ୬ଟି ଚୋରା ମୋବାଇଲ୍ ଫୋନ୍ ଜବତ କରିଛି ।ସୂଚନା ଅନୁଯାୟୀ, ଗତ ୩୦ ତାରିଖ ଦିନ ଅଭିଯୁକ୍ତ ଦ୍ୱୟ ପାଣି ପିଇବା ବାହାନାରେ ଉକ୍ତ ତେଲ ମିଲ୍ ଭିତରକୁ ପଶି ସବୁ କିଛି ନିରୀକ୍ଷଣ କରିଯାଇଥିଲେ । ପରବର୍ତ୍ତୀ ସମୟରେ ଯୋଜନାବଦ୍ଧ ଭାବେ ସେମାନେ ପୁଣି ତେଲ ମିଲ୍‌କୁ ଆସି ଶ୍ରମିକମାନେ ରହୁଥିବା ଘର ଭିତରକୁ ପଶି ୬ଟି ମୋବାଇଲ୍ ଫୋନ୍ ଚୋରି କରିଥିଲେ । ମୋବାଇଲ୍ ନେଇ ବୁଲେଟ୍ ବାଇକ୍‌ରେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଶ୍ରମିକମାନେ ସନ୍ଦେହ କରି ସେମାନଙ୍କୁ ଗୋଡ଼ାଇ କାବୁ କରିଥିଲେ । ଏହାପରେ ସ୍ଥାନୀୟ ଲୋକେ ଓ ଶ୍ରମିକମାନେ ବିନିକା ଥାନା ପୁଲିସକୁ ଖବର ଦେଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ । ବିନିକା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚୋରି ମୋବାଇଲ୍ ଓ ବୁଲେଟ୍ ବାଇକ୍‌କୁ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ବିନିକା ପୁଲିସ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଅନୁଷ୍ଠିତ

ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା

ନୂଆପଡ଼ା,୫ ।୧୦(ଅକ୍ଷର ଓଡ଼ିଶା): ନୂଆପଡା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଉତ୍କଳ ବାଳାଶ୍ରମ, ଖଡ଼ିଆଳଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଏବଂ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା । ଜିଲ୍ଲାର ଦୁଇଟି ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମ, ଖଡ଼ିଆଳ ଏବଂ ନବପ୍ରଭାତ ଓପନ୍ ସେଲ୍ଟର, ଖଡ଼ିଆଳରୁ ମୋଟ ୭୫ ଜଣ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଓ କନିଷ୍ଠ ବିଭାଗରେ କୁଇଜ୍, ଚିତ୍ରାଙ୍କନ,



ବକ୍ତୃତା, ଏକକ ସଙ୍ଗୀତ ଏବଂ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ମହାଉତିଙ୍କ ତତ୍ତ୍ୱାବଧାନରେ ମହୋତ୍ସବର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଡ. ଫଣିନ୍ଦମ୍ ସିଂ ଦେଓ, ସମାଜସେବୀ ମହେନ୍ଦ୍ର ଯୋଶୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ବିକାଶ ଲରେନ୍ସ ଏବଂ ଖଡ଼ିଆଳ ଉଉଚଡ ଲତା ଦିଗାଲ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଶ୍ରୀନିବାସ ବେହେରା, ବିକାଶ ପାତ୍ରଙ୍କ ସମେତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଅର୍ଚ୍ଚନା ପାତ୍ରୀ, ଦେବାଶିଷ ତାଣ୍ଡି, ଚନ୍ଦ୍ରମଣି ମହାନନ୍ଦ, ମାଳା ଶବର, ସୁଶ୍ରିମୟୀ ବିଭାର, ପୂର୍ଣ୍ଣମୀ ପଟେଲ, ସୁନୀତା ହୋତା, ବ୍ରହ୍ମାନନ୍ଦ ବନଛୋର, ମାନଭଞ୍ଜନ ସାହୁ, ଦେବଦତ୍ତ କଟା, ସନାତନ ବର୍ଲା, ତବିଥା ନାୟକ, ଆକାଂକ୍ଷା ଦୁବେ, ମୋନାଲିସା ମହାନନ୍ଦ, କମଳା ଦିଦି, କେଶବ ପଟ୍ଟନାୟକ ଓ ଭାରତୀ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ବିବେକାନନ୍ଦ ନଗରରେ ଚୋରି, ନିର୍ମାଣାଧୀନ ଘରୁ ଇଲେକ୍ଟ୍ରି ଓ ଟାଇଲ୍ସ ମିସ୍ତ୍ରୀଙ୍କ ସାମଗ୍ରୀ ଲୁଟ୍

ବଲାଙ୍ଗିର, ୫ ।୧୦ (ଦେବେନ୍ଦ୍ର ପୋଡ଼): କଣ୍ଟାବାଞ୍ଜି ବିବେକାନନ୍ଦ ନଗରରେ ପୁଣିଥରେ ଘରେ ଚୋରି ଘଟଣା ସାମ୍ନାକୁ ଆସିଛି । ନିର୍ମାଣାଧୀନ ଏକ ଘରେ ପଶି ଚୋରମାନେ ଇଲେକ୍ଟ୍ରି ମିସ୍ତ୍ରୀ ଓ ଟାଇଲ୍ସ ମିସ୍ତ୍ରୀଙ୍କ ବିଭିନ୍ନ ମେସିନ୍ ସହ ଘରେ ଥିବା ଇଲେକ୍ଟ୍ରିକ୍ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି ।ଘର ମାଲିକ ରାହୁଲ ସୋନି ଏନେଇ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଛନ୍ତି । ଚୋରି ଯୋଗୁଁ ଘର ନିର୍ମାଣ କାମ ମଧ୍ୟ ପ୍ରଭାବିତ ହୋଇଛି । ମିସ୍ତ୍ରୀ ଓ କୁଲିମାନେ କାମ ଛାଡ଼ି ବସିଥିବା ଜଣାପଡ଼ିଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିବେକାନନ୍ଦ ନଗରରେ ଗତ କିଛି ଦିନ ମଧ୍ୟରେ ତିନିରୁ ଚାରିଥର ଚୋରି ଘଟଣା ଘଟିସାରିଛି । ବାରମ୍ବାର ଚୋରି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବଢ଼ିଛି । ଅଭିଯୋଗ ହୋଇଥିବା ଚୋରି ଘଟଣାଗୁଡ଼ିକରେ ଏପର୍ଯ୍ୟନ୍ତ ଚୋରି ସାମଗ୍ରୀ ଉଦ୍ଧାର କିମ୍ବା ଅଭିଯୁକ୍ତଙ୍କ ସମ୍ପର୍କରେ ସ୍ପଷ୍ଟ ସଫଳତା ମିଳିନଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି ।ବାରମ୍ବାର ଚୋରି ଘଟଣା ରୋକିବା ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଚୋରି ସାମଗ୍ରୀ ଉଦ୍ଧାର କରିବାକୁ ଅଞ୍ଚଳବାସୀ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

ବିଦ୍ୟାଂଶୀଙ୍କ ସ୍ମୃତିରେ ରକ୍ତଦାନ ଶିବିର, ୪୦ ୟୁନିଟ୍ ସଂଗ୍ରହ

ଦେବଗଡ଼, ୫ ।୧୦ (ଅକ୍ଷର ଓଡ଼ିଶା): ଦେବଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନଙ୍କ ଝିଅ ସ୍ୱର୍ଗତ ବିଦ୍ୟାଂଶୀ ପ୍ରଧାନଙ୍କ ସପ୍ତମ କ୍ରିୟା ଅବସରରେ ତାଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ପରିବାର ପକ୍ଷରୁ ଆୟୋଜିତ ଏହି ଶିବିରରେ ୪୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।ସ୍ୱର୍ଗତ ବିଦ୍ୟାଂଶୀ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ନିକଟରେ ତାଙ୍କର ଦେହାନ୍ତ ଘଟିଥିଲା । ସେ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ତାଙ୍କ ଅନ୍ତେଷ୍ଟି କ୍ରିୟା ଅବସରରେ ବିଦ୍ୟାଂଶୀଙ୍କ ସ୍ମୃତିକୁ ଚିରସ୍ଥାୟୀ କରିବା ସହ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ



ପରିବାର ପକ୍ଷରୁ ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା । ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ବିଦ୍ୟାଂଶୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସମାଜକୁ ଏକ ମାନବିକ ବାର୍ତ୍ତା ଦିଆଯାଇଛି ।କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, କୃଷକ ନେତା ପ୍ରମୋଦ ଝାଙ୍କରଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ସ୍ୱର୍ଗତ ବିଦ୍ୟାଂଶୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ମଙ୍ଗଳବାର ୦୭।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଡିଜିଟାଲ୍ ଯୁଗରେ ବି ବିକାଶ ଅପହଞ୍ଚ

ପଞ୍ଚାୟତର ୧୧ଖଣ୍ଡ ଗାଁକୁ ଟେଲିକମ ସେବା ମିଳୁନି



ପାପଡ଼ାହାଣ୍ଡି, ୫।୧୦ (ଅକ୍ଷର ଓଡ଼ିଶା) ଡିଜିଟାଲ୍ ଯୁଗରେ ସାରା ଦେଶ ଯେତେବେଳେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି, ସେତେବେଳେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମାଝୀଗୁଡ଼ା ପଞ୍ଚାୟତର ଲୋଦୀ ,ଗିର୍ଲିଗୁଡା, ବଣ୍ଡକାଲୋଦୀ, ତେନ୍ତୁଳିଗୁଡା , ଚିକିଲିଆଗୁଡା , ନୂଆଗୁଡା , ହାତୀବାରି , ମୁଣ୍ଡାଗୁଡା, ଟେଡ୍ରୁଗୁଡା, ଜାମ୍ବଗୁଡା , ଉପରମୁଣ୍ଡା ଭଳି ୧୧ଗୋଟି ଗାଁ ଏବେ ବି ଟେଲିକମ ସେବାରୁ ବଞ୍ଚିତ ହେଉଛନ୍ତି ।ଏହି ଗାଁଗୁଡ଼ିକରେ ମୋବାଇଲ୍ ନେଟୱାର୍କ ଓ ଟେଲିକମ ସେବା ଉପଲବ୍ଧ ନଥିବାରୁ ଲୋକେ ଯୋଗାଯୋଗ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ନେଟୱାର୍କ ଅଭାବରୁ ଜରୁରୀ ସମୟରେ ଫୋନ୍ କରିବା, ଅନଲାଇନ୍ ସେବା ବ୍ୟବହାର, ଡିଜିଟାଲ୍ ପେମେଣ୍ଟ, ଅନଲାଇନ୍ ଶିକ୍ଷା ଓ ସରକାରୀ ଡିଜିଟାଲ୍ ସେବା ପାଇବାରେ ଗ୍ରାମବାସୀଙ୍କୁ ଅସୁବିଧା ହେଉଛି । ଏପରିକି ଜରୁରୀ ପରିସ୍ଥିତିରେ ପରିବାର ଲୋକ ଓ ପ୍ରଶାସନ ସହ ଯୋଗାଯୋଗ କରିବା ମଧ୍ୟ କଷ୍ଟକର ହୋଇପଡୁଛି ।ଯାହା ଟିକେ ଟିକେ ନେଟୱାର୍କ ରହୁଛି ତହିଁରେ ଯୋଗାଯୋଗ ହେବା ବି ବହୁତ୍ ମୁସ୍କିଲ ହୋଇ ପଡୁଛି ।ଦୀର୍ଘଦିନ ଧରି ଏହି ସମସ୍ୟା ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମାଝୀଗୁଡ଼ା ପଞ୍ଚାୟତର ସମସ୍ତ ଗାଁକୁ ଟେଲିକମ ସେବା ଯୋଗାଇବା ସହ ତୁରନ୍ତ ମୋବାଇଲ୍ ଟାୱାର୍ ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।ପ୍ରକାଶ ଥାଉ କି ସାନବାର୍ଲି ଫଚାୟତ ରେ ମଧ ସତ ପ୍ରତିଶତ ଲୋକେ ନେଟୱାର୍କ ସୁବିଧା ପାଇ ପାରୁନାହାନ୍ତି ଓ ବ୍ଲକ ସୀମାରେ ଥିବା ଝରିଗାଁ ବ୍ଲକ୍ ର ଟେମରା, ଚଚା ପଞ୍ଚାୟତରେ ମଧ ନେଟୱାର୍କ ସମସ୍ୟା ରହି ଆସୁଛି । ଏଥିପ୍ରତି ପ୍ରଶାସନ ଓ ଜନପ୍ରତିନିଧି ଧାନ ଦେବାକୁ ଦୀର୍ଘ ଦିନରୁ ଦାବି ହେଉଛି ।

ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ



କଳାହାଣ୍ଡି, ୫/୧୦ (ରାମ କୁମାର ସେନାପତି)ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା । ଜିଲ୍ଲାରେ ପହଞ୍ଚିବା ପରେ ପ୍ରଥମେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ ରେ ଯୋଗ ଦେଇଥିଲେ ।ସମୀକ୍ଷା ପରେ ଶ୍ରୀ ପଣ୍ଡା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ । ସେଠାରେ ଜଳଧାରା ଯୋଜନା ମାଧ୍ୟମରେ ନିର୍ମିତ କ୍ଷେତ ପୋଖରୀଗୁଡ଼ିକର କାର୍ଯ୍ୟକାରିତା ବୁଲି ଦେଖିବା ସହ ଏହାର ଉପଯୋଗିତା ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ପୋଖରୀ ହୁଡ଼ାରେ ପଇଡ ଚାରା ରୋପଣ କରିଥିଲେ ।ଏହି ଅବସରରେ ସ୍ଥାନୀୟ ଚାଷୀ ଅନନ୍ତ ବେହେରା ଓ ଲଳିତ ବେହେରାଙ୍କୁ ସମନ୍ୱିତ କୃଷି ପଦ୍ଧତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଭାବେ ବୁଝାଇଥିଲେ । ଗସ୍ତର ଦ୍ୱିତୀୟ ଦିନରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଥୁଆମୂଳ ରାମପୁର ବ୍ଲକର କାଣୀଗୁଣା ଓ ଡୁଡୁକାଗୁଡ଼ା ଗାଁ ପରିଦର୍ଶନ କରିଥିଲେ । ଏଠାରେ କାର୍ଯ୍ୟକାରୀ ହୋଇଥିବା କଫି ବଗିଚା ପରିଦର୍ଶନ କରିବା ସହ କଫି ଚାଷର ଅଗ୍ରଗତି ଓ ଚାଷୀମାନଙ୍କ ଲାଭ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ଜୟପାଟଣା ବ୍ଲକରେ ପହଞ୍ଚି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ପ୍ରକଳ୍ପଗୁଡ଼ିକର ସ୍ଥିତି, ଚାଷୀମାନଙ୍କୁ ମିଳୁଥିବା ସୁବିଧା ଓ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ସୂଚନା ନେଇଥିଲେ ।

ବାଲିନାଲି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ:ପୁରୁଣାପାଣି ଚାମ୍ପିଅନ୍



ଦେବଗଡ଼, ୦୫/୧୦ (ଅକ୍ଷର ଓଡ଼ିଶା): ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ପଞ୍ଚାୟତର ବାଲିନାଲି ଗ୍ରାମରେ ବାପୁଜୀ କ୍ଲବ, ବାଲିନାଲି ପକ୍ଷରୁ ଗତ ଶୁକ୍ରବାରଠାରୁ ଆୟୋଜିତ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉସାହ ଓ ଉଦ୍ଦୀପନାର ସହ ଉଦ୍‌ଯାପିତ ହୋଇଛି ।୧୬ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ପୁରୁଣାପାଣି ଦଳ ୧୦ ଗୋଲରେ ନୂଆଗାଁ ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା । ଫାଇନାଲ ମ୍ୟାଚ୍‌ଟି ପାଲାନ୍ତିରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍‌କୁ ରେଫରୀ ଭାବେ ଆନନ୍ଦ ମିର୍ଧା, ପରେଶ ପ୍ରଧାନ, ଦେବାନନ୍ଦ ମିର୍ଧା ଓ ଯୋଗେନ୍ଦ୍ର ପ୍ରଧାନ ସଫଳତାର ସହ ପରିଚାଳନା କରିଥିଲେ ।ଏହି ଅବସରରେ ବାପୁଜୀ କ୍ଲବ, ବାଲିନାଲିର ତତ୍ତ୍ୱାବଧାନରେ ଭବ୍ୟ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ହୀରାଲାଲ ସାହୁ, ଦୁଃଖବନ୍ଧୁ ସାହୁ, ଟଙ୍କଧର ପ୍ରଧାନ, ଜୟା ପ୍ରଧାନ, ରବୀନ୍ଦ୍ର ସାହୁ ଓ ଖଗେଶ୍ୱର ସାହୁ ମଞ୍ଚାସୀନ ରହି ଖେଳାଳି, ଯୁବପିଢ଼ି ଓ ଆୟୋଜକମାନଙ୍କୁ ଉସାହିତ କରିଥିଲେ । ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ବାପୁଜୀ କ୍ଲବ, ବାଲିନାଲିର ସଭାପତି ତପନ କୁମାର ଦୀପ, ସମ୍ପାଦକ ଲିକୁନ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ ।

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରା ଜୟନ୍ତୀ ପାଳନ ଜନସମ୍ପର୍କ ପଦଯାତ୍ରା

କଟକସଦର -(୫/୧୦(ଅକ୍ଷର ଓଡିଶା)) କଟକ ସଦରର ପୂର୍ବତନ ବିଧାୟକ, ପୂର୍ବତନ ବରିଷ୍ଠ ମନ୍ତ୍ରୀ, ଜନନାୟକ, ସୁସାହିତ୍ୟିକ, ଲେଖକ ତଥା ଶିକ୍ଷାବିତ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ୮୬ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ସଦରର ପୂର୍ବତନ ମନ୍ତ୍ରୀ ତଥା କାଳିନ୍ଦୀ ବେହେରାଙ୍କ ସୁପୁତ୍ର ଚନ୍ଦ୍ର ସାରଥୀ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଜନାର୍ଦ୍ଦନପୁର ପଞ୍ଚାୟତସ୍ଥିତ କଳା ପରିଷଦ ଠାରୁ ହଜାର ହଜାର କାଳିନ୍ଦୀ ପ୍ରେମୀଙ୍କୁ ନେଇ ଏହି ଶୋଭାଯାତ୍ରା ବାହାରି କଳମିଶ୍ରି ପଞ୍ଚାୟତର ଲେଣ୍ଡୁରା ଭଗବାନପୁର ସ୍ଥିତ ବୋଧନାଥ ପୀଠ ପର୍ଯ୍ୟନ୍ତ ଯାଇଥିଲା । ନିଶ୍ଚିନ୍ତକୋଇଲି କାଳିନ୍ଦୀ ବେହେରା ସ୍ମୃତି ସଂସଦ ପକ୍ଷରୁ କଟକ ସଦର ଅନ୍ତର୍ଗତ କଳମିଶ୍ରି ପଞ୍ଚାୟତର ଲେଣ୍ଡୁରା ଭଗବାନପୁରସ୍ଥିତ ବୋଧନାଥ ପୀଠ ପ୍ରାଙ୍ଗଣରେ ଜୟନ୍ତୀ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ କାଳିନ୍ଦୀ ବେହେରାଙ୍କ ସୁପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରାଙ୍କ ସମେତ ବରିଷ୍ଠ ନେତୃବୃନ୍ଦ, ଦଳୀୟ କର୍ମକର୍ତ୍ତା ଏବଂ ବହୁ ସଂଖ୍ୟକ କାଳିନ୍ଦୀ ପ୍ରେମୀ ଯୋଗଦେଇ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।ଉକ୍ତ ଆୟୋଜିତ ସଭାରେ କ୍ଷେତ୍ରୁ ନନା ସଭାପତିତ୍ୱ କରିଥିବା ବେଳେ ପ୍ରମୋଦ ମହାପାତ୍ର, ଶରତ ରାୟ, ଅଚ୍ୟୁତାନନ୍ଦ ଦାସ, ରୁସ୍ତମ୍ ମହମ୍ମଦ, ଲିଆକତ ଅଲ୍ଲୀ, ପଞ୍ଚାନନ ସାହୁ, ସମର ବେହେରା, ପିଣ୍ଟୁ,ମନୋଜ ଦେବତା, ସୁଦର୍ଶନ ଜେନା ପ୍ରମୁଖ ଙ୍କ ସମେତ ଦଳର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।

ପାତାଳଗଙ୍ଗା ମଣ୍ଡଳରେ ବିଜେପିର ମଣ୍ଡଳସ୍ତରୀୟ ବୈଠକ



ବୋଡ଼େନ, ୦୫/୧୦ (ଅକ୍ଷର ଓଡ଼ିଶା): ଭାରତୀୟ ଜନତା ପାର୍ଟି ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖଡ଼ିଆଳ ବିଧାନସଭା କ୍ଷେତ୍ରର ପାତାଳଗଙ୍ଗା ମଣ୍ଡଳର ମଣ୍ଡଳସ୍ତରୀୟ ବୈଠକ ବିନପୁରଠାରେ ମଣ୍ଡଳ ସଭାପତି ଲୀଳାମ୍ବର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଲମ୍ବୋଦର ନିଆଲ, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଲାନ, ପୂର୍ବତନ ମଣ୍ଡଳ ସଭାପତି ଅତିନ୍ଦ୍ରଜିତ୍ ସିଂ, ମଣ୍ଡଳ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର, ବେଣୁଧର ଜଗତ, ଜତିରାଜ ଦଣ୍ଡସେନା, ଅରବିନ୍ଦ ବେହେରାଙ୍କ ସମେତ ମଣ୍ଡଳର ପଦାଧିକାରୀ, ସମସ୍ତ ମୋର୍ଚ୍ଚାର ସଭାପତି ଓ ଶକ୍ତିକେନ୍ଦ୍ର ପ୍ରମୁଖମାନେ ଯୋଗଦେଇଥିଲେ । ବୈଠକରେ ଦଳୀୟ ସଂଗଠନକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା, ବୁଥ୍‌ସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟତା ବଢ଼ାଇବା ଏବଂ ଜନସାଧାରଣଙ୍କ ସହ ନିରନ୍ତର ସମ୍ପର୍କ ରଖିବା ନେଇ ଆଲୋଚନା ହୋଇଥିଲା ।‘ସେବା ସଂକଳ୍ପ ଅଭିଯାନ’ ମାଧ୍ୟମରେ ସମାଜର ପ୍ରତ୍ୟେକ ବର୍ଗଙ୍କ ନିକଟରେ ପହଞ୍ଚି ସେବାମୂଳକ ଓ ଜନକଲ୍ୟାଣକାରୀ କାର୍ଯ୍ୟକୁ ବ୍ୟାପକ କରିବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସଂକଳ୍ପକୁ ସମସ୍ତଙ୍କ ସହଭାଗିତାରେ ସାକାର କରିବା ନେଇ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେଇଥିଲେ ।

ଟ୍ରକ ସହ ବାଇକ ଧକ୍କା ପରେ ଜଳିଗଲା ଟ୍ରକ ଓ ବାଇକ

ଟ୍ରକ ଡ୍ରାଇଭର ଆକ୍ରମଣର ଶିକାର

ହିଞ୍ଜିଳିକାଟୁ : ୦୫/୧୦(ଅବନି କାନ୍ତ ପଟ୍ଟନାୟକ)ହିଂଜିଳି ଥାନା ଅନ୍ତର୍ଗତ ତହଁର ପଞ୍ଚାୟତ ସମ୍ମୁଖରେ ଜଳି ଗଲା ଗୋଟିଏ ଟ୍ରକ ଓ ବାଇକ । ଦୁର୍ଘଟଣା ପରେ ସେହି ଗ୍ରାମର ଟ୍ରକ ଡ୍ରାଇଭର ବୃନ୍ଦାବନ ମେହେଣା (୨୮)ଲୋକଙ୍କ ଆକ୍ରମଣ ରେ ଆହତ ହୋଇଛନ୍ତି । ଅନ୍ୟ ପଟେ ବାଇକ ଚାଳକ ସୌଭାଗ୍ୟ ବଶତଃ ଅଳ୍ପକେ ବର୍ଞ୍ଚି ଯାଇଥିବା ବେଳେ ସାମାନ୍ୟ ଆହତ ହୋଇ ହିଂଜିଳି ମେଡ଼ିକାଲରେ ଚିକିସିତ ହେଉଛନ୍ତି । ଟ୍ରକ ଡ୍ରାଇଭର ବୃନ୍ଦାବନଙ୍କ ଘର ତହଁର ଗ୍ରାମରେ । ସେ ଆଜି ଟ୍ରକ ନେଇ ନିଜ ଗାଁ ତହର କୁ ଆସିଥିଲେ । ଗାଁ ରେ ସେ ଟ୍ରକ ରଖି ଗୋଟିଏ ଦୋକାନ ନିକଟ ଛିଡା ହୋଇଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ କିଛି ବ୍ୟକ୍ତି ଆକ୍ରମଣ କରିଥିଲେ । ତେଣୁ ସେ ଟ୍ରକ ଧରି ହିଂଜିଳି ପଟେ ଯିବା ସମୟରେ ତହଁର ପଞ୍ଚାୟତ ନିକଟରେ ଦ୍ରୁତ ବେଗରେ ଆସି ଏକ ବାଇକକୁ ଧକ୍କା ଦେଇ ଘୋଷାଡି ନେଇଥିଲେ । ସେହି ସମୟରେ ବାଇକ ଓ ଟ୍ରକ ମଧ୍ୟରେ ଘର୍ଷଣ ଫଳରେ ନିଆଁ ଲାଗିଥିବା ସିସିଟିଭି କ୍ୟାମେରାରେ ଆସୁଛି । ନିଆଁ ଲାଗିବା ପରେ ଟ୍ରକର ୭୦ ଭାଗ ଓ ବାଇକଟି ସମ୍ପୂର୍ଣ୍ଣ ପୋଡି ଯାଇଛି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିଥିଲା । ଅନ୍ୟ ପଟେ ଉତ୍ୟକ୍ତ ଲୋକେ ଡ୍ରାଇଭର ବୃନ୍ଦାବନଙ୍କୁ ମାଡ଼ ମାରିଥିବା ବେଳେ ବାଇକ ଚାଳକ ମିଥୁନ ନେଜା ସାମାନ୍ୟ ଆହତ ହୋଇ ମେଡ଼ିକାଲ ରେ ଚିକିସିତ ହେଉଛନ୍ତି । ପୋଲିସ ଘଟଣା କୁ ନେଇ ଅଧିକ ତଦନ୍ତ କରୁଛି । ତଦନ୍ତ ପରେ ପୂରା ତଥ୍ୟ ଉପରୁ ପରଦା ହଟିବ ।

ଆସନ୍ତା ୮ ତାରିଖ ଦେବଗଡ଼ବନ୍ଦ ଡାକରା

ଦେବଗଡ଼, ୦୫/୧୦(ଅକ୍ଷର ଓଡ଼ିଶା): ଆସନ୍ତା ୮ ତାରିଖରେ କଂଗ୍ରେସ ସମେତ ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ଦେବଗଡ଼ ବନ୍ଦ ପାଳନ କରାଯିବ । ଅତ୍ୟାବଶ୍ୟକ ସେବାକୁ ବାଦ ଦେଇ ଯାନବାହନ ଚଳାଚଳ, ଦୋକାନ ବଜାର ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।ଏନେଇ ଆଜି ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା ଏବଂ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ ଯୋଗଦେଇଥିଲେ ।ଏମ୍‌ଏମ୍‌ଡିଆର ଆକ୍ଟ-୨୦୨୬ର ସଂଶୋଧନ, ଓଡ଼ିଆ ପାଠ୍ୟପୁସ୍ତକରେ ୧୭୪୧ଟି ଭୁଲ ମୁଦ୍ରଣ ନେଇ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ, ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଆଦି ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ପ୍ରତିବାଦ ଜଣାଯାଇଛି ।

ଦୁଇ କୋଠରୀରେ ଛଅ ଶ୍ରେଣୀ, ସମସ୍ୟାରେ ତାଳପାଟଣା ବିଦ୍ୟାଳୟ

ଧରାକୋଟ, ୫/୧୦:(ଅକ୍ଷର ଓଡିଶା)ଧରାକୋଟ ବ୍ଲକ ମୁଣ୍ଡମରାଇ କ୍ଲଷ୍ଟର ଅଧୀନ ତାଳପାଟଣା ପ୍ରାଥମିକ ବିଦ୍ୟାଳୟ ଏବେ ନାନା ସମସ୍ୟା ମଧ୍ୟରେ ଚାଲିଛି । ୧୯୮୭ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ମାତ୍ର ଦୁଇଟି ଶ୍ରେଣୀଗୃହ ଥିବା ବେଳେ ବାଳବାଟିକା ସମେତ ଛଅଟି ଶ୍ରେଣୀରେ ମୋଟ ୫୭ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଦୁଇଟି କୋଠରୀରେ ଛଅଟି ଶ୍ରେଣୀ ଚାଲୁଥିବାରୁ ପାଠପଢ଼ା ବ୍ୟାହତ ହେଉଥିବା ବେଳେ ବେଳେବେଳେ ପିଲାମାନେ ବାରଣ୍ଡାରେ ପଢିବାକୁ ବାଧ ହେଉଛନ୍ତି ।ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜେ. ତୁଳସୀ ଆଚାରୀ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା ମଲ୍ଲିକ ନିୟୋଜିତ ଅଛନ୍ତି । ବିଦ୍ୟାଳୟର ତିନି ପଟେ ପାଚେରୀ ନଥିବା ବେଳେ ରୋଷେଇ ଘରେ ଚିମିନି ନଥିବାରୁ ଧୂଆଁ ଶ୍ରେଣୀଗୃହକୁ ପ୍ରବେଶ କରୁଛି । ଫଳରେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିସହ ରୋଷେଇ ଘରର ଚଟାଣ ଦବିଯାଇଥିବା ବେଳେ ବିଦ୍ୟାଳୟର ପ୍ରବେଶପଥ ଉପର ତାଜା ମଧ ଫାଟିଯାଇଛି ।ଅନ୍ୟପକ୍ଷରେ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟର ଅଭାବ ରହିଛି । ବିଦ୍ୟାଳୟ ନିକଟ ଉତ୍ତର ଦିଗରେ ଋଷିକୁଲ୍ୟା ନଦୀ ପ୍ରବାହିତ ହେଉଥିବାରୁ ସୁରକ୍ଷା ଦୃଷ୍ଟିରୁ ମଧ ଏହା ଚିନ୍ତାର ବିଷୟ ପାଲଟିଛି । ଏ ସମ୍ପର୍କରେ ଏବିଇଓ ସୌରୀ ଶଙ୍କର ବେହେରାଙ୍କୁ ପଚାରିବାରୁ, ଗତ ବ୍ଲକସ୍ତରୀୟ ଜନଶୁଣାଣିରେ ବିଦ୍ୟାଳୟର ସମସ୍ତ ସମସ୍ୟା ନେଇ ଲିଖିତ ଅଭିଯୋଗ ଦାଖଲ ହୋଇଥିବା କହିଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।

ବିଭିନ୍ନ ସମସ୍ୟା ନେଇ କଂଗ୍ରେସ ଆସନ୍ତା ୮ରେ ଓଡ଼ିଶା ବନ୍ଦ ଡାକରା

କୁଚିଣ୍ଡା, ୫/୧୦ (ଚତୁର୍ଭୁଜ ଜୟପୁରିଆ) ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ପର୍ଯ୍ୟବେକ୍ଷକ ଭାବେ କଂଗ୍ରେସ ବିଧାୟକ ରାଜନ ଏକ୍କା ଙ୍କର କୁଚିଣ୍ଡା ଗସ୍ତ ଏବଂ କଂଗ୍ରେସ ଭବନ ରେ ବୈଠକ, ଓଡ଼ିଶାର ଆର୍ଥିକ ଅଧିକାର, ଗଣତାନ୍ତ୍ରିକ ବ୍ୟବସ୍ଥା, ଶିକ୍ଷା ବ୍ୟବସ୍ଥା ଏବଂ ବନ୍ୟା ବିପର୍ଯ୍ୟୟ ପରିଚାଳନାରେ ସରକାରୀ ପଦକ୍ଷେପକୁ ନେଇ ବିଭିନ୍ନ ଦାବି ଉପସ୍ଥାପନ ପୂର୍ବକ ଏହି ବନ୍ଦ ଡାକରା ଦିଆଯାଇଛି । ଭୋଟର ତାଲିକା ସମ୍ପର୍କିତ SIR ବ୍ୟବସ୍ଥା ପ୍ରତ୍ୟାହାର ପାଇଁ ମଧ ଦାବି କରାଯାଇଛି । ନିର୍ବାଚନ ପ୍ରକ୍ରିୟାରେ ଭୋଟର ତାଲିକା ସମ୍ପର୍କିତ SIR (ସ୍ପେଶାଲ୍ ଇଣ୍ଟେନସିଭ୍ ରିଭିଜନ୍ / ସ୍ୱତନ୍ତ୍ର ସଘନ ସଂଶୋଧନ) ପ୍ରକ୍ରିୟାକୁ ନେଇ ମଧ ତୀବ୍ର ବିରୋଧ ପ୍ରକାଶ ପାଇଛି । ଭୋଟର ତାଲିକାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ବଜାୟ ରଖିବା ସହିତ ଏହି SIR ପ୍ରକ୍ରିୟାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି ଜଣାଯାଇଛି ।ରାଜ୍ୟର ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟି, ବ୍ୟାପକ ଶିକ୍ଷକ ଅଭାବ, ଭିତ୍ତିଭୂମି ସମସ୍ୟା ଏବଂ ସରକାରୀ ବିଦ୍ୟାଳୟଗୁଡ଼ିକର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମସ୍ତ ବିଫଳତା ପାଇଁ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବହିଷ୍କାର ଦାବି ଉଠିଛି । ଏଥିସହ ବନ୍ୟା ବିପର୍ଯ୍ୟୟ ମୁକାବିଲାରେ ସରକାରୀ ଉଦାସୀନତାକୁ ନେଇ ମଧ ଅଭିଯୋଗ କରାଯାଇଛି । ଚଳିତ ବର୍ଷ ଲଗାଣ ବର୍ଷା ଏବଂ ବନ୍ୟା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାଷଜମି ତଥା ବାସଗୃହ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ପ୍ରଭାବିତ ଲୋକମାନଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, କୃଷି ଋଣ ଛାଡ଼ ଏବଂ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ଉପସ୍ଥାପନ କରାଯାଇଛି । ଏହିସବୁ ଦାବିକୁ ନେଇ ଆସନ୍ତା ଅକ୍ଟୋବର ୮ ତାରିଖରେ ଡକାଯାଇଥିବା ‘ଓଡ଼ିଶା ବନ୍ଦ’କୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବା ପାଇଁ ‘ଇଣ୍ଡିଆ’ (INDIA) ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ବ୍ୟବସାୟୀ, ପରିବହନ କର୍ମଚାରୀ, ଯୁବବର୍ଗ, ମହିଳା ତଥା ସାଧାରଣ ଜନତାଙ୍କୁ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଛି । କୁଚିଣ୍ଡା କଂଗ୍ରେସ ସଭାପତି ଅଖିଳ ପ୍ରତାପ ସିଂଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଂଗ୍ରେସ ଓଡ଼ିଶା ସାଧାରଣ ସମ୍ପାଦିକା ଅନିତା ବିଶ୍ୱାଳ, ପୂର୍ବତନ କୁଚିଣ୍ଡା ଏନ ଏସି ଅଧ୍ୟକ୍ଷ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ନାଥ ବରିହା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ କିଶୋର ନାଏକ,ଜିଲ୍ଲା ଉପସଭାପତି ସଞ୍ଜୟ ମହିନନ୍ଦ,ଜିଲ୍ଲା ପରିଷଦ ପ୍ରାର୍ଥୀ ଦିଲିପ୍ ପଟେଲ,ପିସିସି ସଦସ୍ୟ ସଞ୍ଜିତ ଶର୍ମା,ଯୁବ ସଭାପତି ଆଶିଷ ସିଂ,ସାଧାରଣ ସମ୍ପାଦକ ମହମ୍ମଦ ସଫିକ, ସଂପାଦକ ଜିତେନ୍ଦ୍ର ସାହୁ, କଂଗ୍ରେସ କର୍ମୀ ପିତାମ୍ବର ମାଝୀ ପ୍ରମୁଖ ବରିଷ୍ଠ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହିଥିଲେ ।

୧୮୦ କେଜି ଗଞ୍ଜେଇ ଜବତ

ଫୁଲବାଣୀସଦର, ୦୫/୧୦:(ଅକ୍ଷର ଓଡ଼ିଶା)କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅବକାରୀ ବିଭାଗ ଏକ ବଡ ସଫଳତା ହାସଲ କରିଛି । ୧୮୦ କେଜି ଗଞ୍ଜେଇ ଜବତ କରି ଗୋଟିଏ ଇନୋଭା ଗାଡି ସହ ଦୁଇ ଅନ୍ତରାଜ୍ୟ ମାଫିଆ ଗିରଫ୍ କରିବା ସଫଳ ହୋଇଛି ବାଲିଗୁଡ଼ା ଅବକାରୀ ବିଭାଗ ।ବିଶେଷ ସୂଚନା ଆଧାରରେ ବାଲିଗୁଡ଼ା ଅବକାରୀ ବିଭାଗ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଜାଣିପାରିଥିଲା ।ବାଲିଗୁଡା ଅବକାରୀ ବିଭାଗ ର ଏସଆଇ ଦିପକ ନାୟକ, ଜିତେନ୍ଦ୍ର ହେମ୍ବ୍ରମ ଓ ସଂଜୀବ କୁମାର ଭୁକ୍ତାଙ୍କୁ ନେଇ ଏକ ଟିମ୍ ଗତ ଶନିବାର ରାତି ଠାରୁ ଗଞ୍ଜେଇ ମାଫିଆ ମାନଙ୍କୁ ନଜରରେ ରଖି ରବିବାର ସକାଳେ ଗୋଟିଏ ଇନୋଭା ଗାଡି ରେ ଚୋରା ଗଞ୍ଜେଇ ଚାଲାଣ ବେଳେ ମାଡି ବସିଥିଲା । ଘଟଣା ସ୍ଥଳରୁ ୧୮୦ କେଜି ଗଞ୍ଜେଇ ସହ ଦୁଇ ଅନ୍ତରାଜ୍ୟ ମାଫିଆ ଗିରଫ୍ କୁ ଗିରଫ କରିଥିଲା ବାଲିଗୁଡ଼ା ଅବକାରୀ ବିଭାଗ । ଏହି ଦୁଇ ଜଣ ଗୁଞ୍ଜନ କୁମାର ବିହାରର ହୋଇଥିବା ବେଳେ ଡବଲୁ ପାଲ ଉତ୍ତର ପ୍ରଦେଶରରୁ ହୋଇଥିବା ସୂଚନା ମିଳିଛି । କୋର୍ଟଚାଲାଣ କରିଥିବା ସୂଚନା ଦେଇଛନ୍ତି ବାଲିଗୁଡ଼ା ଅବକାରୀ ବିଭାଗ ଓଆଇସି ଚିନ୍ମୟ ଦଳାଇ ।

କୁମାରପୁରରେ ବିଜେଡିର ପଦଯାତ୍ରା

ଆଠଗଡ଼, ୫/୧୦ (ଅକ୍ଷର ଓଡ଼ିଶା) ଆଠଗଡ଼ ବ୍ଲକ ଦୁଇ ନମ୍ବର ଜିଲ୍ଲାପରିଷଦ ଜୋନ୍ ବର୍ତ୍ତମାନ ରାଜନୈତିକ ସମ୍ବେଦନଶୀଳତାର ଶୀର୍ଷରେ । ଏହା ମଧ୍ୟରେ ସବୁଠୁ ଅଧିକ ଚର୍ଚ୍ଚାରେ ଥିବା କୁମାର ପୁର ପଞ୍ଚାୟତରେ ଆଜି ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଠଗଡ ବିଧାୟକଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ତାଳ ପଡିଆ ଫୁଟବଲ ପଡ଼ିଆ ଠାରୁ ଆରମ୍ଭ ହୋଇ ଦଣ୍ଡା ପଡିଆ କଣ୍ଡାଣିଆ,ଓସ୍ତପୁର ଦେଇ କୁମାର ପୁର ଶାସନ ମହାଦେବ ମନ୍ଦିର ଠାରେ ଶେଷ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସମସ୍ତ କ୍ଷେତ୍ରରେ ବିଫଳତା ବିକାଶରେ ବାଧା ତଥା ରାଜ୍ୟ କୁ ସୁରକ୍ଷା ଏବଂ ଜନସାଧାରଣଙ୍କୁ ସାମାଜିକ ସୁରକ୍ଷା ଦେବାରେ ସରକାର ସଂପୂର୍ଣ୍ଣ ଫେଲ ମାରିଛି । ଫଳରେ ଖଣି ଓ ଖଣିଜ ସମ୍ପଦ ଉନ୍ନୟନ ଆଇନ ପରି ରାଜ୍ୟ ସ୍ୱାର୍ଥ ବିରୋଧୀ ଆଇନ, ତୃଟିପୂର୍ଣ୍ଣ ଶିକ୍ଷା ନୀତି ଭତ୍ତା ମିଳିବାରେ ଅହେତୁକ ବିଳମ୍ବ ଆଦି ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇ ଥିଲେ । କଟକ ଜିଲ୍ଲା ବିଜେଡ଼ି ଉପସଭାପତି ନୃସିଂହ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ସ୍ଥାନୀୟ ସରପଞ୍ଚ ମଞ୍ଜୁଳତା ନାଏକ,ଜୋନ ଅନ୍ତର୍ଗତ ରାଧାକିଶୋର ପୁର ସରପଞ୍ଚ ତଥା ବ୍ଲକ ଯୁବ ବିଜେଡି ସଭାପତି ବିନୋଦ କୁମାର ମାଝୀ, କଣ୍ଡରେଇ ସରପଞ୍ଚ ଜ୍ଞାନ ରଞ୍ଜନ ଦାଶ ଭୋଗରା ସରପଞ୍ଚ ଅଜିତ୍ କୁମାର ଦାସ ଗୁରୁଡିଝାଟିଆ ସମିତି ସଭ୍ୟ ଶ୍ୟାମ ମେଳମାଛି ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ମହିଳା ବିଜେଡ଼ି ରାଜ୍ୟ ସମ୍ପାଦିକା ବାସନ୍ତୀ ରାଉଳ, ଶ୍ରମିକ ନେତା ଅଶୋକ ରାଉତ ବିଜେଡି କାର୍ଯ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଲମତାପୁଟ, ୦୫/୧୦ (ଶ୍ରୀରାମ ଖରା) କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ହେଇଛି ।ଏହି କାର୍ଯ୍ୟକ୍ରମରେ ଲମତାପୁଟ ବ୍ଲକ ର ୧୫ ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକେ ଗାଁ ର ବିଭିନ୍ନ ସମସ୍ୟା କୁ ଏକ ଲିଖିତ ଆକାରରେ ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।ସମୁଦାୟ ୮୨ ଟି ଅଭିଯୋଗ ହୋଇ ଥିବା ବେଳେ ଏଥି ମଧ୍ୟରେ ସାମୂହିକ ଅଭିଯୋଗ ୫୮ ସହ ବ୍ୟକ୍ତିଗତ ୨୪ ଟି ଅଭିଯୋଗ ଶୁଣାଣି ହୋଇ ଥିଲା ବେଳେ ୧୯ ଟି ଅଭିଯୋଗ ନାକଚ ହୋଇ ଥିଲା ।ବିସେଶ କରି ରାସ୍ତା,ଆବାସ ଘର ,ପାଣି ବିଦ୍ୟୁତ୍ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଅଭିଯୋଗ ଶୁଣାଣି ହୋଇ ଥିଲା । ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଲୋକଙ୍କ ଠାରୁ ଜିଲ୍ଲାପାଳ ୫୪ ଖଣ୍ଡ ଅଭିଯୋଗ ଶୁଣିଥିବା ବେଳେ ଏଥି ମଧ୍ୟରେ ଅଭିଯୋଗ ସମ୍ପର୍କିତ ସମସ୍ୟା କୁ ନେଇ ଉଭୟ ଅଭିଯୋଗ କାରି ଓ ସେହି ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସହ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା କୁ ଭିବାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଉତ୍କଳୀୟ ବେଦାନ୍ତ ପରିଷଦ ଦ୍ୱାରା କବିବର ଦର୍ଶନର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ

କବିସୂର୍ଯ୍ୟନଗର, ୦୫/୧୦ (ବିବେକାନନ୍ଦ ସାହୁ):ଉତ୍କଳୀୟ ବେଦାନ୍ତ ପରିଷଦର ଗଞ୍ଜାମ ଜିଲ୍ଲା ଶାଖା ଦ୍ୱାରା ଗତ ସୋମବାର ସନ୍ଧ୍ୟାରେ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ସାପ୍ତାହିକ ଉଦଯାପନ ଉତ୍ସବ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦର ପ୍ରତିଷ୍ଠାତା ତଥା ସଭାର ସଭାପତି ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବେଦାନ୍ତ ବିଭାଗାଧ୍ୟକ୍ଷ ପ୍ରୋ. ପ୍ରଭାତ ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରି ରାଧାନାଥଙ୍କ କାବ୍ୟ କବିତାରେ ଅଦ୍ୱୈତ ତତ୍ତ୍ୱର ବିଶ୍ଳେଷଣ କରିଥିଲେ । ପ୍ରଥମେ ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ସାଗତ ଭାଷଣ ମାଧ୍ୟମରେ କବିବର କବିତାରେ ବେଦାନ୍ତ ଦର୍ଶନର ସମ୍ୟକ୍ ଆଲୋଚନା କରିବା ସହ ଉପସ୍ଥିତ ଥିବା ଅତିଥି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହାପରେ ଉଦ୍ଘାଟକ ତଥା ମୁଖ୍ୟ ଅତିଥି ବରିଷ୍ଠ ସନ୍ନ୍ୟାସୀ ସ୍ୱାମୀ ପରିପୂର୍ଣ୍ଣାନନ୍ଦ ସରସ୍ୱତୀ ଆଶିର୍ବଚନ ଦେଇଥିଲେ ଏବଂ ମୁଖ୍ୟବକ୍ତା ଡଃ ନୃସିଂହ ଚରଣ ସାହୁ ସଦାଶିବ ପରିସର, ପୁରୀଙ୍କ ଦ୍ୱାରା ରାଧାନାଥ ରାୟଙ୍କ କବିତାରେ ଦାର୍ଶନିକ ଦୃଷ୍ଟିଭଙ୍ଗିକୁ ଉଜାଗର କରିଥିଲେ । ସାରସ୍ୱତବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହାୟକ ଅଧ୍ୟାପକ ଡଃ ରାଧାକାନ୍ତ ପଣ୍ଡା ,ସଭା ସଞ୍ଚାଳକ ଅଧ୍ୟାପକ ଡଃ. ମାନସ କୁମାର ବେହେରା, ପଣ୍ଡିତ ସୁଧାଂଶୁ ଶେଖର ରାଜଗୁରୁ, ପ୍ରଫୁଲ୍ଲ କୁମାର ଦାଶ, ପଣ୍ଡିତ ଶ୍ୟାମ ସୁନ୍ଦର ପଣ୍ଡା , ଡ଼ଃ. କୃଷ୍ଣ ଚନ୍ଦ୍ର ଦାଶ , ଅଧ୍ୟାପକ ପୀତବାସ ବିଶ୍ୱାଳ, ଅଧ୍ୟାପକ କେଶବ ଚନ୍ଦ୍ର ଦାଶ, ଅଧ୍ୟାପକ ସୀତାଂଶୁ ଶେଖର ମିଶ୍ର, ଅଧ୍ୟାପକ ଆଶୁତୋଷ ସାହୁ, ଅଧ୍ୟାପିକା ସୁନନ୍ଦା ରାଣୀ ମେହେର ଆଦି ଅନେକ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଶେଷରେ ଡଃ. ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିବା ସହ ବ୍ରହ୍ମାନନ୍ଦ ପଣ୍ଡା ଶାନ୍ତି ପାଠ କରିଥିଲେ ।

ଚିକେନ ଦୋକାନରୁ ୧୮୭ଟି ବ୍ରଜ କାପ୍ତା କାତି ଜବତ

ଆଠମଲ୍ଲିକ, ୫/୧୦ (ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଅଧୀନରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧୮୭ଟି ବ୍ରଜ କାପ୍ତା କାତି ଜବତ କରାଯାଇଛି । ଆଠମଲ୍ଲିକ ରେଞ୍ଜ ଅଧୀନ ତାଳବୀଜପୁର ଗ୍ରାମରେ ଥିବା ପ୍ରକାଶ ପ୍ରଧାନଙ୍କ (୫୦) ଚିକେନ ଦୋକାନରେ ଚଢ଼ଉ କରାଯାଇ ଏହି କାପ୍ତାଗୁଡ଼ିକ ଜବତ ହୋଇଥିବା ବନ ବିଭାଗ ପକ୍ଷରୁ ଜଣାପଡ଼ିଛି ।ବନ୍ୟଜନ୍ତୁ ସୁରକ୍ଷା ଓ ବେଆଇନ କାରବାର ଉପରେ ନଜର ରଖିବା ଅବସରରେ ବନ ବିଭାଗକୁ ମିଳିଥିବା ସୂଚନା ଆଧାରରେ ତାଳବୀଜପୁର ଅଞ୍ଚଳରେ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଦୋକାନରୁ ୧୮୭ଟି ବ୍ରଜ କାପ୍ତା କାତି ମିଳିବା ପରେ ବନ ବିଭାଗ ପକ୍ଷରୁ ସେଗୁଡ଼ିକୁ ଜବତ କରାଯାଇଥିଲା ।ଏହି ଘଟଣାରେ ଆଠମଲ୍ଲିକ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି । ଘଟଣାର ପ୍ରକୃତ କାରଣ ଓ ଏହା ପଛରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।ଆଠମଲ୍ଲିକ ରେଞ୍ଜର ସୁନୀଲଙ୍କ ନେତୃତ୍ୱରେ ଫରେଷ୍ଟର ସୁବ୍ରତ ଶତପଥୀ, ତ୍ରିନାଥ ନାୟକ, ରଞ୍ଜିତ ସାହୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ । ବନ୍ୟଜନ୍ତୁ ସୁରକ୍ଷା ଦିଗରେ ବନ ବିଭାଗର ଏଭଳି ଚଢ଼ଉ ଆଗକୁ ମଧ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

କେନ୍ଦୁଝର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



କେନ୍ଦୁଝର,୦୫/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଏହି ଶିବିରରେ ମୋଟ ୨୧୨ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୮୮ଟି, ସାମୁହିକ ଅଭିଯୋଗ ୨୪ଟି ଏବଂ ରେଡକ୍ରସ ସହାୟତା ପାଇଁ ୦୯ଟି ଆବେଦନ ଗ୍ରହଣ କରାଯାଇଛି । ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।ଏହି ଶୁଣାଣି ଶିବିରରେ ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ ଏବଂ ଏସଡିପିଓ ସୁଦର୍ଶନ ଗଙ୍ଗୋଇଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ ।ଏଠାରେ ସୂଚନାଯୋଗ୍ୟ ଯେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅକ୍ଟୋବର ମାସର ପରବର୍ତ୍ତୀ ଅଭିଯୋଗ ଶୁଣାଣିଗୁଡ଼ିକ ଅକ୍ଟୋବର ୧୨ ତାରିଖ ଦ୍ୱିତୀୟ ସୋମବାର ଝୁମ୍ପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ, ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏବଂ ଅକ୍ଟୋବର ୨୬ ତାରିଖ ଚତୁର୍ଥ ସୋମବାର ପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ।

ସଫଳ ବ୍ୟବସାୟୀ ଏବେ ମାନସିକ ବିକାରଗ୍ରସ୍ତ

ଚିକିତ୍ସା ପାଇଁ ଆବଶ୍ୟକ ସରକାରୀ ସହାୟତା, ପରିବାର ଲୋକଙ୍କ ବ୍ୟାକୁଳ ନିବେଦନ

କାକଟପୁର ୫/୧୦(ଅକ୍ଷର ଓଡ଼ିଶା)ପୁରୀ ଜିଲ୍ଲା କାକଟପୁର ବ୍ଲକ ଗୋପିକାନ୍ତପୁର ଗ୍ରାମ ର ଧୂଳେଶର ରଥ, ବୟସ ୫୫ ରୁ ୬୦ ଭିତରେ ଯିଏ ଜଣେ ମାନସିକ ରୋଗୀ, ଧୂଳେଶର ଏକଦା ଜଣେ ଉଚ୍ଚ ଶିକ୍ଷିତ ଗ୍ରାଜୁଏଟ ଥିଲେ ଓ କାକଟପୁର ରେ କରିଥିଲେ ବ୍ୟବସାୟ, ଘରେ ବାପା ନଥିଲେ ମାତ୍ର ବୁଢ଼ୀ ମା, ଧୂଳେସ୍ୱର ଙ୍କ ବିବାହ ପରେ ତାଙ୍କର ଝିଅ ଟିଏ ଓ ପୁଅ ଟିଏ ଅଛନ୍ତି ଓ ତାଙ୍କ ଧର୍ମପତ୍ନୀ ଜ୍ୟୋସ୍ନାରାଣୀ ରଥ, ବ୍ୟବସାୟ କରି ପୁଅ କୁ ଉଚ୍ଚ ଶିକ୍ଷିତ କରିବା ସହ ଝିଅ କୁ ମଧ ବିବାହ କରାଇଥିଲେ ମାତ୍ର ଦଇବ ଦଉଡି ମଣିଷ ଗାଈ ଯେଣିକି ଘୋଷଡେ ତେଣିକି ଯାଇ ଭଳି ହଟାତ ଧୂଳେସ୍ୱର ଙ୍କ ପରିବାର ଉପରେ ଦଇବ ଦାଉ ସାଧିଛନ୍ତି, ହଟାତ ତାଙ୍କ ଦୋକାନରେ ଚୋରୀ ହୋଇଗଲା, ଅନେକ ଧାର କରଜ ଭିତରେ ରହି ଧୀରେ ଧୀରେ ଧୂଳେସ୍ୱର ହୋଇଗଲେ ଜଣେ ମାନସିକ ରୋଗୀ କ୍ଷବର୍ତ୍ତମାନ ଜୀବନ ଗୋଟେ ଅସହ୍ୟ ଯନ୍ତ୍ରଣା ଭିତରେ କାଟୁଛନ୍ତି ପରିବାର ଲୋକେ, ନିଜର ଜମିବାଡ଼ି ନାହିଁ କେବଳ ଘର ଦୁଇ ବଖରା, ମାଟି ଝାଟି ଘର ବର୍ତ୍ତମାନ ଧୂଳେସ୍ୱର ଙ୍କ ଆଶ୍ରୟସ୍ଥଳୀ ପାଲଟିଛି, ଯେଉଁଠି ଯାହା ପାଉଛନ୍ତି ଗୋଟାଇ ଆଣି ରଖୁଛନ୍ତି, ଆଉ ଯାହା ପାଉଛନ୍ତି ତାହା ଖାଉଛନ୍ତି, ବାସ୍ତବିକ ଅବସ୍ଥା ଦେଖିଲେ ଯିଏ କେହି ହେଉନା କାହିଁକି ଆଖିରେ ଲୁହ ରୋକି ପାରିବେନି । ତାଙ୍କ ଠୁ ଅଶେଷ ଯନ୍ତ୍ରଣା ଭୋଗୁଛନ୍ତି ତାଙ୍କ ପତ୍ନୀ ଙ୍କ ସହ ୮୦ ବର୍ଷୀୟା



ବୃଦ୍ଧା ମା, ହାତରେ ବାଡ଼ି ଖଣ୍ଡେ ଧରି ଧାଇଁ ଆସୁଛନ୍ତି ଆଉ କଁ କଁ ହେଇ କାନ୍ଦି ପକାଉଛନ୍ତି ବିଧବା ମା ଆଉ ପୁଅ ମୁଣ୍ଡରେ ତେଲ ମାରିଦେଇ କହୁଛନ୍ତି ଦଇବ ମୋ ପାଗଳ କୁ ଭଲ କରିଦିଅ,ଚିକିତ୍ସା ରେ ଅନେକ ପଇସା ଖର୍ଚ୍ଚ କରି ବର୍ତ୍ତମାନ ପରିବାର ର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୁର୍ବଳ ହେଇଯାଇଛି, ପରିବାର ପ୍ରତିପୋଷଣ ପାଇଁ ପୁଅ ପେଟ୍ରୋଲ ପମ୍ପ ରେ ଛୋଟ ଚାକିରୀ ଟିଏ କରିଛନ୍ତି ମାତ୍ର ଯାହା ସମୁଦ୍ର କୁ ଶଙ୍ଖେ, ବର୍ତ୍ତମାନ ଧୂଳେସ୍ୱର ଙ୍କ ସ୍ଥାୟୀ ଚିକିତ୍ସା ପାଇଁ ପରିବାର ସମେତ ଗ୍ରାମବାସୀ ସରକାର ଙ୍କୁ ଅନୁରୋଧ କରିଛନ୍ତି ।

କୀଟନାଶକ ବିଷ ଖାଇ ଦୋକାନୀଙ୍କ ମୃତ୍ୟୁ

ବୁଗୁଡା : ୦୫/୧୦/(ଅକ୍ଷର ଓଡିଶା): ବୁଗୁଡ଼ା ସହର ହାଇସ୍କୁଲ ଛକ ରାସ୍ତାକଡରେ ଦୋକାନ କରିଥିବା ରବିନାରାୟଣ ପଣ୍ଡା(୪୫) ନାମକ ଜନୈକ ଦୋକାନୀ କୀଟନାଶକ ବିଷ ଖାଇ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ , ସୋମବାର ଅପରାହ୍ନରେ ରବି ପାରିବାରିକ ଅଶାନ୍ତି କାରଣରୁ ଚାଉଳ ପୋକମରା ବିଷ ଖାଇଦେଇ ତାଙ୍କର ଦୋକାନ ଆଗରେ ପାଟିରୁ ଫେଣ ବାହାର କରି ଅଚେତ ଅବସ୍ଥାରେ ପଡିରହିଥିଲେ । ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।


ସିକିଲ୍ ସେଲ୍ ରୋଗୀଙ୍କ ପାଇଁ ଖୁସି ଖବର

ଅନୁଗୋଳ ୦୫/୧୦ (ଅଜିତ)ରାଜ୍ୟରେ ପ୍ରଥମ ଥର ପାଇଁ ଅନୁଗୋଳ ଜିଲ୍ଲାରୁ ଆରମ୍ଭ ହୋଇଛି ସିକିଲ୍ ସେଲ୍ ଆକ୍ରାନ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ଟିକାକରଣ କାର୍ଯ୍ୟକ୍ରମ । ସିକିଲ୍ ସେଲ୍ ରୋଗୀ ଓ ସେମାନଙ୍କ ପରିବାର ପାଇଁ ଏହି ଖବର ନିଶ୍ଚିତ ଭାବେ ଆଣିଛି ଏକ ନୂଆ ଆଶା ।'ଜାତୀୟ ସିକିଲ୍ ସେଲ୍ ଆନିମିଆ ନିରାକରଣ କାର୍ଯ୍ୟକ୍ରମ' ଏବଂ 'ଆନିମିଆ ମୁକ୍ତ ଭାରତ' ଅଭିଯାନ ଅଧୀନରେ ଏହି ସ୍ୱତନ୍ତ୍ର ପଦକ୍ଷେପର ଶୁଭାରମ୍ଭ କରିଛନ୍ତି ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ।ସିକିଲ୍ ସେଲ୍ ଏକ ଗୁରୁତର ଜନ୍ମଗତ ରକ୍ତଜନିତ ରୋଗ । ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଲାଲ ରକ୍ତ କଣିକାର ଆକାର ଓ ଗଠନରେ ପରିବର୍ତ୍ତନ ହେବା ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ପହଞ୍ଚିବାରେ ସମସ୍ୟା ଦେଖାଦେଇଥାଏ । ଫଳରେ ରୋଗୀଙ୍କୁ ବାରମ୍ବାର ରକ୍ତହୀନତା, ଶରୀରରେ ଯନ୍ତ୍ରଣା ଓ ଅନ୍ୟାନ୍ୟ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।ଏଭଳି ରୋଗୀଙ୍କ ପାଇଁ ସମୟୋପଯୋଗୀ ଚିକିତ୍ସା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ । ଏହି ଦିଗରେ ଅନୁଗୋଳ ଜିଲ୍ଲାରୁ ଆରମ୍ଭ ହୋଇଥିବା ମାଗଣା ଟିକାକରଣ ଅଭିଯାନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସିକିଲ୍ ସେଲ୍ ଆକ୍ରାନ୍ତଙ୍କୁ ଆବଶ୍ୟକ ସୁରକ୍ଷା ଓ ଚିକିତ୍ସା ସହାୟତା ଯୋଗାଇଦେବା ସହିତ ରୋଗୀଙ୍କ ଜୀବନକୁ ଅଧିକ ସୁସ୍ଥ ଓ ସୁରକ୍ଷିତ କରିବା ।ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ସ୍ୱତନ୍ତ୍ର ମାଗଣା ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବା ଫଳରେ ସିକିଲ୍ ସେଲ୍ ରୋଗୀଙ୍କ ମଧ୍ୟରେ ଆଶା ସୃଷ୍ଟି ହୋଇଛି । ଏହା ଆଗାମୀ ଦିନରେ ଅନ୍ୟ ଜିଲ୍ଲାକୁ ମଧ ବିସ୍ତାରିତ ହେବ ବୋଲି ଆଶା କରାଯାଉଛି ।ସିକିଲ୍ ସେଲ୍ ରୋଗ ବିରୋଧରେ ସଚେତନତା, ସମୟୋପଯୋଗୀ ପରୀକ୍ଷା ଏବଂ ଉପଯୁକ୍ତ ଚିକିତ୍ସା—ଏହି ତିନୋଟି ଦିଗ ଉପରେ ଗୁରୁତ୍ୱ ଦେଇ ଆମେ ଏକ ସୁସ୍ଥ ସମାଜ ଗଠନ କରିପାରିବା ।

ଗଣୁଆ ଜଙ୍ଗଲରେ ଖଣିଜ ମାଫିଆଙ୍କ ଦୌରାତ୍ମ୍ୟ !

ଚଢ଼ାଉ ବେଳେ ହାଇୱା ଓ ଜେସିବି ଛାଡ଼ି ମାଫିଆ ଫେରାର

କୋଇଡା, ୫/୧୦:(ଅକ୍ଷର ଓଡିଶା) - ସୁନ୍ଦରଗଡ଼ ଜିଲ୍ଲା କୋଇଡା ଅଞ୍ଚଳରେ ଖଣିଜ ମାଫିଆଙ୍କ ଦୌରାତ୍ମ୍ୟ ପୁଣିଥରେ ପଦାକୁ ଆସିଛି । ଜଙ୍ଗଲ ସୁରକ୍ଷା ଓ ପରିବେଶ ନିୟମକୁ ଫୁ କରି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭିତରେ ଚାଲିଥିଲା ବେଆଇନ ଲୁହାପଥର ଉତ୍ତୋଳନ । ରାତିର ଅନ୍ଧାରକୁ ଢାଲ କରି ଜଙ୍ଗଲକୁ ଖଣି ଅଞ୍ଚଳରେ ପରିଣତ କରିବାକୁ ଚାଲିଥିବା ଉଦ୍ୟମକୁ ବନ ବିଭାଗର ଅତର୍କିତ ଚଢ଼ାଉ ପଣ୍ଡ କରିଦେଇଛି ।ବନ ବିଭାଗର ଟିମ୍ ଚଢ଼ାଉ କରିବା ଦେଖି ଘଟଣାସ୍ଥଳରେ ଥିବା ଖଣିଜ ମାଫିଆ ଓ ଅସାଧୁ ବ୍ୟକ୍ତିମାନେ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି । ତେବେ ଘଟଣାସ୍ଥଳରେ ଛାଡ଼ି ଯାଇଥିବା ଏକ ହାଇୱା ଓ ଏକ ଜେସିବିକୁ ବନ ବିଭାଗ ଜବତ କରିଛି । ହାଇୱାରେ ୧୫ ଟନ୍‌ରୁ ଅଧିକ ଲୁହାପଥର ବୋଝେଇ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ବୋଲି ସୂଚନା ମିଳିଛି ।କୋଇଡା ବନାଞ୍ଚଳ ଅଧିକାରୀ ଅସିତ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ରବିବାର ରାତିରେ କୋଇଡା ସେକ୍ସନ ବନପାଳ ସେନାପତି ପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଗଣୁଆ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ । ପାଟ୍ରୋଲିଂ ସମୟରେ ଜଙ୍ଗଲ ଭିତରେ ସନ୍ଦେହଜନକ ଗତିବିଧି ଦେଖି ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ ।ଘଟଣାସ୍ଥଳରେ ପହଞ୍ଚିବା ପରେ କିଛି ବ୍ୟକ୍ତି ବେଆଇନ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ଦେଖିଥିଲେ ବନ କର୍ମଚାରୀ । ବନ ବିଭାଗର ଅତର୍କିତ ଚଢ଼ାଉ ଦେଖି ଅଭିଯୁକ୍ତମାନେ ଯାନବାହନ ଛାଡ଼ି ଅନ୍ଧାର ମଧ୍ୟରେ ଫେରାର ହୋଇଯାଇଥିଲେ । ପରେ ବନ ବିଭାଗ ଘଟଣାସ୍ଥଳରୁ ଜେସିବି ଓ ଲୁହାପଥର ବୋଝେଇ ହାଇୱାକୁ ଜବତ କରିଥିଲା ।ଜବତ ଜେସିବିର ନମ୍ବର ଓଡି-୦୯-ଏଡି-୯୦୫୪ ହୋଇଥିବା ବେଳେ ହାଇୱାର ନମ୍ବର ଓଡି-୦୯-ଭି-୫୭୫୪ ବୋଲି ଜଣାପଡ଼ିଛି । ହାଇୱାରୁ ବିପୁଳ ପରିମାଣର ଲୁହାପଥର ଜବତ ହେବା ଘଟଣାକୁ ଅଧିକ ଗମ୍ଭୀର କରିଛି ।ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଜେସିବି ଲଗାଇ ଖଣିଜ ଉତ୍ତୋଳନ କରାଯିବା ଜଙ୍ଗଲ ଓ ପରିବେଶ ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ ବୋଲି ଅଭିଯୋଗ ହୋଇଛି । ଏପରି ସମ୍ବେଦନଶୀଳ ଅଞ୍ଚଳରେ ଯଦି ରାତିର ଅନ୍ଧାରରେ ବେଆଇନ ଖଣିଜ ଉତ୍ତୋଳନ ହେଉଛି, ତେବେ ଏହା ପଛରେ ଏକ ସୁସଂଗଠିତ ଚକ୍ର କାମ କରୁଥିବା ସନ୍ଦେହକୁ ଏଡ଼ାଇ ହେବନାହିଁ ।ଘଟଣାରେ ବନ ବିଭାଗ ଦୁଇଟି ଯାକ ଯାନ ଜବତ କରିଥିବା ବେଳେ ଏହି ବେଆଇନ କାରବାରର ମାଷ୍ଟରମାଇଣ୍ଡ କିଏ, ଯାନଗୁଡ଼ିକର ମାଲିକ କିଏ ଏବଂ ଜଙ୍ଗଲ ଭିତରେ କେତେ ଦିନ ଧରି ଏଭଳି କାରବାର ଚାଲିଥିଲା, ତାହାର ତଦନ୍ତ ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।



ଅନେକ ପ୍ରତିଭାର ଅଧିକାରୀ ପ୍ରେମ କୁମାର ସାହୁ

ପଦ୍ମପୁର, ୫/୧୦ (ଅକ୍ଷର ଓଡ଼ିଶା): ପଦମପୁର ଉପଖଣ୍ଡ ଅନ୍ତର୍ଗତ ଭୁବନେଶ୍ୱରପୁର ଗ୍ରାମର ପ୍ରେମ କୁମାର ସାହୁ ନିଜର ବହୁମୁଖୀ ପ୍ରତିଭା ଓ ନିଷ୍ଠାପର ସମାଜସେବା ପାଇଁ ବରଗଡ଼ ଜିଲ୍ଲାରେ ଜଣେ ପରିଚିତ ବ୍ୟକ୍ତିତ୍ୱ ଭାବେ ପରିଚିତ ହୋଇପାରିଛନ୍ତି ।ନିକଟରେ ସେ 'କାଳାପାହାଡ଼' ନାଟକ ପରିବେଷଣ କରି ଚର୍ଚ୍ଚାକୁ ଆସିଥିଲେ । ତାଙ୍କର ନାଟ୍ୟ ପ୍ରତିଭା ଓ ଅଭିନୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ସାଉଁଟିଥିଲା । ଶିକ୍ଷା କ୍ଷେତ୍ରରେ ଦକ୍ଷତା ସହ ନାଟ୍ୟକାର, ବିଶିଷ୍ଟ ସାହିତ୍ୟସାଧକ, କୃଷକ ଏବଂ ସମାଜସେବୀ ଭାବେ ମଧ ସେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ।ସମାଜସେବା ପ୍ରତି ତାଙ୍କର ନିଷ୍ଠା ଓ ବିଭିନ୍ନ କ୍ଷେତ୍ରରେ ରହିଥିବା ଅବଦାନ ପାଇଁ ସେ ଅନେକ ସ୍ଥାନରେ ସମ୍ମାନିତ ହୋଇଆସୁଛନ୍ତି । ସରଳ ଓ ମିଷ୍ଟଭାଷୀ ସ୍ୱଭାବ ଯୋଗୁଁ ସେ ସର୍ବସାଧାରଣଙ୍କ ମଧ୍ୟରେ ଜଣେ ଭଲ ମଣିଷ ଭାବେ ପରିଚିତ ।ତାଙ୍କର ଏହି ବହୁମୁଖୀ ପ୍ରତିଭା ଓ ସମାଜ ପ୍ରତି ନିଷ୍ଠାପର ସେବା ପାଇଁ ଶିକ୍ଷିତ ମହଲ ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।

ଭଙ୍ଗା ଘରେ ବିତୁଛି ଜୀବନ, ସହାୟତାକୁ ଅପେକ୍ଷା



ରାଇଘର, ୦୫/୧୦ (ଭୁବନେଶ୍ୱର ସୁନାନୀ): ଭଙ୍ଗା ଛାତ, ଜରାଜୀର୍ଣ୍ଣ କାଠ ଖୁଣ୍ଟ ଓ ଉପରେ ପଲିଥିନର ଆଶ୍ରୟ । ଏହି ଅସୁରକ୍ଷିତ ଘର ହିଁ ଏବେ ଜଣେ ଅସହାୟ ମହିଳାଙ୍କ ପାଇଁ ଜୀବନର ଏକମାତ୍ର ଠିକଣା । ବର୍ଷା ହେଲେ ଘର ଭିତରେ ପାଣି ପଶୁଛି, ଖରାଦିନେ ଭଙ୍ଗା ଛାତ ତଳେ ଦିନ କାଟୁଛି ଜୀବନ । ଘରର ଅବସ୍ଥା ଏପରି ଯେ, ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି ।ମୁଣ୍ଡ ଗୁଞ୍ଜିବାକୁ ନିରାପଦ ଘରଟିଏ ନଥିବାରୁ ଭଙ୍ଗା ଘର ଓ ପଲିଥିନ ତଳେ ଦିନ କାଟିବାକୁ ବାଧ ହେଉଛନ୍ତି । ଜୀବନର ମୌଳିକ ଆବଶ୍ୟକତା ଭାବେ ଗୋଟିଏ ସୁରକ୍ଷିତ ଛାତ ମଧ ତାଙ୍କ ପାଇଁ ଏବେ ଦୂର ସ୍ୱପ୍ନ ପାଲଟିଛି ।ସରକାରଙ୍କ ପକ୍ଷରୁ ଗରିବ ଓ ଅସହାୟ ପରିବାରଙ୍କ ପାଇଁ ଆବାସ ଯୋଜନା ରହିଛି । ତେବେ ଏଭଳି ଜରାଜୀର୍ଣ୍ଣ ଘରେ ରହୁଥିବା ପରିବାରଙ୍କ ପାଖରେ ଯୋଜନାର ସୁବିଧା କେବେ ପହଞ୍ଚିବ । ଏହା ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କଚରାପାରା ଡି.ଏନ୍.କେ.-୨ ଗାଁର ।ଭଙ୍ଗା କାନ୍ଥ ଓ ପଲିଥିନ ତଳେ ଜୀବନ କାଟୁଥିବା ଏହି ମହିଳାଙ୍କ ଆଖିରେ ଏବେ ଗୋଟିଏ ଆଶା କେବେ ମିଳିବ ନିରାପଦ ଛାତ ପ୍ରଶାସନ ଏହି ଅସହାୟ ପରିବାରର ଅବସ୍ଥାକୁ ଗୁରୁତ୍ୱ ଦେଇ ତୁରନ୍ତ ତଦନ୍ତ କରି ଆବାସ ଯୋଜନାରେ ସାମିଲ କରିବା ସହ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଗ୍ରାମ ବାସୀ ପକ୍ଷରୁ ଦାବି ହୋଇଛି ।

ଡାବୁଗାଁ ବ୍ଲକରେ ଦାଉ ସାଜିଲାଣି ମାଟିଆ ଗୁଣ୍ଡି ପୋକ

ଏକର ଏକର ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ଡାବୁଗାଁ ୦୫/୧୦(ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ରେ ଚାଷୀଙ୍କ ଚିନ୍ତା ବଢାଇଛି ମାଟିଆ ଗୁଣ୍ଡି ପୋକ । ଧାନ ଅମଳ ପୂର୍ବରୁ ଏକର ଏକର ଧାନ ଚାଷ ଜମି ରେ ମାଟିଆ ଗୁଣ୍ଡି ପୋକ ଲାଗି ଧାନ ଫସଲ ନଷ୍ଟ ହେବାକୁ ବସିଲାଣି । ଫଳ ରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସୂଚନା ଅନୁଯାଇ ଚଳିତ ଖରିଫ ଋତୁରେ ପାଗ ଅନୁକୂଳ ରହିବା ସହ ଭଲ ବର୍ଷା ହେବା ଫଳରେ ଡାବୁଗାଁ ବ୍ଲକ ରେ ଧାନ ଚାଷ ଭଲ ହୋଇଛି । ନଭେମ୍ବର ଓ ଡିସେମ୍ବର ମାସରେ ଧାନ ଅମଳ କରିବା ସମୟ ମଧ ପାଖେଇ ଆସିଲାଣି । ଆଗାମି ୩୦ ଦିନ ମଧ୍ୟରେ ଚାଷୀ ଧାନ ଅମଳ କରିବା ଲକ୍ଷ୍ୟ ରଖିଛନ୍ତି । କିନ୍ତୁ ଧାନ ଅମଳ ପୂର୍ବରୁ ଚାଷୀଙ୍କୁ ମାଟିଆ ଗୁଣ୍ଡି ପୋକ ଚିନ୍ତାରେ ପକାଇଛନ୍ତି । ଏକର ଏକର ଧାନ ଚାଷ ଜମି ରେ ମାଟିଆ ଗୁଣ୍ଡି ପୋକ ପ୍ରଭାବ ବିସ୍ତାର କରି ଧାନ ଗଛ ନଷ୍ଟ କରୁଛନ୍ତି । ବିଶେଷ କରି ମାଟିଆ ଗୁଣ୍ଡି ପୋକ ଗୋଟିଏ ରାତ୍ର ମଧ୍ୟରେ ଏକର ଏକର ଧାନ ଚାଷ ଜମିରେ ମାଡି ଯାଇ ଧାନ ଗଛ କୁ ଶୋଷି ପାଳ କରି ଦେଉଛନ୍ତି ।



ମାଟିଆ ଗୁଣ୍ଡି ପୋକ ଗୋଟିଏ ରାତ୍ର ମଧ୍ୟରେ ଧାନ କେଣ୍ଡା ର ମୂଳ ରେ ରହି ଶୋଷି ଦେବା ଫଳରେ ଧାନ ଗଛ ଶୁଖି ଯାଇ ଅଗାଡି ହୋଇ ଯାଉଛି । ଗୋଟିଏ ରାତ୍ର ମଧ୍ୟରେ ଏହି ମାଟିଆ ଗୁଣ୍ଡି ପୋକ ଏକର ଏକର ଜମିରେ ମାଡି ଯାଇ ଧାନ ଫସଲ ନଷ୍ଟ କରୁଛନ୍ତି । ବିଶେଷ କରି ବ୍ଲକ ର ଜବାଗୁଡା ଗ୍ରାମରେ ଏହି ମାଟିଆ ଗୁଣ୍ଡି ପୋକ ର ପ୍ରଭାବ ଦେଖିବାକୁ ମିଳିଛି । ଜବାଗୁଡ଼ା ଗ୍ରାମ ର ଚାଷୀ ପତି ଗୌଡ ଙ୍କ ୨ ଏକର ଧାନ ଜମି ମାଟିଆ ଗୁଣ୍ଡି ପୋକ ଲାଗି ନଷ୍ଟ ହୋଇଯାଇଛି । ପତି ଗୌଡ ବିକଳାଙ୍ଗ ଥିବା ବେଳେ ଧାର କରଜ କରି ଧାନ ଚାଷ କରିଥିଲେ । ଆଗକୁ ଏହି ବିକଳାଙ୍ଗ ଚାଷୀଙ୍କ ପରିବାର ଉପରେ ଦୁଃଖର ପାହାଡ ଦେଖା ଯିବାର ସମ୍ଭାବନା ବଢ଼ିଛି ।ସେହିପରି ଗ୍ରାମର ଚାଷୀ ଚୈତନ୍ୟ ଗୌଡ ଙ୍କ ୨ ଏକର ଓ ସୁକଦାଶ ଗୌଡ ଙ୍କ ଦେଢ଼ ଏକର ଧାନ ଜମିରେ ମାଟିଆ ଗୁଣ୍ଡି ପୋକ ଲାଗି ଧାନ ଚାଷ ନଷ୍ଟ ହୋଇଛି । ବ୍ଲକ ର ଅନ୍ୟ ଅଞ୍ଚଳରେ ମଧ ଏହି ମାଟିଆ ଗୁଣ୍ଡି ପୋକ ପ୍ରଭାବ ବିସ୍ତାର କରି ଧାନ ଅମଳ ପୂର୍ବରୁ ଧାନ ଗଛ ଗୁଡ଼ିକ ନଷ୍ଟ କରୁଛନ୍ତି । ବିଭିନ୍ନ ସରକାରୀ ଓ ବେସରକାରୀ ବ୍ୟାଙ୍କ୍ ସହ ସାହୁକାର ମାନଙ୍କ ପାଖରୁ କରଜ କରି ଧାନଚାଷ କରିଥିବା ଏହି କ୍ଷତି ଗ୍ରସ୍ତ ଚାଷୀ ମାନେ କିପରି ଋଣ ପରିଶୋଧ କରିବେ ସେ ନେଇ ଚିନ୍ତିତ ହୋଇ ପଡିଛନ୍ତି । କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀ ଙ୍କୁ ଚିହ୍ନଟ କରିବା ସହ ଏହାର ତୁରନ୍ତ ପ୍ରତିକାର ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି ।

ନୟାଗଡ଼ ଜିଲ୍ଲା ସଦର ମହକୁମା ବନ୍ଦ ପାଇଁ ଇଣ୍ଡିଆ ମେଣ୍ଟର ପ୍ରସ୍ତୁତି ବୈଠକ




ନୟାଗଡ଼ ୦୫/୧୦ (ବିଶ୍ୱଜିତ):-ଭୋଟ ବଞ୍ଚାଅ -ସମ୍ବିଧାନ ବଞ୍ଚାଅ - ଦେଶ ବଞ୍ଚାଅ ପରିପ୍ରେକ୍ଷୀରେ ଅଂଶୀଦାର ଦଳ ମାନଙ୍କ ପକ୍ଷରୁ ନୟାଗଡ଼ ଜିଲ୍ଲା ସଦର ମହକୁମା ବନ୍ଦ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଡିସିସି ସଭାପତି ରଣଜିତ୍ ଦାଶଙ୍କ ଅଧ୍ୟକ୍ଷତାରେ ଆସନ୍ତା ୮ ଅକ୍ଟୋବର ଗୁରୁବାର ୧୨ ଘଣ୍ଟିଆ ବନ୍ଦ ପାଇଁ ଚକ ଅଖ, ଦୋକାନ ବଜାର, ସ୍କୁଲ କଲେଜ, ବ୍ୟାଙ୍କ୍ ଇନ୍ସୁରାନ୍ସ ,ପୋଷ୍ଟାଲ, କୋର୍ଟ କଚେରୀ ବନ୍ଦ କରିବା ସହିତ ରେଳ ଚଳାଚଳ ମଧ ବନ୍ଦ କରିବା ପାଇଁ ନିଷ୍ପତି କରାଯାଇଛି । ଏହି ବନ୍ଦ ପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ସହିତ ବନ୍ଦ ଦିନ ଶହ ଶହ ସତ୍ୟାଗ୍ରହୀ ଆନ୍ଦୋଳନ ରେ ସାମିଲ ହେବେ ବୋଲି ପ୍ରାକ୍ ପ୍ରସ୍ତୁତି କରା ଯାଇଛି । ନୟାଗଡ଼ର ଜିଲ୍ଲା ଓକିଲ ସଂଘ, ବଣିକ ସଂଘ,ମୋଟର ସଂଘ, ମୋଟର କର୍ମଚାରୀ ସଂଘ, ଅଟୋ ଚାଳକ ସଂଘ, ସରକାରୀ ବେସରକାରୀ କର୍ମଚାରୀ ସଂଘ, ବିଦ୍ୟୁତ କର୍ମଚାରୀ ସଂଘ, ଏବଂ ଅନ୍ୟାନ୍ୟ ଟ୍ରେଡ ୟୁନିଅନ ସଂଗଠନ ମାନଙ୍କୁ ଏହି ଆନ୍ଦୋଳନ ରେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଛି ବରିଷ୍ଠ କମ୍ୟୁନିଷ୍ଟ ନେତା ବିଶ୍ୱନାଥ ମହାପାତ୍ର, ପବିତ୍ର ଇନ୍ଦ୍ରଜିତ୍ ସମେତ କମଳ ଚରଣ ସାହୁ, ଫକୀର ଚରଣ ମଲ୍ଲ, ରାଜକିଶୋର ଜେନା,ଅମଜାଦ ଖାଁ, ରଶ୍ମିତା ପଟ୍ଟନାୟକ, ପୀତବାସ ଖୁଣ୍ଟିଆ, କୂଳେଶ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାନ୍ତ, ପ୍ରମୋଦ କୁମାର ନାୟକ ଶିବରଞ୍ଜନ ସାହୁ, ଓମପ୍ରକାଶ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଜିଲ୍ଲା ଔଷଧ ନିରୀକ୍ଷକଙ୍କ ୪ ଟି ଦୋକାନରେ ଚଢାଉ,କାଗଜପତ୍ର ଯାଞ୍ଚ

ଖଣ୍ଡପଡ଼ା ୫।୧୦ (ଅକ୍ଷର ଓଡ଼ିଶା) ନୟାଗଡ ଜିଲ୍ଲା ଔଷଧ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନ ଖଣ୍ଡପଡ଼ା ସହରର ୨ଟି ଓ ନିକଟସ୍ଥ ଖଳିସାହି ବଜାର ମଧ୍ୟରେ ଥିବା ୨ ଟି ଏହିପରି ୪ ଟି ଔଷଧ ଦୋକାନରେ ସୋମବାର ଅଚାନକ ଚଢାଉ କରିଥିଲେ ।ବିଭାଗୀୟ ଅଧିକାରୀ ଔଷଧ ଦୋକାନ ଗୁଡିକର ଆନୁସଙ୍ଗିକ କାଗଜପତ୍ର ଓ ନିଶା ଜାତୀୟ ଔଷଧର ବିକ୍ରୟ ନେଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହ ବିଭିନ୍ନ ତଥ୍ୟକୁ ଆଧାର କରି ଔଷଧ ଦୋକାନୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ସୂଚନା ମିଳିଛି ।ପ୍ରକାଶଥାଉକି ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଲାଇସେନ୍ସପ୍ରାପ୍ତ କେତେକ ଔଷଧ ଦୋକାନୀ ଅସଦ ଉପାୟ ଅବଲମ୍ବନ କରି ଦୋକାନରେ ଲୁଚାଛପାରେ କଫ ସିରପ ଠାରୁ ଆରମ୍ଭ କରି ବିଭିନ୍ନ ନିଶା ଜାତୀୟ ଔଷଧ ଖୁଲମଖୁଲା ବିକ୍ରୀ କରୁଥିବା ନେଇ ସାଧାରଣରେ ଅଭିଯୋଗ ଉଠିବା ପରେ ଜିଲ୍ଲା ଔଷଧ ନିରୀକ୍ଷକ ଖଣ୍ଡପଡ଼ା ଅଞ୍ଚଳରେ ଚଢାଉ କରିଥିବା ସୂଚନା ମିଳିଛି । ତେବେ ବିଭାଗୀୟ ଅଧିକାରୀଙ୍କ ଚଢାଉ ସଂର୍ପକିତ ଖବର ପାଇ ଏକାଧିକ ଦୋକାନୀ ଔଷଧ ଦୋକାନରେ ତାଲା ଝୁଲାଇ ଦେଇ ଅନ୍ୟତ୍ର ପଳାଇ ଥିବା ନଜରକୁ ଆସିଥିଲା । ତେବେ ଯଦି କୌଣସି ଔଷଧ ଦୋକାନୀ ନିଶା ଜାତୀୟ ଔଷଧର ବିକ୍ରୀବଟା କରୁଥିବା ନେଇ ସୂଚନା ହସ୍ତଗତ ହୁ ଏ ତାହେଲେ ସଂପୃକ୍ତ ଔଷଧ ଦୋକାନୀଙ୍କ ଲାଇସେନସ ରଦ୍ଧ ପାଇଁ ସୁପାରିସ କରାଯିବ ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି । ଚଢାଉ ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ଦେଇ ଖଣ୍ଡପଡ଼ା ପୁଲିସ ପକ୍ଷରୁ ଏଏସଆଇ ମନୋଜ କୁମାର ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।




ଗଜଲକ୍ଷ୍ମୀ ପୂଜା-୨୦୨୬ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା, ୦୫।୧୦(ଗଗନ କୁମାର ପ୍ରଧାନ):ଆସନ୍ତା ଗଜଲକ୍ଷ୍ମୀ ପୂଜା-୨୦୨୬କୁ ଶୃଙ୍ଖଳିତ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ ନିମନ୍ତେ ସନ୍ଧ୍ୟା ୫ଟା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଗଜଲକ୍ଷ୍ମୀ ପୂଜା ପାଇଁ ସମନ୍ୱୟ କମିଟି ଗଠନ, ପୂଜା କମିଟିଗୁଡ଼ିକୁ ଅନୁମତି ପତ୍ର ପ୍ରଦାନ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟସେବା, ପରିମଳ, ଆଲୋକ ଓ ଜଳ ଯୋଗାଣ, ଅଗ୍ନି ନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ବେଆଇନ ଚାନ୍ଦା ଆଦାୟ ରୋକିବା ଏବଂ ନିଶା ନିବାରଣ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ୧୦୦ ବର୍ଷ ପୂରଣ କରୁଥିବାରୁ ଏହି ଶତବାର୍ଷିକୀକୁ ଗୁରୁତ୍ୱର ସହ ପାଳନ କରିବା ନିମନ୍ତେ ବିଶେଷ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ଶତବାର୍ଷିକୀ ଉପଲକ୍ଷେ ୧୦୦ ବର୍ଷ ପୂର୍ତ୍ତିର ତୋରଣ ସ୍ଥାପନ ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆମ୍ବୁଲାନ୍ସ କରିଡର ନିଶ୍ଚିତ କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା ।ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା, ଜରୁରୀକାଳୀନ ସେବା ପାଇଁ ରାସ୍ତା ସୁଗମ ରଖିବା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ସମସ୍ତ ବିଭାଗ ପରସ୍ପର ସମନ୍ୱୟରେ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧକ୍ଷା ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ମାନ୍ୟବର ସାଂସଦଙ୍କ ପ୍ରତିନିଧି କିଶୋର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଏବଂ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।





ମଙ୍ଗଳବାର ୦୬।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଭଙ୍ଗା କଲଭର୍ଟ ପାଲଟିଛି ବିକଳାଙ୍ଗ ଦମ୍ପତିଙ୍କ ଆଶ୍ରୟସ୍ଥଳ





କେନ୍ଦୁଝର:୦୫/୧୦(ଦିଲ୍ଲୀପ କୁମାର ସାହୁ) – 'ଆମେ ଗରିବ ଲୋକ, ଆମ କଥା ଶୁଣିବ କିଏ'– ଏହି କେଇପଦ କଥା ଭିତରେ ଲୁଚିଛି ଅସହାୟତାର ଏକ ଦୀର୍ଘ କାହାଣୀ। ଜନଜାତି ବହୁଳ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ତଳଚମ୍ପେଇ ଗ୍ରାମପଞ୍ଚାୟତ ଭାଲିଆଡାଳ ଗ୍ରାମରେ ଏବେ ଏଭଳି ଦୁଃଖଦ ଜୀବନ କାଟୁଛନ୍ତି ୬୫ ବର୍ଷୀୟ ବିକଳାଙ୍ଗ ସୁନାରାମ ମୁଣ୍ଡା ଓ ତାଙ୍କ ୫୫ ବର୍ଷୀୟ ବିକଳାଙ୍ଗ ସ୍ତ୍ରୀ ମୁଣ୍ଡୁରୀ ମୁଣ୍ଡା। ଦିନେ ଯେଉଁ ଘରଟି ଥିଲା ମୁଣ୍ଡ ଗୁଞ୍ଜିବାର ଶେଷ ଆଶ୍ରୟ, ଲଗାଣ ବର୍ଷା ଓ ବାତ୍ୟାର ତାଣ୍ଡବରେ ସେହି ଘର ଭାଙ୍ଗି ଉଜାଡ଼ି ଯାଇଛି । ଘରର ପଛପଟ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯିବା ସହ ରହିବା ପାଇଁ ଆଉ କୌଣସି ସୁରକ୍ଷିତ ସ୍ଥାନ ନାହିଁ। ଫଳରେ ବାଧ ହୋଇ ଏହି ବୃଦ୍ଧ ବିକଳାଙ୍ଗ ଦମ୍ପତି ଏବେ ଏକ କଲଭର୍ଟ ତଳେ ହ୍ୟୁମ୍ପାଇପ ଭିତରେ ରାତି କାଟୁଛନ୍ତି । ଅନ୍ଧାର ହେଲେ ପୋଲ ତଳ ହିଁ ପାଲଟିଯାଉଛି ସେମାନଙ୍କ ଶୋଇବା ଘର । ଦିନରେ ଗଛମୂଳେ ଚୁଲି ଜାଳି ରୋଷେଇ କରିବାକୁ ପଡୁଛି । ବର୍ଷା ହେଲେ ମୁଣ୍ଡ ଉପରେ ଛାତ ନାହିଁ, ଶୀତ ଆସିଲେ ନାହିଁ ଆଶ୍ରୟର ନିଶ୍ଚିତତା। ବୟସର ଅପରାହ୍ନରେ ଦୁଇ ବିକଳାଙ୍ଗ ବୃଦ୍ଧଙ୍କ ଏଭଳି ଜୀବନ ଯେକୌଣସି ସମ୍ବେଦନଶୀଳ ମନକୁ ବିଚଳିତ କରିବ ନିଶ୍ଚୟ। ସୁନାରାମ ଓ ମୁଣ୍ଡୁରୀଙ୍କ ପୁଅ ରଂଜିତ ମୁଣ୍ଡା ଓ ବୋହୂ ମଧ ଘର ନଥିବାରୁ ଅସହାୟ ଅବସ୍ଥାରେ ରହୁଛନ୍ତି । ସେମାନେ ଗଛ ଉପରେ ମଞ୍ଚା ବାନ୍ଧି ରାତି କାଟୁଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ ବୃଦ୍ଧ ବିକଳାଙ୍ଗ ଦମ୍ପତିଙ୍କ ନିରାଶ୍ରୟ ଜୀବନ, ଅନ୍ୟପଟେ ପୁଅ-ବୋହୂଙ୍କ ଅସୁରକ୍ଷିତ ଆଶ୍ରୟ ସମଗ୍ର ପରିବାରର ଦୁର୍ଦ୍ଦଶା ଏବେ ହୃଦୟ ବିଦାରକ ଚିତ୍ର ପାଲଟିଛି। ଏହି ପରିବାରର ଦୁଃଖ କେବଳ ଏକ ଭଙ୍ଗା ଘରର କାହାଣୀ ନୁହେଁ; ଏହା ଜଣେ ଅସହାୟ ପରିବାରର ଆଶ୍ରୟ ହରାଇବାର ଯନ୍ତ୍ରଣା। ଯେଉଁ ବୟସରେ ବୃଦ୍ଧ ଦମ୍ପତି ନିଜ ଘରର ନିରାପଦ ଛାତ ତଳେ ରହିବା କଥା, ସେହି ବୟସରେ କଲଭର୍ଟ ତଳେ ରାତି କାଟିବାକୁ ପଡୁଛି ।ଏନେଇ ସ୍ଥାନୀୟ ଲୋକେ ପ୍ରଶାସନର ତୁରନ୍ତ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିକଳାଙ୍ଗ ବୃଦ୍ଧ ଦମ୍ପତିଙ୍କ ପାଇଁ ତତ୍କାଳ ନିରାପଦ ଆଶ୍ରୟ, ଆବାସ ଓ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବା ସହ ପରିବାରର ଜୀବନକୁ ସ୍ୱାଭାବିକ ଧାରାକୁ ଫେରାଇ ଆଣିବାକୁ ଦାବି ହୋଇଛି।

ପୁଣି ଚମକିବ ତରମାକାନ୍ତ ଚା, କ୍ଷେତ୍ର ପରିଦର୍ଶନ କଲେ କୃଷି ସଚିବ



ବାଂଶପାଳ ୦୫-୧୦(ଡୋଳାନନ୍ଦ ମହାନ୍ତ)ଦେଶ ବିଦେଶ ରେ ନାଁ କରିଥିବା କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ତରମାକାନ୍ତ ଚା ବଗିଚା ପୁଣି ଥରେ ଚମକିବ. ୨୦୦୩/୦୪ ରୁ ବନ୍ଦ ହୋଇ ଉଜୁଡି ଯାଇ ଶ୍ରୀହୀନ ହୋଇପଡିଥିବା ଚା ବଗିଚା ପୁଣି ଥରେ ପୁନଃରୁଦ୍ଧାର ହୋଇ ସ୍ଥାନୀୟ ହଜାର ହଜାର ଆଦିବାସୀ ଙ୍କ ମୁହଁ ରେ ହସ ଫୁଟିବ ବୋଲି ଆଶା ସଂଚାର ହୋଇଛି. ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥି ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଆଜି ଓଡିଶା ସରକାର ଙ୍କ କୃଷି ସଚିବ ସଚିନ ଯାଦବ ତରମା କାନ୍ତ ଚା ବଗିଚା ପରିଦର୍ଶନ କରିଛନ୍ତି. କୃଷି ସଚିବ ଆଜି କେନ୍ଦୁଝର ଜିଲାପାଳ ବିଶାଳ ସିଂ,ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ବାଂଶପାଳ ବିଡ଼ିଓ ରାଜା ରଞ୍ଜିତ ପ୍ରତାପ ବଳ, ତହସିଲଦାର ବିକାଶ ସାହୁ ପ୍ରମୁଖ ସ୍ଥାନୀୟ ଲୋକଙ୍କ ସହିତ ଚା ବଗିଚା ବୁଲି ଦେଖିଛନ୍ତି. ଆଜି ସଚିବ ଚା ବଗିଚା ର ସ୍ଥିତି, ପୂର୍ବରୁ କେମିତି ଚାଲିଥିଲା, କେତେ କର୍ମଚାରୀ ଏଠାରେ ନିୟୋଜିତ ହୋଇଥିଲେ,ଏଠାରୁ ଉତ୍ପାଦ ହେଉଥିବା ଚା ର ମାନ ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଥିଲେ. ଏହା ସହ ଚା ବଗିଚା ର ପୁନଃରୁଦ୍ଧାର ହେବା ଦ୍ୱାରା ଲୋକେ କିପରି କର୍ମସଂସ୍ଥାନ ପାଇ ପାରିବେ ସେ ନେଇ ଜିଲ୍ଲା ପ୍ରଶାସନିକ ଅଧିକାରୀ ଙ୍କ ସହିତ ଆଲୋଚନା କରିବା ସହ ଏହାର ଡିପିଆର ପ୍ରସ୍ତୁତ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ. ତେବେ କୃଷି ସଚିବ ଙ୍କ ପରିଦର୍ଶନ ପରେ ସ୍ଥାନୀୟ ଲୋକଙ୍କ ମୁହଁ ରେ ଆଶା ଉଦଜିବିତ ହୋଇଛି. ପରେ ସଚିବ ଜଳଡିହା କଫି ବଗିଚା ବୁଲି ଦେଖିବା ସହିତ କଫି ଚାରା ରୋପଣ କରିଥିଲେ. ସୂଚନା ଯୋଗ୍ୟ ୧୯୮୨ ରେ ରାଜ୍ୟ ସରକାର ଙ୍କ ଇପିକଲ ଓ କୋଲକତା ର ଶିଳ୍ପପତି ବସନ୍ତ ଦୁବେ ଙ୍କ ମିଳିତ ସହଯୋଗ ରେ ଗଠିତ ଓଟିପିଏଲ ଏଠାରେ ୮୯୬.୫୪ହେକ୍ଟର ଜମି ରେ ଚା ବଗିଚା ଆରମ୍ଭ ହୋଇଥିଲା. ଏଠାରୁ ଉତ୍ପାଦିତ ଚା ଜାପାନ, ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ, ଆମେରିକା, ରୁଷ, କାନାଡ଼ା କୁ ରପ୍ତାନି ହେଉଥିଲା, ଓଡିଶା ଟି ପ୍ଲାଣ୍ଟେସନ ଲିଃ ଦେଶ ବିଦେଶ କୁ ଚା ରପ୍ତାନି କରି ବେଶ ଲାଭବାନ ହେବା ସଂଗେ ସଙ୍ଗେ ୨୦୦୨ ବେଳକୁ ବ୍ୟବସାୟୀ ଶୀର୍ଷ ରେ ଛୁଇଁ ଥିଲା. ତେବେ ହଠାତ ଏହି ପ୍ରକଳ୍ପ ୨୦୦୩ ବେଳକୁ ଧିମେଇ ଯାଇଥିଲା. ପରିଚାଳନା ଗତ ତ୍ରୁଟି ଯୋଗୁଁ ୨୦୦୪ ରେ ଏହା ବନ୍ଦ ହୋଇଯାଇଥିଲା. ତେବେ ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ଚା ବଗିଚା ପୁନଃରୁଦ୍ଧାର ହେବାର ପ୍ରକ୍ରିୟା ଆରମ୍ଭ ହୋଇଛି. ତେବେ ପୁନଃରୁଦ୍ଧାର ପରେ ସ୍ଥାନୀୟ ଲୋକଙ୍କୁ କର୍ମନିଯୁକ୍ତି ପାଇବା ର ଆଶା ସଂଚାର ହୋଇଛି ।

ରାଜ୍ୟର ଶ୍ରେଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

'ସମାଜ'ର ୧୦୭ତମ ସ୍ୱନକ୍ଷତ୍ର ଉତ୍ସବରେ କେନ୍ଦୁଝର ଜିଲ୍ଲା ପ୍ରତିନିଧି ବିଜୟ କୁମାର ମିଶ୍ରଙ୍କୁ 'ଓଡ଼ିଶାର ଶ୍ରେଷ୍ଠ ସାମ୍ବାଦିକ' ସମ୍ମାନ



କେନ୍ଦୁଝର:୦୫/୧୦(ଦିଲ୍ଲୀପ କୁମାର ସାହୁ) – ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ତଥା ଲୋକସେବକ ମଣ୍ଡଳ ଦ୍ୱାରା ପରିଚାଳିତ ଓଡ଼ିଶାର ଅଗ୍ରଣୀ ଦୈନିକ ଓଡ଼ିଆ ଖବରକାଗଜ 'ସମାଜ'ର ୧୦୭ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଏକ ଭବ୍ୟ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଲୋକସେବକ ମଣ୍ଡଳର ସଭାପତି ରାଜକୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସମାଜ'ର କେନ୍ଦୁଝର ଜିଲ୍ଲା ପ୍ରତିନିଧି ବିଜୟ କୁମାର ମିଶ୍ରଙ୍କୁ ଓଡ଼ିଶାର ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ମାନିତ କରିଛନ୍ତି।ଏହି ଅବସରରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମାଝୀ ଶ୍ରୀ ମିଶ୍ରଙ୍କ ନିଷ୍ଠାପର ସାମ୍ବାଦିକତାକୁ ପ୍ରଶଂସା କରିବା ସହ ତାଙ୍କୁ ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ ସମୃଦ୍ଧ ଓଡ଼ିଶା ଗଠନରେ 'ସମାଜ'ର ଭୂମିକା ସଦାସର୍ବଦା ଅତୁଳନୀୟ ଏବଂ ଏହା ଏକାନ୍ତ କାମ୍ୟ।ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ। ଏଥିସହିତ ଲୋକସେବକ ମଣ୍ଡଳର ଉପ-ସଭାପତି ଦୀପକ ମାଲବ୍ୟ, ସମ୍ପାଦକ ରମାନାଥ ଝା, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା, ସମ୍ପାଦକ ବାମାପଦ ତ୍ରିପାଠୀ ଏବଂ ମୁଖ୍ୟ ପରିଚାଳକ ଗୋପୀନାଥ ବାରିକ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ।

ବିଲ୍ଲାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

ହରିଚନ୍ଦନପୁର, ୫/୧୦(ଶୂନ୍ୟରଞ୍ଜନ ଘଣା): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଭଗାମୁଣ୍ଡା ସେକ୍ସନର ବିଲ୍ଲା ବନ ସୁରକ୍ଷା ସମିତି ପକ୍ଷରୁ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଛବୀନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭଗାମୁଣ୍ଡା ବନପାଳ ଧୀରେନ୍ଦ୍ର କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା ଓ ଜଙ୍ଗଲର ସଂରକ୍ଷଣ ଦ୍ୱାରା ପ୍ରକୃତିକୁ ସୁରକ୍ଷା ଦିଆଯାଇପାରିବ ବୋଲି କହିଥିଲେ । ଗଦୁଆଁ ବନରକ୍ଷୀ ଗୁରୁଚରଣ ମହାନ୍ତ, ଭଗାମୁଣ୍ଡା ବନରକ୍ଷୀ ମଣିଶଙ୍କର ରାଜ୍, ଆମ ଜଙ୍ଗଲ ଯୋଜନାର କ୍ଷେତ୍ର କର୍ମଚାରୀ ଦୋଳଗୋବିନ୍ଦ ମହାନ୍ତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

ବ୍ରେକେରୀରୁ ୩୦ହଜାର ଲୁଟ୍ ସନ୍ଦିଗ୍ଧ ଯୁବକ ଯୁବତୀ ଠାବ



ହାଟଡିହି ୫/୧୦ (ଅମୀୟ ବରାଳ) -କେନ୍ଦୁଝର ଜିଲ୍ଲା ପାର୍ବଣ ଋତୁ ଆଗମନରେ ବିଭିନ୍ନ ସ୍ଥାନରେ ଘର ହେଉକି ଦୋକାନ ସବୁଠାରେ ଦିନ ବେଳା ଅନେକାଂଶ ଲୁଟ୍ ର ଶିକାର ହେଉଥିବା ଅଭିଯୋଗ ହେଉଛି।ଗତ ୨୯ତାରିଖ ଦିନ ନନ୍ଦିପଦା ଥାନା ଅନତିଦୂର ବେତୀରା ଛକ ହାଟଡିହି ବ୍ୟାଙ୍କ ଅଫ୍ ଇଣ୍ଡିଆ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅକ୍ଷୟ ସେଠୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ,ଲକ୍ଷାଧିକ ଟଙ୍କା ସୁନା ରୂପା ଅଳଙ୍କାର ଲୁଟ୍ ହୋଇଥିବା ତାଙ୍କ ପତ୍ନୀ ପ୍ରଭାତୀ ସେଠୀ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଛେନାପଦିଛକ ବଲିବାବୁ କ୍ଲମ୍ପ୍ଲେକସରେ ଥିବା ଯୁଧିଷ୍ଠିର ସାହୁଙ୍କ ବ୍ରେକେରୀ ଦୋକାନରୁ ସନ୍ଦିଗ୍ଧ ଯୁବକ ଯୁବତୀ ପିଜା କିଣିବାକୁ ଆସି ୩୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ଦୁଇ ତାରିଖ ଦିନ ୧୦ଟା୩୦ ସମୟରେ ଦୁଇ ଜଣ ଯୁବକ ଯୁବତୀ, ପ୍ରଥମେ ଆସି ଥଣ୍ଡା ପାନୀୟ ମଗେଇ ପିଇଥିଲେ। ପୁଣି ଚାଲିଯାଇ ପୁନର୍ବାର ୧୧ଟା ସମୟରେ ଆସି ପିଜା ବରାଦ କରିଥିଲେ।ଦୋକାନୀ ଯୁଧିଷ୍ଠିର ପିଜା ପ୍ରସ୍ତୁତିରେ ବ୍ୟସ୍ତ ଥିବା ବେଳେ, ଏହି ସମୟରେ ସେମାନେ ଲକ୍ଷ ମୁତାବକ ଦୋକାନ ଥାକରେ ଥିବା ଲାଲ୍ ରଙ୍ଗର ସୁନା ମନିପର୍ସଟି ଉପରେ ନଜର ପକେଇ ତା ଭିତରେ ଥିବା ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଏହାର ସମସ୍ତ ଘଟଣାବଳୀକୁ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ କଏଦ କରିନେଇଥିବା ବେଳେ ସନ୍ଦିଗ୍ଧ ଯୁବକ ଯୁବତୀ ଫେରାର ହୋଇଯାଇଥିଲେ। ଏନେଇ ଯୁଧିଷ୍ଠିର ନନ୍ଦିପଦା ଥାନାରେ ଅଭିଯୋଗ କ୍ରମେ ମାମଲା ରୁଜୁ କରି ତଦନ୍ତ ଆରମ୍ଭରୁ ଯୁବକ ଯୁବତୀଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ସନ୍ଦିଗ୍ଧ ଯୁବକ, ଯୁବତୀ ଦୁଇଜଣ ମଧୁରଗଡିଆ ଗ୍ରାମର ହୋଇଥିବା ବେଳେ, ତାଙ୍କ ଘରେ ପୋଲିସ୍ ରେଡ ପୂର୍ବରୁ ସେ ଭୁବନେଶ୍ୱର ପଳାଇବାକୁ ସକ୍ଷମ ହୋଇଥିବା ବେଳେ ତା ନାଁରେ ପୂର୍ବରୁ ବିଭିନ୍ନ ଥାନାର ଅନେକ ଚୋରି ମାମଲା ରହିଛି ବୋଲି,ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି।

ନରଣପୁର ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପଦଯାତ୍ରା ଉଦ୍ଯାପିତ



କେନ୍ଦୁଝର ସଦର, ୫।୧୦ (ମନୋଜ କୁମାର ପଟେଲ): ଆନ୍ତର୍ଜାତିକ ଅହିଂସା ଦିବସ ଅବସରରେ ନରଣପୁର ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ୍ୟପ୍ରାଣୀ ସପ୍ତାହ ପଦଯାତ୍ରା ଉଦ୍ଯାପିତ ହୋଇଯାଇଛି। କେନ୍ଦୁଝର ବନଖଣ୍ଡ, କେନ୍ଦୁଝର ବନାଞ୍ଚଳ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ଏବଂ 'ଓସ୍କା' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଡକ୍ଟର ଅନୁପମା ଦାସ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏସିଏଫ୍ ଡାକ୍ତର ସୁଦୀପ୍ତ ପଣ୍ଡା ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ସାହୁ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସମ୍ପାଦକ ଭକ୍ତ ବତ୍ସଳ ମହାନ୍ତି ଏବଂ ଫରେଷ୍ଟର କାଳନ୍ଦୀ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ।ମୁଖ୍ୟବକ୍ତା ଡାକ୍ତର ସୁଦୀପ୍ତ ପଣ୍ଡା ହାତୀଙ୍କ ଜୈବବିବିଧତା ଭୂମିକା ଉପରେ ଆଲୋକପାତ କରି କହିଥିଲେ, 'ହାତୀ ହେଉଛି ପ୍ରାଣୀ ଜଗତର ଅତ୍ୟନ୍ତ ବୁଦ୍ଧିମାନ ଜୀବ। ହାତୀ ଜଙ୍ଗଲର ସୁରକ୍ଷା କରିବା ସହ ନୂତନ ଜଙ୍ଗଲ ସୃଷ୍ଟି କରେ, ରାସ୍ତା ତିଆରି କରେ ଏବଂ ହାତୀର ପାଦଚିହ୍ନରେ ଜମୁଥିବା ବର୍ଷାଜଳ ଭୂତଳ ଜଳସ୍ତର ବୃଦ୍ଧିରେ ସାହାଯ୍ୟ କରେ। ଜଙ୍ଗଲରେ ଖାଦ୍ୟର ଅଭାବ ହେତୁ ହାତୀମାନେ ଗାଁ ମୁହାଁ ହୋଇ ଧାନ, ପନିପରିବା ଓ ହାଣ୍ଡିଆ ଖାଇବା ସହ ଘରଦ୍ୱାର ଭାଙ୍ଗୁଛନ୍ତି।'ମୁଖ୍ୟ ଅତିଥି ଡକ୍ଟର ଅନୁପମା ଦାସ କହିଥିଲେ ଯେ, 'ହାତୀ ଏକ ଶାନ୍ତପ୍ରିୟ ଜୀବ। ସେମାନଙ୍କୁ ଆଦୌ ବିରକ୍ତ ନ କରି କମସେ କମ୍ ୨୦୦ ମିଟର ଦୂରତାରେ ରହିବା ଉଚିତ। ହାତୀକୁ ଘେରି ନ ରଖି ତା'ର ଗତିପଥ ଛାଡ଼ିଦେବା ସହ ଗାଁରେ ହାଣ୍ଡିଆ ଓ ମହୁଲି ମଦ ନ ରନ୍ଧିବା ପାଇଁ' ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ଫରେଷ୍ଟର କାଳନ୍ଦୀ ସାମଲ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନଙ୍କ ପାଇଁ 'ଅନୁକମ୍ପା' ମାଧ୍ୟମରେ ସରକାରୀ କ୍ଷତିପୂରଣ ପାଇବାର ସହଜ ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ସେହିପରି ଟ୍ରଷ୍ଟ ସମ୍ପାଦକ ଭକ୍ତ ବତ୍ସଳ ମହାନ୍ତି ହାତୀଙ୍କ ଖାଦ୍ୟ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ଜଙ୍ଗଲରେ ବର, ଓସ୍ତ, ଚାର, କେନ୍ଦୁ ଓ ବାଉଁଶ ଗଛ ବହୁଳ ମାତ୍ରାରେ ଲଗାଇବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଏ. ପରିମିତା କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ବିକାଶ ଅଧିକାରୀ ଭାଗିରଥି ମହାନ୍ତି, ଭାଗିରଥି ପଣ୍ଡା, ପିତାମ୍ବର ମହାନ୍ତ, ସ୍ଥାନୀୟ ବନରକ୍ଷୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ମଧ୍ୟରେ 'ମନୁଷ୍ୟ-ହାତୀ ସହାବସ୍ଥାନ ମାର୍ଗଦର୍ଶିକା' ବଣ୍ଟନ କରାଯାଇଥିଲା।

କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

ହରିଚନ୍ଦନପୁର, ୫/୧୦ (ଶୂନ୍ୟରଞ୍ଜନ ଘଣା):ହରିଚନ୍ଦନପୁରସ୍ଥିତ ବ୍ରଜବନ୍ଧୁ ମହାବିଦ୍ୟାଳୟର କର୍ମଚାରୀ ବେଣୁଧର ସାହୁଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜରେ ଆୟୋଜିତ ସଭାରେ ଅଧକ୍ଷ ଭୋଳାନାଥ ଜେନା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବସନ୍ତ କୁମାର ମହାପାତ୍ର, ବୀରବର ମହାନ୍ତ, ନଟବର ମହାରଣା ଅତିଥି ଭାବେ ଯୋଗଦେଇ ଶ୍ରୀ ସାହୁଙ୍କ ସୁଖମୟ ଅବସର ଜୀବନ କାମନା କରିଥିଲେ। ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

ବରାହୀ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ଉତ୍ସବ

ହାଟଡିହି: ୫/୧୦ (ଅମୀୟ ବରାଳ) – ହାଟଡିହି ବ୍ଲକ ଶିକ୍ଷା ଅଧିକାରୀ ଅନ୍ତର୍ଗତ ବରାହୀ ହାଇସ୍କୁଲର ବଞ୍ଚୋର ଛାତ୍ର ଛାତ୍ରୀଙ୍କ ପାଇଁ ନୂତନ ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ପୋଷାକ ବଣ୍ଟନ ଉତ୍ସବରେ ବରାହୀ ହାଇସ୍କୁଲର ବଞ୍ଚୋର ପ୍ରଧାନ ଶିକ୍ଷକ ଆଲାମଣୀ ସେଠୀଙ୍କ ଅଧକ୍ଷତାରେ ସ୍କୁଲ ପରିଚାଳନା କମିଟି ଅଧକ୍ଷ ଅମୀୟ ରଂଜନ ବରାଳ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ନୂତନ ପୋଷାକ ଓ ଜୋତା ବଣ୍ଟନ କରିଥିଲେ।ଏନେଇ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିବା ସହିତ ଖୁସିର ଲହରୀ ଖେଳିଯାଇଛି।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ମଂଜୁଲତା ସ୍ୱାଇଁ, ଶିକ୍ଷାବିତ ରତ୍ନାକର ନାୟକ କମିଟି ସଦସ୍ୟ ପିଙ୍କି ଜେନା, ଶୁଶାନ୍ତ ଗୋଛୟତ ପ୍ରମୁଖ ଉପସ୍ଥିତ ଥିବା ବେଳେ,ସହଶିକ୍ଷକ ବିଭୁ ଭୁଷଣ ପୁହାଣ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

କଲେଜ ଛାତ୍ରୀଙ୍କୁ ବଳାତ୍କାର ଘଟଣାରେ ଅଭିଯୁକ୍ତ ଯବାନ ଗିରଫ



ହାଟଡିହି:୫/୧୦ (ଅମୀୟ ବରାଳ) – କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ଅଞ୍ଚଳରେ ଜଣେ ଯୁକ୍ତ-୩ କଲେଜ ଛାତ୍ରୀଙ୍କୁ ଏକ ହୋଟେଲରେ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ କେସ୍ ନଂ ୧୮୨/୨୬ ରୁଜୁ କରି ଡେଙ୍ଗା ମୁଣ୍ଡୁକାଟି ଗ୍ରାମର ଅଭିଯୁକ୍ତ ଯବାନ ରଞ୍ଜନ ସେଠୀଙ୍କୁ ପୋଲିସ୍ ଗିରଫ କରିଛି ।ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣକ କଲେଜକୁ ବସ ଯୋଗେ ଯିବାକୁ ଛେନାପଦି ଛକ ଠାରେ ଅପେକ୍ଷା କରି ଥିବା ବେଳେ,ଅଭିଯୁକ୍ତ ଜବାନ ଜଣକ ବାଇକ୍ ଯୋଗେ ଜବରଦସ୍ତ ବସେଇ କରି ଆନନ୍ଦପୁର ଆଡ଼କୁ ଚାରିନାଳିଆ ଠାରେ ଏକ ହୋଟେଲକୁ ନେଇଥିଲେ। ସେଠାରେ ଛାତ୍ରୀଙ୍କ ବିରୋଧ ସତ୍ତ୍ୱେ ସଟର ଦେଇ ବଳାତ୍କାର କରିଥିଲେ। ପୀଡ଼ିତା ଛାତ୍ରୀ ଜଣକ ଶାଳପଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି ବୋଲି ଜଣାପଡ଼ିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଘର ପାଖାପାଖି ହୋଇଥିବା ବେଳେ ପୋଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ଯିବାକୁ ପଡିଛି। ଅନ୍ୟ ପକ୍ଷରେ ପୀଡିତ ଛାତ୍ରୀକୁ ତାଙ୍କ ମାଙ୍କ ସହିତ ଘରକୁ ପଠାଇଦିଆଯାଇଛି।ଏନେଇ ଘଟଣାର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରାଯିବ ବୋଲି ଆନନ୍ଦପୁର ଏସଡିପିଓ କମଲ କୁମାର ପଣ୍ଡା କହିଛନ୍ତି।

ବି.କରଞ୍ଜିଆ ମଣ୍ଡଳ ବିଜେପିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନବନିଯୁକ୍ତା ଜିଲ୍ଲା ମହିଳା ମୋର୍ଚ୍ଚା କୋଷାଧକ୍ଷ ନିରୂପମା ସେଠୀଙ୍କୁ ସମ୍ବର୍ଦ୍ଧନା



ଚମ୍ପୁଆ :-୫/୧୦(ରାମକୃଷ୍ଣ ଜିତ):- ଭାରତୀୟ ଜନତା ପାର୍ଟି (ବିଜେପି) ବି.କରଞ୍ଜିଆ ମଣ୍ଡଳ ପକ୍ଷରୁ ଆଗାମୀ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ଏବଂ ଆଗାମୀ କାର୍ଯ୍ୟକାରିଣୀ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ମୋର୍ଚ୍ଚାର କୋଷାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଶ୍ରୀମତୀ ନିରୁପମା ସେଠୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମଣ୍ଡଳ ସଭାପତ ଇନ୍ଦ୍ରଜିତ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ବା ପ୍ରଭାରୀ ଭାବେ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ସିଦ୍ଧାର୍ଥ କୁମାର ସିଂହ ଏବଂ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଶ୍ରୀମତୀ ରଶ୍ମିତା ମହାନ୍ତ ପ୍ରମୁଖ ମଞ୍ଚାସୀନ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତ ରଖିଥିଲେ। ଏହି ବୈଠକରେ ବି.କରଞ୍ଜିଆ ମଣ୍ଡଳର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଯୁବ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚାର କର୍ମୀମାନେ ଉପସ୍ଥିତ ରହି ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ।

ପର୍ଯ୍ୟଟକ ହୋଇ ଆସିଥିଲେ, ଶବ ହୋଇ ଫେରିଲେ

ହାଣ୍ଡିଭଙ୍ଗା ଜଳପ୍ରପାତରୁ ୪୮ ଘଣ୍ଟା ପରେ ଉଦ୍ଧାର ହେଲା ନିଖୋଜ ଯୁବକଙ୍କ ମୃତଦେହ



ଯୋଡ଼ା, ୫/୧୦ (ସନ୍ତୋଷ ନାୟକ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ହାଣ୍ଡିଭଙ୍ଗା ଜଳପ୍ରପାତରେ ଗାଧୋଇବା ବେଳେ ପାଣିରେ ବୁଡ଼ି ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ୪୮ ଘଣ୍ଟା ପରେ ଉଦ୍ଧାର ହୋଇଛି। ମୃତକ ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର କାଳିଆପାଣି ନିବାସୀ ଦିବ୍ୟ ରଞ୍ଜନ ମହାନ୍ତ ବୋଲି ଜଣାପଡ଼ିଛି। ଛୁଟି କାଟିବା ପାଇଁ ଜଳପ୍ରପାତକୁ ଆସିଥିବା ଯୁବକଙ୍କ ଏଭଳି ଦୁଃଖଦ ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।ସୂଚନା ଅନୁଯାୟୀ, ଗାନ୍ଧୀ ଜୟନ୍ତୀ ଅବସରରେ ଛୁଟି ଥିବାରୁ ବଡ଼କାଳିମାଟି ଅଞ୍ଚଳର ସେରାଜୁଦ୍ଦିନ ଖଣିର ଠିକା ସଂସ୍ଥା କେସିସିଏଲ୍ର ତିନିଜଣ କର୍ମଚାରୀ ହାଣ୍ଡିଭଙ୍ଗା ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ଦିବ୍ୟ ରଞ୍ଜନ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ନିଖୋଜ ହୋଇଥିଲେ।ଘଟଣା ସମ୍ପର୍କରେ ତୁରନ୍ତ ବାମେବାରୀ ପୋଲିସକୁ ଖବର ଦିଆଯାଇଥିଲା। ସୂଚନା ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରଥମ ଦିନରେ ଅଗ୍ନିଶମ ବାହିନୀ ପକ୍ଷରୁ ୪ ଘଣ୍ଟାରୁ ଅଧିକ ସମୟ ଧରି ଜଳାଶୟରେ ଅଭିଯାନ ଚାଲିଥିଲେ ମଧ ଯୁବକଙ୍କ ସନ୍ଧାନ ମିଳିନଥିଲା। ଅନ୍ଧାର ହୋଇଯିବାରୁ ସୁରକ୍ଷା ଦୃଷ୍ଟିରୁ ଉଦ୍ଧାର ଅଭିଯାନକୁ ସ୍ଥଗିତ ରଖାଯାଇଥିଲା।ଘଟଣାର ପ୍ରାୟ ୪୮ ଘଣ୍ଟା ପରେ ସକାଳ ପ୍ରାୟ ୯ଟା ୩୦ ମିନିଟ୍ରେ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିବା ବେଳେ ଦିବ୍ୟ ରଞ୍ଜନଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିଥିଲେ। ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ବାମେବାରୀ ପୋଲିସ ଓ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜଳାଶୟରୁ ଉଦ୍ଧାର କରିଥିଲେ।ଅନ୍ୟପକ୍ଷରେ, ମୃତ ଯୁବକଙ୍କ ପିତା ଉପେନ୍ଦ୍ର ମହାନ୍ତ ଘଟଣାର ଉଚିତ ତଦନ୍ତ ଦାବି କରି ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି କେସିସିଏଲ୍ କମ୍ପାନୀର ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ହରିଚନ୍ଦନପୁର, ୫/୧୦(ଶୂନ୍ୟରଞ୍ଜନ ଘଣା): ହରିଚନ୍ଦନପୁର ବ୍ଲକ୍ ବକ୍ସିବାରିଗାଁ ସରକାରୀ ଉଚ୍ଚବିଦ୍ୟାଳୟରେ ଓସ୍ତପଙ୍ଗା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଛି। ବକ୍ତୃତା,



କୁଇଜ, ପ୍ରବନ୍ଧ, ସୁନ୍ଦର ହସ୍ତାକ୍ଷର,ସଂଗୀତ, ଚିତ୍ରାଙ୍କନ ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କ୍ଲଷ୍ଟର ଅଧୀନରେ ଥିବା ୧୭ଟି ବିଦ୍ୟାଳୟର ୧୫୫ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚବିଦ୍ୟାଳୟ, ବକ୍ସିବାରିଗାଁ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ୍ସ୍ତରୀୟ 'ସୁରଭି'ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପିଜିଲ୍ଲା ସମ୍ପାଦକ ଅଶୋକ କୁମାର ବେହେରା ଯୋଗଦେଇ ପ୍ରତିଭା ଅନ୍ୱେଷଣ ପାଇଁ 'ସୁରଭି' ଏକ ନିଆରା ମଞ୍ଚ ବୋଲି କହିଥିଲେ । ବକ୍ସିବାରିଗାଁ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ମହଲାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଶିକ୍ଷକ ଉମାକାନ୍ତ ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ବେଣୁଧର ପାତ୍ର ଓ ବନମାଳୀ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ସିଆରସିସି ଲକ୍ଷ୍ମୀଧର ମହାନ୍ତଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ଦିବ୍ୟଲୋଚନ ନାଏକ, ଶିକ୍ଷକ ପ୍ରଭାସ ରଂଜନ ମହାନ୍ତ, କରଣ ନାଏକ, କୃଷ୍ଣଚନ୍ଦ୍ର ମହାନ୍ତ, ମନ୍ତ୍ରୀବର ନାଏକ, ଅଶ୍ୱିନୀ କୁମାର ଜୁଆଙ୍ଗ, ତୃଷାନ୍ତ କୁମାର ସାମଲ, ସଂଜୟ କୁମାର ରାଉଳ, ଲୋମପାଦ ମହାନ୍ତ, ତୀର୍ଥବାସୀ ଦଳେଇ, ଶିକ୍ଷୟିତ୍ରୀ ପାର୍ବତୀ ଗୁମାନସିଂ, ଦମୟନ୍ତୀ ଦାଶ, ମମତାରାଣୀ ମହାପାତ୍ର, ଶୁଭଶ୍ରୀ ଶୁଭସ୍ମିତା ବେହେରା, ମାଳତୀ ନାୟକ, ଜନ୍ମିତା ମାନସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ମଙ୍ଗଳବାର ୦୬।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ସୌର ସମାଧାନ ଓ ଶକ୍ତି ଦକ୍ଷତା ପଦକ୍ଷେପ

ବେଲଗୁଣ୍ଠା, ୦୫ /୧୦ (ଅକ୍ଷର ଓଡିଶା) ନାଟଙ୍ଗୀ ଦୀନବନ୍ଧୁ ବିଦ୍ୟାପୀଠରେ ଏନର୍ଜି କ୍ଲବ ପକ୍ଷରୁ ଅନ୍ତର୍ଗତ ଏକ ଏଲଇଡି ବଲ୍ବ ମରାମତି ଓ ନିର୍ମାଣ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଡୋକି ସରୋଜିନୀଙ୍କ ମାର୍ଗଦର୍ଶନରେ ଏବଂ ଏନର୍ଜି କ୍ଲବ ଶିକ୍ଷକ ପ୍ରଭାତ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶକ୍ତି ସଂରକ୍ଷଣ, ଶକ୍ତିର ଦକ୍ଷ ବ୍ୟବହାର ଏବଂ ଏଲଇଡି ବଲ୍ବର ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଓ ପ୍ରାୟୋଗିକ ଜ୍ଞାନ ବୃଦ୍ଧି କରିବା।ଏହି କର୍ମଶାଳାରେ ୫୦ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଛାତ୍ର ଜଗଦୀଶ ବେହେରାଙ୍କ ସମେତ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଏଲଇଡି ବଲ୍ବ ନିର୍ମାଣ ଓ ମରାମତିର ପ୍ରାୟୋଗିକ ଜ୍ଞାନ ହାସଲ କରିଥିଲେ। ଛାତ୍ରଛାତ୍ରୀମାନେ ୩୦ଟି ଏଲଇଡି ବଲ୍ବ ନିର୍ମାଣ କରିବା ସହ ୨୦ଟି ଖରାପ ଏଲଇଡି ବଲ୍ବ ମରାମତି କରିଥିଲେ।ଏହା ସହିତ ଶକ୍ତି ସଂରକ୍ଷଣ, ଶକ୍ତିର ଅପଚୟ ରୋକିବା ଏବଂ ଶକ୍ତି-ଦକ୍ଷ ବିଦ୍ୟୁତ ଉପକରଣ ବ୍ୟବହାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ମଧ୍ୟ ଆୟୋଜିତ ହୋଇଥିଲା।ଏହି କର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଶକ୍ତି ସଂରକ୍ଷଣ ସହିତ ପ୍ରାୟୋଗିକ ଦକ୍ଷତା ଅର୍ଜନ କରିବାର ସୁଯୋଗ ପାଇଥିଲେ। ଏହିପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣର ଅଭ୍ୟାସ, ପରିବେଶ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ଏବଂ ଦକ୍ଷତା ବିକାଶ କରିବାରେ ସହାୟକ ହୋଇଥିଲା।

ଖେଳ ପଡିଆ ସମତଳ କାମ ଭିଡ଼ିଓ ଉତ୍ତଳନ କରି ଭାଇରାଲ କରିବା ଧମକ

ଟଙ୍କା ମାଗିବା ଅଭିଯୋଗରେ ୪ ଖବରଦାତାଙ୍କ ନାମରେ ଥାନାରେ ଏତଲା



ବାଲିମେଳା ୫-୧୦(ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧୀନ ଏମଭି -୩୮ ଗ୍ରାମରେ ଗତ ଶନିବାର ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ଏମଭି -୩୮ ଗ୍ରାମର ଶତାଧିକ ଗ୍ରାମବାସୀ ଓର୍କେଲ ଥାନାରେ ଦ୍ୱାରସ୍ତ ହୋଇ ୪ ଜଣ ବିଭିନ୍ନ ଗଣ ମାଧ୍ୟମରେ ଜର୍ଯ୍ୟରତ ଥିବା ଖବରଦାତାଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାର ସଙ୍ଗୀନ ଅଭିଯୋଗ ଆଣି ସେମାନଙ୍କ ବିରୁଦ୍ଧରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି । ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଓର୍କେଲ ଥାନାରେବିଏନଏସରେ ପୋଲିସ ଏକ ମାମଲା ରୁଜୁ କରିବା ସହିତ ପୋଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ଜାରୀ ରହିଛି । ତେବେ ଏ ନେଇ ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏମଭି -୩୮ ଗ୍ରାମର ଶତାଧିକ ଗ୍ରାମବାସୀ ଶନିବାର ମିଳିତ ଭାବେ ଓର୍କେଲ ଥାନାରେ ଦ୍ୱାରସ୍ତ ହୋଇ ୪ ଜଣ କାର୍ଯ୍ୟରତ ସାମ୍ବାଦିକଙ୍କ ବିରୁଦ୍ଧରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଏତଲାରେ ଉଲ୍ଲେଖ ରହିଛି ଯେ, ଏମଭି - ୩୮ ଗ୍ରାମବାସୀ ମିଳିତ ଭାବେ ଗାଁରେ ଥିବା ଏକ ଖେଳ ପଡିଆର ସମତଳ କାର୍ଯ୍ୟ ଜାରୀ ରଖିଥିଲେ। ଉକ୍ତ ଗ୍ରାମର ବିଷ୍ଣୁ ଦାସ ଓ ତାଙ୍କ ପୁଅ ଇନ୍ଦ୍ରଜିତ ଦାସ ଗ୍ରାମବାସୀ ଜାରୀ ରଖିଥିବା ଏହି କାର୍ଯ୍ୟକୁ ସମ୍ପୂର୍ଣ ଭାବେ ବିରୋଧ କରିଥିଲେ ଏବଂ ଗ୍ରାମବାସୀଙ୍କୁ କାମ ବନ୍ଦ କହି ଧମକ ଦେଇଥିଲେ।ସେହିଦିନ ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ ଇନ୍ଦ୍ରଜିତ ଦାସ କହିବା ପ୍ରକାରେ ୪ ଜଣ ସାମ୍ବାଦିକ ତଥା,ଗୋବିନ୍ଦ ମଣ୍ଡଳ, ରୁଦ୍ର ପ୍ରତାପ ରଥ,ରାମକୃଷ୍ଣ ଚୌଧୁରୀ ଏବଂ ବିଶ୍ୱଜିତ ମଣ୍ଡଳ ଗ୍ରାମବାସୀଙ୍କ ବିନା ଅନୁମତିରେ ଗ୍ରାମରେ ପଶି ଉକ୍ତ ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ଖେଳ ପଡିଆର ଚାଲି ଥିବା କାମର ନିଜ ନିଜ ମୋବାଇଲରେ ଫଟୋ ଉଠାଇବା ସହ ଭିଡିଓ ଉତ୍ତୋଳନ କରିଥିଲ। ଏହା ପରେ ସେମାନେ ଗ୍ରାମବାସୀଙ୍କୁ ଧମକ ଦେଇ କହିଥିଲେ ଯେ,ତୁମେ ମାନେ ଖେଳ ପଡିଆ କରିବା ନାଁରେ ସେଠାରୁ ପଥର କାଢି ବିକ୍ରି କରୁଛ।ଯଦି ଆମକୁ ଏ ବାବଦରେ କିଛି ଟଙ୍କା ଆମକୁ ନଦେବ ତେବେ ଆମେ ଏହି ଫଟୋ ଏବଂ ଭିଡିଓ ଭାଇରାଲ କରିବୁ ନାହିଁ।ଏହି ଖେଳ ପଡିଆରେ ଗାଁର ମହିଳା ସମିତିର ବହୁ ସଂଖ୍ୟାର ମହିଳାମାନ ମଧ ସେଠାରେ ଉପସ୍ଥିତ ଥିଲେ।ଉପରୋକ୍ତ ୪ ଜଣ ବ୍ୟକ୍ତି ଆମେ ସାମ୍ବାଦିକ ବୋଲି କହି ସେମାନଙ୍କ ଶହ ଅସଦ ବ୍ୟବହାର ବ୍ୟବହାର ମଧ କରିଥିଲେ। ସେମାନଙ୍କୁ ଗ୍ରାମବାସୀ ବାରମ୍ବାର ବୁଝାଇବା ପରେ ବି ସେମାନେ ଗ୍ରାମରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ ବୋଲି ଏମଭି -୩୮ ଗ୍ରାମବାସୀ ଓର୍କେଲ ଥାନାରେ ପ୍ରଦାନ କରିଥିବା ଲିଖିତ ଏତଲାରେ ଉଲ୍ଲେଖ ରହିଛି ବୋଲି ପୋଲିସ ପକ୍ଷରୁ ଜଣା ପଡିଛି। ତେବେ ପୋଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ଏସ ଆଇ ଦୁର୍ଯ୍ୟୋଧନ ଖିଲ ଜାରୀ ରଖିଛନ୍ତି। ଏହି ମାମଲାରେ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ। ଘଟଣାର ତଦନ୍ତ ସରିବା ପରେ ପୋଲିସ ପକ୍ଷରୁ ପରବର୍ତ୍ତୀ ପଦକ୍ଷପ ଗ୍ରହଣ କରାଯିବ ବୋଲି ଓର୍କେଲ ଥାନା ଅଧିକାରୀ ରିଗନ କିଣ୍ଡୋ କହିଛନ୍ତି।

ରଘୁନାଥପୁର ଅଞ୍ଚଳରେ ଛେଳି ଚୋରଙ୍କ ଉପଦ୍ରବ୍ୟ

ରଘୁନାଥପୁର-୦୫ /୧୦(ଅକ୍ଷର ଓଡ଼ିଆ)ଜଗତସିଂହପୁର ଜିଲ୍ଲା ରଘୁନାଥ ପୁର ଥାନ ଅନ୍ତର୍ଗତ ରଘୁନାଥ ପୁର ପଞ୍ଚୟତର ଚାନ୍ଦପୁର ଗ୍ରାମର ୧୨ନଂ ୱାର୍ଡ ରେ ଏକ ଆଚର୍ଯ୍ୟ କଳାଭଳି ଘଟଣା ଘଟି ଅଛି ରମେଶ ପାତ୍ର , କୈଳାସ ପାତ୍ର ପିତା -ଇନ୍ଦ୍ରମଣି ପାତ୍ର ଏମାନେ ଦୁଇ ଭାଇ ଏକ ଚାଷୀ ମୁଲିଆ ଗରିବ ଶ୍ରେଣୀର ଲୋକ ଅଟନ୍ତି ଏମାନେ ମୂଳପାତି ଲାଗି ଚଳିବାଶହ ଆଥିକ ଅବସ୍ଥାଦୂର ହେବାକୁ ସେମାନେ ଛେଳି ରଖି ବେପାର କରି ଚଳନ୍ତି । ରମେଶ ପାତ୍ରଙ୍କ ଛେଳି ଗୁହାଳ ନିଜ ରହିବା ଘର ଠାରୁ ୧୦ଫୁଟ ଦୂର ଏବଂ ତାଙ୍କ ଭାଇ କୈଳାସ ପାତ୍ର ଙ୍କ ଛେଳି ଗୁହାଳ ତାଙ୍କ ନିଜ ରହିବା ଘର ଠାରୁ ୨୦ଫୁଟ ଦୂର ଅବସ୍ଥିତ ଏବଂ ତାଙ୍କ ଘରକୁ ଲାଗି ଅନ୍ୟ ପଡୋଶୀ ଙ୍କ ଘର ଥିବାବେଳେ ତା ଆଚର୍ଯ୍ୟ ଘାଟଣ ତା ୦୫/୧୦ ରିଖରେ ରାତ୍ର ୨ଘଟିକା ସମୟ ରେ ରମେଶ ପାତ୍ରଙ୍କ ୪ଟି ଛେଳି ଯାହା ତାଙ୍କ କହିବା କଥା ଅବିକା ବଜାର ମୂଲ୍ୟ ୪୦.୦୦୦ଉର୍ଦ୍ଧ ହେବ ଓ କୈଳାଶ ପାତ୍ରଙ୍କ ୧୦ଟି ଛେଳି ଯାହା ତାଙ୍କ ଜ୍ୱାଇଁ ଚିତନ ପାତ୍ର କହିବା କଥା ବଜାର ମୂଲ୍ୟ ୧.୦୦୦୦୦ଉର୍ଦ୍ଧ ହେବ ଛେଳି ଚୋରି ହୋଇ ଯାଇଅଛି । ନିଜ ପରିବାରପରି ରହିଥିବା ଏତେ ଛେଳି ସବୁ ଚୋରି ହୋଇଯିବାରୁ ଦୁଇ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି ଏହିଭଳି ଘାଟଣକୁ ନେଇ ସମଗ୍ର ରଘୁନାଥପୁର ଅଞ୍ଚଳରେ ଚକ୍ଷଞ୍ଚଲ୍ୟ ଖେଳି ଯାଇଅଛି ଲାନେଇ ଥାନାରେ ମାମଲା ରୁଜୁ ହୋଇନଥିବା ଜଣାଯାଇଛି ।

ପୋଲିସ କ୍ୟାମ୍ପସ ଓ ଥାନା ପରିଦର୍ଶନ କଲେ ନବୋଦୟ ଛାତ୍ରଛାତ୍ରୀ



ଦେବଗଡ଼, ୦୫ /୧୦ (ଅକ୍ଷର ଓଡ଼ିଶା): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ପିଏମ୍ ଶ୍ରୀ ବାଗଲେସ୍ ଡେ’ ପଦକ୍ଷେପ ଅଧୀନରେ ଦେବଗଡ଼ରେ ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଦେବଗଡ଼ ଜିଲ୍ଲା ପୋଲିସ କ୍ୟାମ୍ପସ ଓ ଦେବଗଡ଼ ଥାନା ପରିଦର୍ଶନ କରିଥିଲେ।ପରିଦର୍ଶନ ସମୟରେ ଛାତ୍ରଛାତ୍ରୀମାନେ ପୋଲିସ ବିଭାଗର କାର୍ଯ୍ୟପ୍ରଣାଳୀ, ଶୃଙ୍ଖଳା, ଆଇନଶୃଙ୍ଖଳା ରକ୍ଷା ଏବଂ ଜନସେବା ସମ୍ପର୍କରେ ବିଭିନ୍ନ ତଥ୍ୟ ଜାଣିବାର ସୁଯୋଗ ପାଇଥିଲେ। ପୋଲିସ ବିଭାଗର ଦୈନନ୍ଦିନ କାର୍ଯ୍ୟ ଓ ଦାୟିତ୍ୱ ସମ୍ପର୍କରେ ମଧ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା।ଏହି ଅବସରରେ ଦେବଗଡ଼ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଅତିରିକ୍ତ ଏସ୍‌ପି ଧୀରୋଜ ଚୋପଦାର, ଏସ୍‌ଡିପିଓ ରମେଶ ମାହାନା ଏବଂ ଦେବଗଡ଼ ଥାନା ଅଧିକାରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପୋଲିସର ଭୂମିକା, ଦାୟିତ୍ୱ ଓ ଜନସାଧାରଣଙ୍କ ସହ ସମନ୍ୱୟ ସମ୍ପର୍କରେ ସେମାନେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ଏକତା, ଦାୟିତ୍ୱବୋଧ, ଶୃଙ୍ଖଳା ଓ ଦେଶସେବାର ଭାବନାକୁ ଅଧିକ ଦୃଢ଼ କରିବା ସହ ପୋଲିସ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିକଟତା ବୃଦ୍ଧି ପାଇଥିବା ଜଣାପଡ଼ିଛି।

୭୫ ଲକ୍ଷ ଟଙ୍କା ଠକେଇ ମାମଲାରେ ବଡ଼ ମୋଡ଼ ଅଭିଯୁକ୍ତ ସତୀଶ କୁମାର ଜୈନ ନିର୍ଦ୍ଦୋଷରେ ଖଲାସ

କେସିଙ୍ଗା , ୫/୧୦ (ଅକ୍ଷର ଓଡ଼ିଶା) :କଳାହାଣ୍ଡି,କେସିଙ୍ଗା ଅଞ୍ଚଳର ପ୍ରାୟ ୧୨୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କଠାରୁ ପ୍ରାୟ ୭୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ରୁଜୁ ହୋଇଥିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଛି। ମାମଲାର ଅଭିଯୁକ୍ତ କେସିଙ୍ଗା ନିବାସୀ ସତୀଶ କୁମାର ଜୈନଙ୍କୁ ଭବାନୀପାଟଣା ଜିଲ୍ଲା ଓ ଦୌରା ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।ମାମଲାରୁ ପ୍ରକାଶ ଯେ, ୨୦୨୩ ମସିହାରେ କେସିଙ୍ଗା ଅଞ୍ଚଳର ପ୍ରାୟ ୧୨୦ଟି ଗୋଷ୍ଠୀର ମହିଳାମାନଙ୍କଠାରୁ ପ୍ରାୟ ୭୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ କେସିଙ୍ଗା ଥାନାରେ ହୋଇଥିଲା। ଏହାକୁ ଆଧାର କରି କେସିଙ୍ଗା ଥାନାରେ ରୁଜୁ ହୋଇଥିଲା। ପୁଲିସ ତଦନ୍ତ ପରେ ସତୀଶ କୁମାର ଜୈନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ଓଡଉ ଧାରା ୪୧୯ ଓ ୪୨୦ ଅନୁଯାୟୀ ଚାର୍ଜସିଟ୍ ଦାଖଲ



କରିଥିଲା।ପରବର୍ତ୍ତୀ ସମୟରେ ମାମଲାର ଶୁଣାଣି କରି କେସିଙ୍ଗା ଔଗରଉ ଅଦାଲତ ୧୯ ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ସତୀଶ କୁମାର ଜୈନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ତାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୫,୦୦୦ ଟଙ୍କା ଜୋରିମାନାର ଦଣ୍ଡାଦେଶ ହୋଇଥିଲା।ତେବେ ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ସତୀଶ କୁମାର ଜୈନ ଭବାନୀପାଟଣା ଜିଲ୍ଲା ଓ ଦୌରା ଅଦାଲତରେ କରିଥିଲେ। ଅପିଲର ଶୁଣାଣି ସମୟରେ ମାମଲାର ମୌଖିକ ଓ ଦସ୍ତାବିଜୀ ସାକ୍ଷ୍ୟ, ରେକର୍ଡରେ ଥିବା ବିଭିନ୍ନ ତଥ୍ୟ ଏବଂ ପକ୍ଷର ଆଇନଗତ ଯୁକ୍ତିକୁ ଜିଲ୍ଲା ଓ ଦୌରା ଅଦାଲତ ବିଚାରକୁ ନେଇଥିଲେ।ଏହାପରେ ମାନ୍ୟବର ଜିଲ୍ଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଗତ ୨୮ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ରାୟ ପ୍ରକାଶ କରି ତଳ ଅଦାଲତର ଦଣ୍ଡାଦେଶକୁ ପରିବର୍ତ୍ତନ କରିଛନ୍ତି। ଅପିଲରେ ଅଭିଯୁକ୍ତ ସତୀଶ କୁମାର ଜୈନଙ୍କୁ ଉକ୍ତ ମାମଲାରେ ନିର୍ଦ୍ଦୋଷରେ ଖଲାସ କରାଯାଇଛି।ଏହି ଅପିଲ ମାମଲାରେ ଭବାନୀପାଟଣାର ବରିଷ୍ଠ ଆଇନଜୀବୀ କୁନାଲ କୁମାର ବେହେରାଙ୍କ ନେତୃତ୍ୱରେ ଆଇନଜୀବୀ ଅମିତ ପ୍ରସାଦ ଜୈନ, ଶେଷଦେବ ସାହୁ, ଶଶାଙ୍କ ଶେଖର ନେଗୀଙ୍କ ସମେତ ଅନ୍ୟ ସହଯୋଗୀ ଆଇନଜୀବୀମାନେ ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

ଦୁର୍ଗାପୂଜା ପୂର୍ବରୁ ଧର୍ମଗଡ଼ କାଶୀବାହାଲରେ ବୃକ୍ଷରୋପଣ



ଧର୍ମଗଡ଼ (୦୫/୧୦ ଟଙ୍କଧରବିହାରୀ)ଦୁର୍ଗାପୂଜା ପୂର୍ବରୁ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କାଶୀବାହାଲଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। “ବୃକ୍ଷ ହିଁ ଜୀବନ” ବାର୍ତ୍ତା ଦେଇ ଏହି କାର୍ଯ୍ୟକ୍ରମରେ ଡ଼ା. ମନୋରଞ୍ଜନ ଦାସ, ଏକ୍ସ-ଆର୍ମି, କଣ୍ଟ୍ରାକ୍ଟର ହେମରାଜ ପାତ୍ର.ଓ ସୁପରଭାଇଜର ପ୍ରଦୀପ ନାଏକ.ଙ୍କ ସମେତ ବିରଚି, କେଦାର.ଓ ଜାଲ ଗ୍ରାମର ଗ୍ରାମବାସୀ ସାମିଲ ହୋଇଥିଲେ।ସମସ୍ତେ ମିଳି ବିଭିନ୍ନ ପ୍ରକାରର ଚାରା ରୋପଣ କରିବା ସହ ଗଛର ସୁରକ୍ଷା ଓ ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ। ପରିବେଶର ସନ୍ତୁଳନ ରକ୍ଷା ସହ ଆଗାମୀ ପିଢ଼ି ପାଇଁ ସବୁଜ ଓ ସୁସ୍ଥ ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ବୃକ୍ଷ ହିଁ ଜୀବନ, ବୃକ୍ଷର ସୁରକ୍ଷା ହିଁ ଆମର ଦାୟିତ୍ୱଏହି ବାର୍ତ୍ତା ଦେଇ ସମସ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ ପାଇଁ ଆହ୍ୱାନ କରିଥିଲେ।

ଟିଟିଲାଗଡ଼ କରଣ ସମାଜର ଚିତ୍ରଗୁପ୍ତ ପୂଜା ପ୍ରସ୍ତୁତି ବୈଠକ



ବଲାଙ୍ଗିର୦୫/୧୦ (ଦେବେନ୍ଦ୍ର ପୋଡ଼) :ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ନିକଟ ସତିଘାଟ ଗ୍ରାମ ସ୍ଥିତ କରଣ ସମାଜ କଲ୍ୟାଣ ମଣ୍ଡପ ଠାରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପବିତ୍ର ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ମହାରାଜାଙ୍କ ପୂଜାକୁ ସଫଳ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।କରଣ ସମାଜର ସଭାପତି ଦୟାସାଗର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମାଜର ଉନ୍ନତି, କଲ୍ୟାଣ ମଣ୍ଡପର ବିକାଶ ଏବଂ ଆଗାମୀ ପୂଜାକୁ କିପରି ଅଧିକ ଭବ୍ୟ ଓ ଆକର୍ଷଣୀୟ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜର ପ୍ରତ୍ୟେକ ପରିବାର ଏହି ମହାନ ପୂଜାରେ ସକ୍ରିୟ ଭାବେ ଯୋଗଦାନ କରିବା ଏବଂ କରଣ ସମାଜକୁ ସମସ୍ତ କ୍ଷେତ୍ରରେ ଅଧିକ ସୁଦୃଢ଼ କରିବା। ଚଳିତବର୍ଷ ଚିତ୍ରଗୁପ୍ତ ପୂଜାକୁ ଅତ୍ୟନ୍ତ ଉତ୍ସାହ ଓ ହର୍ଷୋଲ୍ଲାସର ସହ ପାଳନ କରିବା ପାଇଁ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି।ଏହି ବୈଠକରେ କାର୍ଯ୍ୟ ନିର୍ବାହୀ ସଦସ୍ୟ ସୀତାରାମ ପଟ୍ଟନାୟକ, ଚକ୍ରପାଣି ପଟ୍ଟନାୟକ, ଗୌରୀ ଶଙ୍କର ପଟ୍ଟନାୟକ, ସୌମିନ୍ଦ୍ର ପଟ୍ଟନାୟକ, ବଡ଼ବାବୁ ପଟ୍ଟନାୟକ, ଦେବୁ ପଟ୍ଟନାୟକ, ଚିନ୍ତାମଣି ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ରାମ ନାରାୟଣ ବୋହିଦାର, ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ଗଣେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି ସକ୍ରିୟ ଭାବେ ଯୋଗଦାନ କରି ମତାମତ ରଖିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବଡ଼ ପରଜା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ୧୦ଗୋଟି ବ୍ଲକର ଲୋକେ ଉପସ୍ଥିତ



ପାପଡାହାଣ୍ଡି, ୫।୧୦(ଅକ୍ଷର ଓଡ଼ିଶା) ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ତହରା ପଞ୍ଚାୟତ ଅଧୀନ ଦୁଙ୍ଗିଆଗୋବାଠାରେ ବଡ଼ ପରଜା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଭେଟଘାଟରେ ନବରଙ୍ଗପୁର ଜିଲ୍ଲାର ୧୦ଗୋଟି ବ୍ଲକରୁ ବଡ଼ ପରଜା ସମାଜର ବହୁ ସଦସ୍ୟ ଯୋଗଦେଇଥିଲେ।ନୂଆଁଖାଇ ପର୍ବ ଅବସରରେ ସମାଜର ଭାଇଚାରା, ଏକତା ଓ ପରମ୍ପରାକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ଏହି ଭେଟଘାଟ ଆୟୋଜିତ ହୋଇଥିଲା। ଏଥିରେ ପାପଡାହାଣ୍ଡି ବ୍ଲକ ସଭାପତି ମିଟୁ ମୁଦୁଲି, ଡାବୁଗାଁ ବ୍ଲକ ସଭାପତି ପିତ ମୁଦୁଲି, ଉମରକୋଟ ବ୍ଲକ ସଭାପତି ଅର୍ଜୁନ ଜାନୀ, ରାଇଘର ବ୍ଲକ ସଭାପତି ଗଙ୍ଗା ଜାନୀ, କୋଷାଗୁମୁଡ଼ା ବ୍ଲକ ସଭାପତି ସହଦେବ ମୁଦୁଲି ପ୍ରମୁଖ ଉପସ୍ଥିତ ରହିଥିଲେ।ଏହି ଅବସରରେ ସମାଜର ପରମ୍ପରା, ସଂସ୍କୃତି ଓ ସାମାଜିକ ଏକତାକୁ ଅକ୍ଷୁଣ୍ଣ ରଖିବା ସହ ଆଗାମୀ ଦିନରେ ସମାଜର ସାମୂହିକ ଉନ୍ନତି ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା।

ଭୋଇପଡ଼ାରେ ସ୍କୁଲ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

ବଲାଙ୍ଗିର୦୫/୧୦ (ଦେବେନ୍ଦ୍ର ପୋଡ଼) ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଭୋଇପଡ଼ା ସ୍କୁଲ ନିକଟ ୫୯ ନମ୍ବର ଜାତୀୟ ରାଜପଥରେ କଣ୍ଟାବାଞ୍ଜି ଲାୟନ୍ସ ପବ୍ଲିକ୍ ସ୍କୁଲର ଏକ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି।ଭ୍ୟାନ୍ (ଡଉ ୩୧ ଉ ୧୩୫୯) ରବିବାର ରାତି ପ୍ରାୟ ୮ଟା ସମୟରେ ଟିଟିଲାଗଡ଼ ପଟରୁ ବଙ୍ଗୋମୁଣ୍ଡା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଥିଲା। ଦୁର୍ଘଟଣାରେ ଭ୍ୟାନ୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି।ତେବେ ରବିବାର ସ୍କୁଲ ଛୁଟି ଥିବାରୁ ଭ୍ୟାନ୍‌ରେ କୌଣସି ଛାତ୍ରଛାତ୍ରୀ ନଥିଲେ। ଫଳରେ ଏକ ବଡ଼ ଅଘଟଣରୁ ଛାତ୍ରଛାତ୍ରୀ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ତାକରଡାଠାରେ ରାଜ୍ୟ ରାଜପଥର ଅବସ୍ଥା ଶୋଚନୀୟ ଯାତାୟତରେ ହେଉଛି ସମସ୍ୟା, ତୁରନ୍ତ ପ୍ରତିକାର ଦାବି



ବୁଗୁଡ଼ା : ୦୫ /୧୦(ଅକ୍ଷର ଓଡିଶା) : ବୁଗୁଡ଼ାଠାରୁ ନୟାଗଡ ଅଭିମୁଖେ ଲମ୍ବିଥିବା ରାଜ୍ୟ ରାଜପଥ-୩୩ର ଅବସ୍ଥା ବିଭିନ୍ନ ସ୍ଥାନରେ ଶୋଚନୀୟ ହୋଇପଡ଼ିଛି । କଦମ୍ବମଠ , ବି.ବ୍ରହ୍ମପୁର ଓ ତାକରଡା ଆଦି ଗାଁଠାରେ ଏହି ରାଜ୍ୟ ରାଜପଥର ଦୂରବସ୍ଥା ସ୍ଥାନୀୟ ପ୍ରଶାସନିକ ଉଦାସୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଶେଷକରି ତାକରଡା ଗାଁଠାରେ ରାସ୍ତାର ଅନେକ ସ୍ଥାନରେ ଚକଟାଏ ଲେଖାଏଁ ବଡବଡ ଖାଲ ସୃଷ୍ଟି ହୋଇଛି। କେତେକ ସ୍ଥାନରେ କଂକ୍ରିଟ ଉଠିଯାଇ ଲୁହାଖାଡି ଦେଖାଯାଉଛି ଏବଂ ତାହା ଦୁର୍ଘଟଣାର କାରଣ ପାଲଟିଛି। ଦୁର୍ଘଟଣାକୁ ଏଡାଇବା ପାଇଁ ଦେଢମାସ ତଳେ ରାଜରାସ୍ତାର ସେହି ବିପଦଜ୍ଜନକ ସ୍ଥାନଗୁଡ଼ିକରେ ମୁରୁମ୍ ପକାଇ ସମତୁଲ କରାଯାଇଥିଲା। ଏବେ ବର୍ଷାରେ ସେହି ମୁରୁମ୍ ଧୋଇହୋଇ ପୂର୍ବର ଦୁରବସ୍ଥାକୁ ଫେରିଆସି ପୁଣି କଂକ୍ରିଟ ମଧ୍ୟରୁ ଲୁହାଖାଡି ଫୁଟି ବାହାରି ବିପଦକୁ ଆହ୍ୱାନ କରୁଛି। ଦୈନିକ ଶହ ଶହ ଯାନବାହାନ ସେହି ରାସ୍ତାରେ ଯାତାୟାତ ବେଳେ ଦୁର୍ଘଟଣାର ଭୟ ଘାରୁଛି। ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବିପଦଜ୍ଜନକ ରାସ୍ତାକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଏଣୁ, ଜନତାଙ୍କ ଧନଜୀବନର ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଏଣିକି ଆଉ ଧୃତରାଷ୍ଟ୍ର ନସାଜି ଯଥାଶୀଘ୍ର ସେହି ବିପଦଜ୍ଜନକ ରାସ୍ତାର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦୃଢ ଦାବି ହେଉଛି।

ପଣ୍ଡିତ ନାରାୟଣଙ୍କ ଜେଲ୍ ଜୀବନ ଖୋରଧାରୁ ହିଁ ଆରମ୍ଭ ହୋଇଥିଲା ଜିଲ୍ଲା କାରାଗାରରେ ପଣ୍ଡିତ ନାରାୟଣଙ୍କ ତୈଳଚିତ୍ର ଅନାବରଣ



ଖୋର୍ଦ୍ଧା, ୦୫ /୧୦(ଅକ୍ଷର ଓଡିଶା): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜେଲ୍ ଜୀବନ ଚାଳିଶି ଦଶକରେ ପ୍ରଥମ ଥର ପାଇଁ ଖୋର୍ଦ୍ଧାରୁ ହିଁ ଆରମ୍ଭ ହୋଇଥିଲା ହୋଇଥିଲା ବୋଲି ଜେଲ୍ ସୁପରିଟେଣ୍ଡେଣ୍ଟ ରାଜୀବକୁମାର ଦାସ ମତବ୍ୟକ୍ତ କରିଛନ୍ତି। ଜେଲ୍ ସଂସ୍କାର ଯୋଜନା ପରିପ୍ରେକ୍ଷୀରେ ୮୬ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୨ ମସିହାରେ ଖୋର୍ଦ୍ଧା କାରାଗାରରେ ଜେଲ୍ ଜୀବନ ବିତାଇଥିବା ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ତୈଳଚିତ୍ର ଏହି କାରାଗାର ପରିସରରେ ଶନିବାର ଅନାବରଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି ପଣ୍ଡିତ ମିଶ୍ରଙ୍କ ତ୍ୟାଗ ଏବଂ ତିତୀକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମେଜର ମହାନ୍ତି ପଣ୍ଡିତ ମିଶ୍ରଙ୍କ ଭଳି ବରପୁତ୍ରଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଉତର ପୀଢ଼ିଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଖୋର୍ଦ୍ଧା ବାର୍ ଆସୋସିଏସନର ତତ୍କାଳୀନ ସଭାପତି ନୃସିଂହପ୍ରସାଦ ମିଶ୍ର ଯୋଗଦେଇ ବିଳମ୍ବରେ ହେଉ ପଛେ କାରାଗାର କର୍ତ୍ତୃପକ୍ଷ ପଣ୍ଡିତ ମିଶ୍ରଙ୍କ ଜେଲ୍ ଜୀବନ ସ୍ମୃତିକୁ ଜନମାନସରେ ଉଦ୍‌ଭାସିତ କରାଇଛନ୍ତି ବୋଲି କହିଥିଲେ। ଶକ୍ତିଶଙ୍କର ମିଶ୍ର ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’ ପ୍ରତିଷ୍ଠା କରିବା ଯୋଗୁଁ ପଣ୍ଡିତ ମିଶ୍ର ଗୋରା ସରକାରଙ୍କ ଆକ୍ରୋଶର ଶିକାର ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ଗିରଫ ହୋଇ ଏହି କାରାଗାରରେ ବନ୍ଦୀ ଜୀବନ ବିତାଇଥିଲେ ବୋଲି କହିଥିଲେ । ବରିଷ୍ଠ ସମାଜସେବୀ ତଥା ମା’ ମଙ୍ଗଳା ଆଦିବାସୀ ମହିଳା ସମିତି ସମ୍ପାଦିକା ସୁକାନ୍ତି ପଟ୍ଟନାୟକ ଏଥିରେ ଯୋଗଦେଇ ଅଖ୍ୟାତପଲ୍ଲୀ ବାଜପୁରରେ ଜନ୍ମିତ ପଣ୍ଡିତ ମିଶ୍ର ବାସ୍ତବରେ ଜଣେ ସଚ୍ଚା ସଂଗ୍ରାମୀ ଥିବାବେଳେ ବ୍ରିଟିଶ ସରକାରଙ୍କ ନଜର ଏଡ଼ାଇବା ପାଇଁ ଚିନ୍ତାମଣି ମିଶ୍ର, ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ସହ ମିଶି ବରୁଣେଇରେ ଆତ୍ମଗୋପନ କରିଥିଲେ ବୋଲି କହିଥିଲେ। ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ ‘ଚିଲିକା ଦର୍ଶନ’, ‘ପୁଣ୍ୟଶ୍ଳୋକ’, ‘ଭୋଟରଭାବନା’ ଓ ‘ଦଶଦିଗ’ ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ବେଳେ ନବ ଦିଗନ୍ତ ସୃଷ୍ଟି କରିଛି ବୋଲି ତାଙ୍କ ପୁତ୍ରବଧୂ ତଥା ବରିଷ୍ଠ ଶିକ୍ଷୟିତ୍ରୀ ମନୋରମା ନନ୍ଦ (ମିଶ୍ର) କହିଥିଲେ। ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଡ଼. ଧୀରେନ୍ଦ୍ର ନନ୍ଦ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ର ପାଇକ କୂଳରେ ଜନ୍ମ ନହୋଇ ମଧ ଜନ୍ମମାଟି ପାଇଁ ଲଢ଼େଇ କରିଥିବା ଦର୍ଶାଇଥିଲେ।

ମା’ ଚଣ୍ଡୀଙ୍କ ପୀଠରେ ତିଛିନି ହାଇସ୍କୁଲ ୨୦୦୯ ବ୍ୟାଚ୍ ବନ୍ଧୁ ମିଳନ



ବାଲୁଗାଁ:୦୫/୧୦ (ଅକ୍ଷର ଓଡିଶା)ପାରିକୁଦର ପ୍ରସିଦ୍ଧ ମା’ ଚଣ୍ଡୀ ମନ୍ଦିର ପରିସରରେ ତିଛିନି ହାଇସ୍କୁଲର ୨୦୦୯ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମହା ଆନନ୍ଦ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି।ଦୀର୍ଘ ୧୬ ବର୍ଷ ପରେ ସମସ୍ତ ସହପାଠୀ ଏକାଠି ହୋଇ ପୁରୁଣା ସ୍ମୃତିକୁ ତାଜା କରିଥିଲେ। ସ୍କୁଲ ଜୀବନର ହସଖୁସି, ଶିକ୍ଷକଙ୍କ ସ୍ନେହ ଓ ମଧୁର ମୁହୂର୍ତ୍ତ ଗୁଡ଼ିକୁ ମନେ ପକାଇ ସମସ୍ତେ ଭାବିହ୍ୱଳ ହୋଇପଡ଼ିଥିଲେ।କାର୍ଯ୍ୟକ୍ରମ ଆରମ୍ଭରେ ମା’ ଚଣ୍ଡୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ସମସ୍ତଙ୍କ ମଙ୍ଗଳ କାମନା କରାଯାଇଥିଲା। ଏହାପରେ ପରସ୍ପର ମଧ୍ୟରେ ଅନୁଭୂତି ବାଣ୍ଟିବା ସହ ବନ୍ଧୁତାର ଏକତାକୁ ଅତୁଟ ରଖିବା ଓ ଆଗାମୀ ଦିନରେ ସମାଜସେବା କାର୍ଯ୍ୟରେ ଏକ ହୋଇ କାମ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।ବହୁ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଦିନଟି ସ୍ମୃତି, ସ୍ନେହ ଓ ବନ୍ଧୁତାର ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିଥିଲା।“ବର୍ଷ ବଦଳିଯାଏ, ସମୟ ବଦଳିଯାଏ... ହେଲେ ସତ ବନ୍ଧୁତା ଓ ପୁରୁଣା ସ୍ମୃତି କେବେ ବଦଳେ ନାହିଁ।”

ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ନିଶ୍ଚିନ୍ତକୋଇଲି ୦୫ /୧୦(ଅକ୍ଷର ଓଡିଶା)-ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ଚରଣ ବେହେରାଙ୍କ ୮୬ତମ ଜୟନ୍ତୀ ଅବସରରେ ତାଙ୍କର ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରତାପ ଜେନା ମାଲ୍ୟାର୍ପଣ କରିଛନ୍ତି। ସ୍ୱର୍ଗତ ବେହେରାଙ୍କ ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଂଚାୟତ ବାଣୀନଗର ଠାରେ ଥିବା ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଜେନା ଏକ ବିରାଟ ପଟୁଆରରେ ଯାଇ ମାଲ୍ୟାର୍ପଣ କରିଥିଲେ। ଶ୍ରୀ ଜେନାଙ୍କ ସହ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ସରପଂଚ ଜୟଦେବ ରାଉତ, ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ ଙ୍କ ସମେତ ବହୁ ଦଳୀୟ ସରପଂଚ ,ସମିତି ସଭ୍ୟ ଉପସ୍ଥିତ ଥିଲେ।

ଏମ୍ସ ଶିକ୍ଷାନୁଷ୍ଠାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି ୦୫/୧୦ (ଅକ୍ଷର ଓଡିଶା)-ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମପଂଚାୟତ କୁଟିଲୋ ବାଘୁଣୀ ଠାରେ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନ ଏମ୍ସ ଆଜି ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ରଙ୍ଗାରଙ୍ଗ ପରିବେଶରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅନୁଷ୍ଠାନର ଟ୍ରଷ୍ଟି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ସ୍ୱାମୀ ବିବେକାନନ୍ଦ ଗ୍ରୁପ ଅଫ ଇଷ୍ଟିଚ୍ୟୁସନର ଅଧ୍ୟକ୍ଷ ଆଶିଷ କୁମାର ପାତ୍ର, ମୁଖ୍ୟବକ୍ତାରୂପେ ଡାକ୍ତର ମାଧବାନନ୍ଦ ନାୟକ, ସମ୍ମାନିତ ଅତିଥିରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନରୋତମ ବଳ, ନିରଜା ନଳିନୀ ସ୍ୱାଇଁ,ରୁବି ବଳ, ଅମିତା ରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥିରୂପେ ଯୋଗଦାନ କରି ଲୁଣା-ଚିତ୍ରୋପ୍ତଳା ଦ୍ୱିପାଂଚଳରେ ଶିକ୍ଷାର ବିକାଶ ଦିଗରେ ଏହି ଅନୁଷ୍ଠାନ ଆଲୋକ ବର୍ତିକା ଭଳି କାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ବିଶ୍ୱରଞ୍ଜନ ବଳ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମଙ୍ଗଳବାର ୦୬|୧୦|୨୦୨୬
ଅକ୍ଷର
AKHYARA ODISHA

ପାର୍ବଣ ପୂର୍ବରୁ ଖାରିଆଗୁଡ଼ା ଅଞ୍ଚଳରେ ଜୁଆ ଆଡ୍ଡା ନେଇ ଅଭିଯୋଗ

ଶାଗୁଆନ ତୋଟାରେ ଖୁଲମଖୁଲା ଜୁଆ ଖେଳ, ପୁଲିସର ନୀରବତାକୁ ନେଇ ପ୍ରଶ୍ନ

ପାତ୍ରପୁର, ୫/୧୦ (କୁରସ ରେଡ୍ଡୀ):ଦଶହରା ଓ କୁମାର ପୂର୍ଣ୍ଣିମା ପରି ପାର୍ବଣ ଋତୁ ଆସୁଥିବା ବେଳେ ଗଞ୍ଜାମ ଜିଲ୍ଲା ସୀମାନ୍ତ ଖାରିଆଗୁଡ଼ା ଫାଣ୍ଡି ଅଞ୍ଚଳରେ ଜୁଆ ଆଡ୍ଡା ବଢ଼ିଥିବା ଅଭିଯୋଗ ହୋଇଛି। ତାଳପଡ଼ା ଗ୍ରାମ ନିକଟସ୍ଥ ଶାଗୁଆନ ତୋଟା ସମେତ ସୁରୁଙ୍ଗୀରୁ ତୁରୁବୁଡ଼ି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଜୁଆ ଖେଳ ଚାଲିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ସବୁଠାରୁ ଚାଞ୍ଚଲ୍ୟକର ଅଭିଯୋଗ ହେଉଛି, ଜୁଆ ଖେଳରେ ସମ୍ପୃକ୍ତ କିଛି ବ୍ୟକ୍ତି ପୁଲିସ କାର୍ଯ୍ୟାନୁଷ୍ଠାନକୁ ଖାତିର ନକରି ଖୁଲମଖୁଲା ଭାବେ ଦମ୍ଭୋକ୍ତି କରୁଥିବା କୁହାଯାଉଛି। ଏପରିକି ଫାଣ୍ଡିକୁ 'ମାସିକିଆ' ଦିଆଯାଉଥିବା ଏବଂ ଏଥିପାଇଁ କେହି କିଛି କରିପାରିବେ ନାହିଁ ବୋଲି କିଛି ଜୁଆଡ଼ି କହୁଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗର ସତ୍ୟତା ସ୍ୱାଧୀନ ଭାବେ ଯାଞ୍ଚ ହୋଇପାରିନାହିଁ।ସ୍ଥାନୀୟଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିଦିନ ଅପରାହ୍ନ ପ୍ରାୟ ୪ଟା ୩୦ରୁ ରାତି ୮ଟା ପର୍ଯ୍ୟନ୍ତ ଶାଗୁଆନ ତୋଟାର ନିଛାଟିଆ ସ୍ଥାନରେ ଜୁଆ ଖେଳ ଚାଲୁଛି। ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଲୋକ ସେଠାରେ ଏକାଠି ହେଉଥିବା ଏବଂ ବଡ଼ ପରିମାଣରେ ଟଙ୍କାରେ ବାଜି ଲଗାଯାଉଥିବା ଅଭିଯୋଗ ରହିଛି ।ଏହା ଯୋଗୁଁ ଉକ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ।ପାର୍ବଣ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ପାଟ୍ରୋଲିଂ ଓ ନଜରଦାରି ବଢ଼ାଇବା ଆବଶ୍ୟକ। ତେବେ ଖାରିଆଗୁଡ଼ା ଫାଣ୍ଡି ଅଞ୍ଚଳରେ ଦିନଦ୍ୱିପ୍ରହରରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜୁଆ ଖେଳ ଚାଲୁଥିବା ଅଭିଯୋଗ ସତ୍ତ୍ୱେ ପୁଲିସର ପଦକ୍ଷେପ ନେଇ ପ୍ରଶ୍ନ ଉଠିଛି ।ବିଶେଷକରି ଜୁଆଡ଼ିମାନଙ୍କ ପକ୍ଷରୁ ପୁଲିସକୁ ନେଇ ଏପରି ଦମ୍ଭୋକ୍ତି କରାଯାଉଥିବା ଅଭିଯୋଗ ଆସିବା ପରେ ଏହାର ପ୍ରକୃତ ସତ୍ୟତା କ'ଣ, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ସ୍ଥାନୀୟ ମହଲରେ ଦାବି ହୋଇଛି ।ଜୁଆ ବୃଦ୍ଧି ଯୋଗୁଁ ଅପରାଧ ଆଶଙ୍କାଅଞ୍ଚଳରେ ଜୁଆ ଆଡ୍ଡା ବଢ଼ିଲେ ଏହାର ପ୍ରଭାବ ଆଇନଶୃଙ୍ଖଳା ଉପରେ ପଡ଼ିବାର ଆଶଙ୍କା ରହିଛି। ଜୁଆ ଖେଳକୁ କେନ୍ଦ୍ର କରି ବିବାଦ, ମାରପିଟ ଓ ଅନ୍ୟାନ୍ୟ ଅପରାଧୀକ କାର୍ଯ୍ୟକଳାପ ବଢ଼ିପାରେ ବୋଲି ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି। ସନ୍ଧ୍ୟା ସମୟରେ ମହିଳା ଓ ସାଧାରଣ ଲୋକଙ୍କ ଯାତାୟାତ ନେଇ ମଧ୍ୟ ଅସୁରକ୍ଷା ଭାବ ସୃଷ୍ଟି ହେଉଥିବା କିଛି ଲୋକ କହିଛନ୍ତି ।ସୁରୁଙ୍ଗୀଠାରୁ ତୁରୁବୁଡ଼ି ପର୍ଯ୍ୟନ୍ତ ଜୁଆ ଆଡ୍ଡା ସମ୍ପର୍କରେ ଆସୁଥିବା ଅଭିଯୋଗର ତଦନ୍ତ କରିବା ସହ ଆବଶ୍ୟକ ହେଲେ ସ୍ୱତନ୍ତ୍ର ପୁଲିସ ଟିମ୍ ମାଧ୍ୟମରେ ଚଢ଼ାଉ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ଜୁଆ କାରବାରକୁ ନେଇ ଫାଣ୍ଡି ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଆସୁଥିବା ଅଭିଯୋଗର ମଧ୍ୟ ନିରପେକ୍ଷ ଯାଞ୍ଚ କରିବାକୁ ଦାବି ହୋଇଛି।

ଭଉଣୀର ଚିକିତ୍ସା ପାଇଁ ବ୍ରହ୍ମପୁର ଯାଇ ବଡ଼ଭାଇ ନିଖୋଜ

ଲକ୍ଷ୍ମୀପୁର ୦୫/୧୦ (ଅକ୍ଷର ଓଡିଶା)ଭଉଣୀର ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ଯାଇଥିବା ଜଣେ ଯୁବକ ଦୀର୍ଘଦିନ ଧରି ନିଖୋଜ ରହିଥିବା ଘଟଣାକୁ ନେଇ ପରିବାରରେ ଚିନ୍ତା ବଢ଼ିଛି। ନିଖୋଜ ଯୁବକ ହେଲେ ବନ୍ଧୁଗାଁ ବ୍ଲକ ଗାରିଡି ପଞ୍ଚାୟତ ଅନ୍ତର୍ଗତ ଉତୁକାପାଡୁ ଗ୍ରାମର ବିଜୟ ପିଡିକା (୩୪) ।ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ସେପଟେମ୍ବର ୨୦ ତାରିଖରେ ବିଜୟ ତାଙ୍କ ସାନଭାଇ ସନ୍ତୋଷ ବିଡିକା (୨୨)ଙ୍କ ସହ ଭଉଣୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ମେଡିକାଲରେ ଭଉଣୀଙ୍କ ଚିକିତ୍ସା ଚାଲିଥିବା ସମୟରେ ସେପ୍ଟେମ୍ବର ୨୧ ତାରିଖ ଦିନ ପ୍ରାୟ ୨ଟା ୩୦ରୁ ବିଜୟ ହଠାତ୍ କେଉଁଆଡ଼େ ଚାଲିଯାଇଥିଲେ ।ପରେ ପରିବାର ସଦସ୍ୟ ଓ ପରିଚିତମାନେ ମେଡିକାଲ ପରିସର ସମେତ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ବିଜୟଙ୍କ କୌଣସି ସନ୍ଧାନ ମିଳିନଥିଲା। ଘଟଣା ପରେ ସାନଭାଇ ସନ୍ତୋଷ ବିଡିକା ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ତେବେ ନିଖୋଜ ହେବାର ଦୀର୍ଘଦିନ ପରେ ମଧ୍ୟ ବିଜୟଙ୍କ ସମ୍ପର୍କରେ କୌଣସି ଖବର ମିଳିନଥିବାରୁ ପରିବାର ଲୋକେ ଗଭୀର ଚିନ୍ତାରେ ରହିଛନ୍ତି। ଏନେଇ ପରିବାର ପକ୍ଷରୁ ପୁନର୍ବାର ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ।ନିଖୋଜ ବିଜୟ ପିଡିକାଙ୍କ ସମ୍ପର୍କରେ କାହାରି କୌଣସି ସୂଚନା ମିଳିଲେ ନିକଟସ୍ଥ ପୋଲିସ ଥାନାରେ ସୂଚନା ଦେଇ ୯୮୬୧୫୬୩୫୦୭ କିମ୍ବା ୯୩୪୮୧୧୨୩୭୪ ନମ୍ବରରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

ମକରଝୋଳରେ ଜନଶୁଣାଣୀ ଶିବିର



ହିଞ୍ଜିଳିକାଟୁ:୦୫/୧୦(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳି ବ୍ଲକ ମକରଝୋଳ ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ତହସିଲଦାର ସୁରଜ ବେହେରା ,ଏସଆଇ ଧରିତ୍ରୀ ବିଶ୍ୱାଳ ,ସରପଞ୍ଚ ଗଣପତି ସାହୁ,ସମିତିସଭ୍ୟ ଜି.ମୋହନ ରାଓ ଏବଂ ଏବିଡ଼ିଓ ଅରୁଣ ପ୍ରଧାନ ମଂଚାସୀନ ଥିଲେ । ପିଇଓ ଲମ୍ବୋଧର ଗୌଡ଼ ପରିଚାଳନା କରିଥିଲେ ।ସମୁଦାୟ ୨୧ଟି ଅଭିଯୋଗପତ୍ର ଗ୍ରହଣ ହୋଇଛି ।ସେଥିମଧ୍ୟରୁ ୯ ଟି ତ୍ୱରିତ ଅଭିଯୋଗ ସମାଧାନ ହୋଇଛି ।ଉନ୍ନତିକରଣ ୩, ବିଦ୍ୟୁତ ୧ ,ଭିବିଜିରାମଜି ୧ , ରାସନ କାର୍ଡ ୬, ସୁଭଦ୍ରା ୩,ଗ୍ରାମୀଣ ଆବାସ ୧ ଓ ଅନ୍ୟାନ୍ୟ ୬ ଟି ଅଭିଯୋଗ ରହିଛି ।ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ବଡ଼କୁମାରୀ ଗ୍ରାମପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

୪୩ ଟି ଅଭିଯୋଗ ମଧ୍ୟରୁ ୩୩ ଟି ଅଭିଯୋଗ ତୁରିତ୍ୱ ସମାଧାନ

ବୋଲଗଡ ୦୫/୧୦ (ଅକ୍ଷର ଓଡିଶା) ବୋଲଗଡ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଓ ବଡ଼କୁମାରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଫୁଲ କୁମାର ପ୍ରଧାନଙ୍କ ଆବାହକତ୍ୱରେ ସୋମବାରଦିନ ବଡ଼କୁମାରୀ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ଓ ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ମଣ୍ଡଳ ଉର୍ନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ,ଅତିରିକ୍ତ ବିଡିଓ ଡ଼କ୍ଟର ରତିକାନ୍ତ ମିଶ୍ର,ବଡ଼କୁମାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପରିଡା ,ଏ.ଡି.ଇ.ଓ ବ୍ରଜ କିଶୋର ପ୍ରଧାନ ଓ ବ୍ଲକର ସମସ୍ତ ବିଭାଗର କର୍ମଚାରୀମାନେ ଯୋଗଦେଇ ଲୋକମାନଙ୍କର ଆପତ୍ତି ଅଭିଯୋଗ ଶୁଣିଥିଲେ ଓ ଏହି କାର୍ଯ୍ୟକ୍ରମରେ ମୋଟ ୪୩ ଟି ଅଭିଯୋଗ ମଧ୍ୟ ରୁ ୩୩ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇ ବଳକା ୧୦ ଟିର ତଦନ୍ତ ପରେ ଶୀଘ୍ର ସମାଧାନ କରାଯିବ



ବୋଲି ସରପଞ୍ଚ ପ୍ରଫୁଲ ପ୍ରଧାନ ସମସ୍ତଙ୍କୁ ସୂଚନା ପ୍ରଦାନ କରିଥିଲେ ! ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପରିଡା ସହଯୋଗ କରି ପରିଚାଳନା କରୁଥିଲେ !

ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ କଟକ ସଦର କଂଗ୍ରେସର ପ୍ରସ୍ତୁତି ବୈଠକ

କଟକସଦର - ୫/୧୦(ଅକ୍ଷର ଓଡିଶା) ପଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନ ରେ ଆସନ୍ତା ୮ ତାରିଖ ଦିନ ମୁଖ୍ୟତଃ ଚାରି ଗୋଟି ଦାବିକୁ ନେଇ ସମଭାବାପନ୍ନ ଦଳର ମେଣ୍ଟ ଇଣ୍ଡିଆ ମେଣ୍ଟ ତରଫରୁ ଓଡ଼ିଶା ବନ୍ଦ ଡାକରା ଦିଆ ଯାଇଛି ।ଏହି ପରିପ୍ରେକ୍ଷୀରେ କଟକ ସଦର କଂଗ୍ରେସ ତରଫରୁ ଏକ ପ୍ରସ୍ତୁତି ବୈଠକ କଟକ ଲିଙ୍କ ରୋଡର ଶକ୍ତି ନଗର କଂଗ୍ରେସ ଅଫିସଠାରେ କଟକ ସଦର ବ୍ଲକ କଂଗ୍ରେସ ସଭାପତି ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇ ଅଛି ।ଉକ୍ତ ବୈଠକରେ ବିଭିନ୍ନ ବକ୍ତା ଆଲୋଚନାରେ ଭାଗ ନେଇ ବିଭିନ୍ନ ଅଞ୍ଚଳରେ ବନ୍ଦ ପୂର୍ବରୁ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କ ମଧ୍ୟରେ ଏହି ଦିଗରେ ଉତ୍ସାହ ଓ ସଚେତନତା ଜାଗ୍ରତ କରିବା ନିମନ୍ତେ ମତାମତ ପ୍ରଦାନ କରିଥିଲେ ।ଏହି ବନ୍ଦକୁ କଟକ ସଦର ନିର୍ବାଚନ ମଣ୍ଡଳୀରେ ସମ୍ପୂର୍ଣ ସଫଳ କରିବା ସହିତ ଆଗାମୀ ଦିନରେ କଂଗ୍ରେସ ସଂଗଠନ କୁ ମଜବୁତ୍ କରିବା ପାଇଁ ସମସ୍ତ ବକ୍ତା ମତ ପ୍ରକାଶ କରିଥିଲେ ।ଉକ୍ତ ବୈଠକରେ କଟକ ସଦର ନିର୍ବାଚନ ମଣ୍ଡଳୀ ନେତା ରାମଚନ୍ଦ୍ର ଗୋଚ୍ଛାୟତ,୫୮ ନମ୍ବର କଂଗ୍ରେସ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା,ଜିଲ୍ଲା କଂଗ୍ରେସ କମିଟି ର ପୂର୍ବତନ ଉପ ସଭାପତି ରାଜେଶ୍ ସ୍ୱାଇଁ,ବରିଷ୍ଠ ନେତା ନିର୍ମଳ କୁମାର ସ୍ୱାଇଁ,ନିରଞ୍ଜନ ଲେଙ୍କା,ଜିଲ୍ଲା କଂଗ୍ରେସ ର ମମତା ସିଂହ,ଉଗ୍ରସେନ ଭୂୟାଁ,ବ୍ଲକ କଂଗ୍ରେସ ଉପସଭାପତି ନିହାର ରଞ୍ଜନ ନନ୍ଦ,ଜୋନ ସଭାପତି ସଏଦ୍ ସର୍ଦ୍ଦାର ଅଲ୍ଲୀ,ରଜନୀ କାନ୍ତ ବସ୍ତିଆ, ଆଡଭୋକେଟ୍ ଶତ୍ରୁଘ୍ନ ଦାସ,ତନ୍ମୟ ପରିଜା,ଜୟନାରାୟଣ ତ୍ରିପାଠୀ,ସ୍ୱପ୍ନ କୁମାର ସ୍ୱାଇଁ, ଇଲୁ ସିଂହ,ନଜମର ହୁସେନ ଖାଁ,ହେମନ୍ତ କୁମାର ମହାପାତ୍ର,ଅନନ୍ତ ପରିଡା,ଋଷି କାଣ୍ଡି,ତ୍ରିଲୋଚନ ଭୋଇ ଯୋଗ ଦେଇ ଥିଲେ ।ଶେଷରେ ବରିଷ୍ଠ ସଦସ୍ୟ ଦିଲୀପ ବାରିକ ଧନ୍ୟବାଦ୍ ପ୍ରଦାନ କରିଥିଲେ।

ଆସିକା ଚିନିଶିଳ୍ପ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଆସିକା, ୦୫/୧୦:(ଅକ୍ଷର ଓଡିଶା) ଆସିକା ସମବାୟ ଚିନିଶିଳ୍ପ ଲିଃ ପକ୍ଷରୁ କର୍ମଚାରୀ ଓ ଶ୍ରମିକମାନଙ୍କ ପାଇଁ ପ୍ରଥମଥର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସୋମବାର କୃଷକ ଭବନ ପରିସରରେ ଆୟୋଜିତ ହୋଇଛି। ସକାଳ ୧୦.୩୦ରେ ଚିନିଶିଳ୍ପ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ପଣ୍ଡା ଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ।ଶୁଭମ ଡାଏଗନଷ୍ଟିକ ପକ୍ଷରୁ ଅଭିଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚାରିଦିନ ଧରି ଏହି ଶିବିର ଚାଲିବ। ଡଃ ଶଶିଭୂଷଣ ନେପାକଙ୍କ ତତ୍ତ୍ୱାବଧାନରେ ମୋଟ ୩୪୦ ଜଣ କର୍ମଚାରୀ ଓ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଥିରେ ନିୟମିତ, ଘଗଜ ଓ ବାହ୍ୟ ଠିକା କର୍ମଚାରୀମାନେ ଉପକୃତ ହେବେ।କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ଗୁରୁତ୍ୱ ଦେଇ ଚିନିଶିଳ୍ପ ପକ୍ଷରୁ ଏହି ଶିବିରର ସମସ୍ତ ଆବଶ୍ୟକୀୟ ଖର୍ଚ୍ଚ ବହନ କରାଯାଉଛି। ପ୍ରଥମଥର ପାଇଁ ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିବାରୁ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ବୈଜଲପୁରରୁ ସୁକ୍ନୀମୁଣ୍ଡା ଆରଡି ରାସ୍ତା କାର୍ଯ୍ୟ ପାଇଁ ପୁଣି ଡ଼ମ୍ବ ସମାଜ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି



କଳାହାଣ୍ଡି/୫/୧୦/(ଅକ୍ଷର ଓଡ଼ିଶା)ବୈଜଲପୁରରୁ ସୁକ୍ନିମୁଣ୍ଡା ପ୍ରାୟ ଦୁଇ କିଲୋ ମିଟର ରାସ୍ତା ବିପଦ ସଙ୍କୁଳ ଅବସ୍ଥାରେ ରହିଛି, ଏହି ରାସ୍ତାରେ ମୁଖ୍ୟମନ୍ତ୍ରୀ ବସରେ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ହାଇସ୍କୁଲ କଲେଜ ଛାତ୍ରଛାତ୍ରୀ, ଖମାରହଲଦି, ଚିଚୀଆ,ପଣ୍ଡକୁଲ, ଦଶପୁର, ଧାମନ ପୁରରୁ ବୈଜଲପୁରରୁ ଖଲିଆ କାନି, ନକଟିକାନି ଗୋଲାମୁଣ୍ଡା ଦେଇ ବସ ଯିବା ଆସିବା କରିଥାଏ, ହେଲେ ଦୁଃଖର ବିଷୟ ଯେ , ଲଘୁଚାପ ଜନିତ ବର୍ଷାରେ ଗାତ ସୃଷ୍ଟି ହୋଇଛି ହେତୁ ମୁଖ୍ୟମନ୍ତ୍ରୀ ବସ ସେବା ବାଧପ୍ରାପ୍ତ ହେତୁ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବୈଜଲପୁରରୁ ସୁକ୍ନୀମୁଣ୍ଡା ରାସ୍ତା ପିଚୁ କାର୍ଯ୍ୟ କରିବା ପାଇଁ ଡମ୍ବ ସମାଜ ବିକାଶ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ କରିଛନ୍ତି, ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସୁକ୍ନୀ ମୁଣ୍ଡା ଚଡଉ ରାସ୍ତା ଠାରୁ ଧାମନପୁର ଭାୟା ବୈଜଲ ପୁର, ବୋରଗୁମା ପର୍ଯ୍ୟନ୍ତ ପ୍ରାୟ ୮,୮୦ କିଲୋମିଟର ପାଇଁ ଅଟକଳ ପରିମାଣ ୬୫୪କୋଟି ୬୫ଲକ୍ଷ ର ଅନୁଦାନ ରାଶି ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଦ୍ୱାରା କାର୍ଯ୍ୟ ସମ୍ପାଦନ କରିବା ପାଇଁ ଠିକାଦାର ଏମ୍ ଏସ ରଞ୍ଜିତ କନଷ୍ଟ୍ରକଙ୍କୁ ଦ୍ୱାରା ଗତ ତା ୨୮/୮/୨୦୨୪ ରେ ଆରମ୍ଭ କରି ତା ୨୭/୮/୨୦୨୫ ସୁଦ୍ଧା ସମ୍ପାଦନ କରିବା ପାଇଁ ସରକାରଙ୍କ ପକ୍ଷରୁ ଦାୟିତ୍ୱ ଦେଇ ଥିବା ବେଳେ ପର୍ଯ୍ୟନ୍ତ କାମ ସମାପ୍ତ ହୋଇ ପାରି ନାହିଁ, କେବଳ ବୋରଗୁମାରୁ ବୈଜଲ ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋ ମିଟର ପିଚୁ କାର୍ଯ୍ୟ ହୋଇ ଥିବା ବେଳେ ଏକ ବର୍ଷ ଉର୍ଦ୍ଧ ହେଉଛି ଜମି ବିବାଦ ମାମଲାରେ ବାକି ହାରା ହାରି ଛଅ କିଲୋ ମିଟର ପିଚୁ କାର୍ଯ୍ୟ ଠପ୍ ହୋଇଯାଇଛି, ସୁକ୍ନିମୁଣ୍ଡା ଗ୍ରାମର ଜୈନିକ ବ୍ୟକ୍ତି ଙ୍କ ଜମି ବିବାଦ ମାମଲାରେ ପ୍ରାୟ ଦୁଇ କିଲୋ ମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଦାବି ହୋଇଛି, ହେଲେ ବାକି ଯେଉଁ ରାସ୍ତା ବୈଜଲପୁର ସୁକ୍ନିମୁଣ୍ଡ ଛକ (ରାଜୀବ ଉଚ୍ଚ ବିଦ୍ୟାଳୟ) ଛକ ପର୍ଯ୍ୟନ୍ତ ପିଚୁ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଲୋକେ ଓ ଜନ ସଂଗ୍ରାମ ସମିତି ତଥା ଛାତ୍ର ଛାତ୍ରୀଙ୍କ ଅଭିଭାବକ ପକ୍ଷରୁ ଗଣ ମାଧ୍ୟମ ପକ୍ଷରୁ ଆରଡି ବିଭାଗ ଅଧିକାରୀ ଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ, ଏ ନେଇ ଧର୍ମଗଡ ଉପ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଥିଲେ, ହେଲେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଠାରୁ ବିଭାଗୀୟ ଅଧିକାରୀ ଦରଖାସ୍ତ ଗ୍ରହଣ କରି କିଭଳି ପଦକ୍ଷେପ ଗ୍ରହଣ କରି ପିଚୁ କାର୍ଯ୍ୟ କେବେ ହେବ ତାହା ଅଞ୍ଚଳବାସୀ ଅପେକ୍ଷାରେ ରହିଛି ବୋଲି ବୁଦ୍ଧି ଯିବି ମହଲରେ ଆଲୋଚନା ଜୋର ହେଉଛି, ଯଦିଓ ବିଭାଗିୟ ଅଧିକାରୀଙ୍କ ପ୍ରତିଶୃତି ବିଫଳ ଦେଖା ଦିଏ ତେବେ ଆଗାମି ଦିନରେ ତୀବ୍ର ଅସନ୍ତୋଷ ଦେଖାଦେବ ବୋଲି ଉଲ୍ଲେଖିତ ଦିଆଯାଇଛି, ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ ଡମ୍ବ ସମାଜ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତି, ଉଦିଆ ନିଆଲ, ଭାଗ୍ୟବାନ ବାଗ, କପୁରଚନ ସେଠୀଆ,ଭୁବନେ ସୁନାନି, ହରିଶଙ୍କର ନିଆଲ, ସନ୍ତୋଷ ସୁନାନି, ପ୍ରମୁଖ ଯୋଗ ଦେଇଥିଲେ ।

ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟ ଅନୁଷ୍ଠିତ

ଆଠମଲ୍ଲିକ,୫/୧୦(ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଦୁର୍ଗା ବଜାରରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ପାରମ୍ପରିକ ରୀତିନୀତି ଓ ବିଧିବିଧାନ ଅନୁଯାୟୀ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜା କମିଟି ପକ୍ଷରୁ ପୁରୋହିତଙ୍କ ମନ୍ତ୍ରୋଚ୍ଚାରଣ ଓ ପୂଜାର୍ଚ୍ଚନା ମଧ୍ୟରେ ମାଟି ସଂଗ୍ରହ କରାଯାଇ ମା' ହରଗୌରୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣର ଶୁଭାରମ୍ଭ କରାଯାଇଛି। ମାଟି ଅନୁକୂଳ କାର୍ଯ୍ୟକ୍ରମ ପରେ ପୂଜା ପାଇଁ ଆବଶ୍ୟକ ବିଭିନ୍ନ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଛି। ପ୍ରତିମା ନିର୍ମାଣ ଠାରୁ ଆରମ୍ଭ କରି ପୂଜା ମଣ୍ଡପ ସଜ୍ଜା, ଆଲୋକୀ କରଣ ଓ ଶ୍ରଦ୍ଧାଳୁଙ୍କ ସୁବିଧା ଆଦି ବିଷୟରେ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦୁର୍ଗା ବଜାରରେ ପ୍ରତିବର୍ଷ ଭକ୍ତି ଓ ଉତ୍ସାହର ସହ ମା'ଙ୍କ ପୂଜା ପାଳନ କରାଯାଉ ଥିବାରୁ ଚଳିତବର୍ଷ ମଧ୍ୟ ଏହାକୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ପକ୍ଷରୁ ପ୍ରୟାସ ଜାରି ରହିଛି ।ଏହି ଅବସରରେ ପୂଜା କମିଟିର ସଭାପତି ଅନିଲ କୁମାର ସାହୁ, ସମ୍ପାଦକ ଚନ୍ଦନ ସାହୁ, କର୍ତ୍ତା ସୁନୀଲ କୁମାର ସାହୁ, ପୁରୋହିତ କେଶବ ଚନ୍ଦ୍ର ଶତପଥୀ ଙ୍କ ସମେତ ସରୋଜ



ପ୍ରଧାନ, ଜାମେଶ୍ୱର ଶତପଥୀ,, ଚିତ୍ତରଞ୍ଜନ ସାହୁ, ନବୀନ ବେହେରା ବିଶ୍ୱନାଥ ବାରିକ, ବବିତା ବେହେରା ଓ ରୁଦ୍ର ପ୍ରଧାନଙ୍କ ସମେତ ପୂଜା କମିଟିର ଅନ୍ୟ ସଦସ୍ୟ ଏବଂ ସ୍ଥାନୀୟ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।ମାଟି ଅନୁକୂଳ ସହ ଦୁର୍ଗା ବଜାର ପୂଜା କମିଟିର ଚଳିତବର୍ଷର ଦୁର୍ଗାପୂଜା ପ୍ରସ୍ତୁତି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଆଗାମୀ ଦିନରେ ମା' ହରଗୌରୀଙ୍କ ପୂଜାକୁ ଶ୍ରଦ୍ଧା, ଭକ୍ତି ଓ ଶୃଙ୍ଖଳାର ସହ ପାଳନ କରିବା ପାଇଁ କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

ରାୟଗଡ଼ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ରାୟଗଡ଼ ୫/୧୦/ (କୈଳାସ ସ୍ୱାଇଁ)ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବନ ବିଭାଗର ଅଧିକାରୀ ସଚିନ୍ ଆନ୍ନା ସାହେବଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିଶ୍ୱମ୍ଭର କୁମାର ବେହେରା, ଉପ ଜିଲ୍ଲାପାଳ ରାୟଗଡ଼ ସୁଶ୍ରୀ ମୃଣାଳିକା ରାଠୋଡ଼, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ମୋଟ ୮୭ଟି ଅଭିଯୋଗ ପଞ୍ଜିକୃତ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୬୫ ଏବଂ ୧୯ ଟିସାମୁହିକ ଅଭିଯୋଗ ଶୁଣାଣି କରାଯାଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ରେଡକ୍ରୋସ ପାଣ୍ଠିରୁ ୩ଜଣଙ୍କୁ ୨୫ ହଜାର ଟଙ୍କା ଆବଶ୍ୟକୀୟ ବ୍ୟକ୍ତିଙ୍କୁ ପ୍ରଧାନ କରାଯଇଥିବାବେଳେ ୧୦ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

କୋଶଳାଶୁଣୀ ପୀଠରେ ସହସ୍ର କୁମ୍ଭ ଯାତ୍ରା

ଷୋହଳ ଦିନାତ୍ମକ ଷୋଳପୂଜା ଆରମ୍ଭ

ବୋଲଗଡ଼ ୫/୧୦ (ଅକ୍ଷର ଓଡିଶା):ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଆରିକମାସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' କୋଶଳାଶୁଣୀଙ୍କ ପୀଠରେ ପବିତ୍ର ଷୋହଳ ପୂଜା ମହା ଆଡମ୍ବରରେ ଆରମ୍ଭ ହୋଇଛି ।ପରମ୍ପରା ଅନୁଯାୟୀ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଅର୍ଥାତ୍ ମୂଳାଷ୍ଟମୀ ଠାରୁ ଶୁକ୍ଳପକ୍ଷ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ଦିନ ଧରି ଏହି ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ ।ଏହି ଅବସରରେ ଶହ ଶହ ଶ୍ରଦ୍ଧାଳୁଙ୍କ ସହସ୍ର କଳସ ଯାତ୍ରା ଓ ଗ୍ରାମ ପରିକ୍ରମା ଶୋଭାଯାତ୍ରାରେ ପୁରା ଆରିକମା ଭକ୍ତିମୟ ହୋଇ ଉଠିଥିଲା। ବାଦ୍ୟ, ସଙ୍କୀର୍ତ୍ତନ ସହ ମା'ଙ୍କୁ ବିଜେ କରାଇ କୋଠିରେ ସ୍ଥାପନ କରାଯାଇଛି। ମୁଖ୍ୟ ପୂଜକ ରବୀନ୍ଦ୍ର ନାଥ ମହାପାତ୍ର ମା'ଙ୍କ ମାର୍ଜନା ଓ ନିତ୍ୟ ପୂଜାର୍ଚ୍ଚନା କରୁଛନ୍ତି ।ମୁଖ୍ୟ ପୁରୋହିତ ପଣ୍ଡିତ ଶରତ ଚନ୍ଦ୍ର ଦାଶ ଶର୍ମା ଓ ସୋମନାଥ ପଣ୍ଡିତଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଷୋଡ଼ଶ ଉପଚାର ପଦ୍ଧତିରେ ସଂକଳ୍ପ ପୂର୍ବକ ପୂଜା ଆରମ୍ଭ ହୋଇଛି। ଗ୍ରାମର ସେବାୟତ କାହ୍ନୁ ମହାପାତ୍ରଙ୍କୁ ଷୋଳ ଦିନ ପାଇଁ ଡୋରି ବାନ୍ଧି ବ୍ରତଧାରୀ କରାଯାଇଛି ।ଏହି ପବିତ୍ର କାର୍ଯ୍ୟକ୍ରମରେ ଆରିକମା ଗ୍ରାମର ସମସ୍ତ ଶ୍ରଦ୍ଧାଳୁ, ଯୁବକ ବୃନ୍ଦ ଓ ମା'ଙ୍କ ଭକ୍ତମାନେ ସହଯୋଗ କରିଥିଲେ।

ଶିକ୍ଷୟିତ୍ରୀଙ୍କ ବିଳମ୍ବ ପାଇଁ ବିଦ୍ୟାଳୟ ବାରଣ୍ଡାରେ ବସିଲେ ଛାତ୍ର

ରାଜନଗର,୦୫/୧୦(ଅକ୍ଷର ଓଡ଼ିଶା)ସରକାର ଛାତ୍ର ଛାତ୍ରୀ ଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ସରକାରୀ ଶିକ୍ଷକ ମାନଙ୍କୁ ମୋଟା ଅଙ୍କର ଦରମା ଦେଉଛନ୍ତି। ଦେଶର ଭବିଷ୍ୟତ ମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହିତ ଅନୁଶାସନ,ସମୟାନୁବର୍ତ୍ତିତ ଶିଖାଇବାକୁ ସରକାର ଶିକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷକ ନିଜର ଆଚାର ବ୍ୟବହାର ଓ କର୍ତ୍ତବ୍ୟ ଦ୍ୱାରା ଛାତ୍ର ଛାତ୍ରୀ ଙ୍କ ଧ୍ୟାନ ଆକର୍ଷଣ କରୁଥିବା ନଜର ମଧ୍ୟ ଆସିଥାଏ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରାବଣେଶ୍ୱର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯମୁନା ଟୁଡୁ ସରକାରୀ ନିୟମକୁ ଉଲଂଘନ କରି ନିଜ ମନମୁଖୀରେ ବିଦ୍ୟାଳୟ ଆସିବା ସହିତ ମନମୁଖୀରେ ବିଦ୍ୟାଳୟର ତାଲା ଖୋଲୁଛନ୍ତି। ଫଳରେ ଛାତ୍ରଛାତ୍ରୀ ଘଣ୍ଟା ଘଣ୍ଟା ଧରି ବିଦ୍ୟାଳୟ ଖୋଲା ହେବାକୁ ନେଇ ବିଦ୍ୟାଳୟ ବାରଣ୍ଡାରେ ବସୁଛନ୍ତି। ଯେଉଁଠି ନିୟମ ରହିଛି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପ୍ରଥମେ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀ ଆସିବା ପୂର୍ବରୁ ବିଦ୍ୟାଳୟର ତାଲା ଖୋଲିବା କଥା ସେଠି ଛାତ୍ରଛାତ୍ରୀ ପ୍ରଥମେ ଯାଇ ବିଦ୍ୟାଳୟର ତାଲା ଖୋଲାକୁ ଅପେକ୍ଷା କରୁଛନ୍ତି କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀ ଯମୁନା ଟୁଡୁ ସରକାରୀ ସମୟକୁ ବେଖାତିର କରି ନିଜ ମନମୁଖୀ ବିଦ୍ୟାଳୟ ଖୋଲୁଛନ୍ତି। ଖାଲି ଏତିକି ନୁହେଁ ଛାତ୍ର ଛାତ୍ରୀ ଙ୍କୁ ପଠା ପଢା ଛାଡି ମୋବାଇଲ ଫୋନରେ ରିଲ କରୁଥିବା ଅବିଭାବକ ଅଭିଯୋଗ ମଧ୍ୟ ଆଣିଛନ୍ତି। ତେବେ ଏହି ସବୁ ସମସ୍ୟା ଯୋଗୁଁ ଅନେକ ଗରିବ ଶ୍ରେଣୀର ପିଲାମାନେ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଉ ନାହାଁନ୍ତି। ଆଗାମୀ ପିଢ଼ି ସରକାରୀ ବିଦ୍ୟାଳୟକୁ ପ୍ରତ୍ୟାଖାନ କରି ବାଧ୍ୟ ହୋଇଛି ଅଧିକ ଖର୍ଚ୍ଚାନ୍ତ ହୋଇ ନିଜର ଭବିଷ୍ୟତ ପାଇଁ ବେସରକାରୀ ବିଦ୍ୟାଳୟରେ ପାଠ ପଢିବା ପାଇଁ ଅବିଭାବକ କହିଛନ୍ତି।

୭ ରେ ବିଜେଡି ପକ୍ଷରୁ ପଦଯାତ୍ରା ହେବା ଲାଗି ପ୍ରସ୍ତୁତି


ନିମାପଡା ୫. ୧୦. (ଅକ୍ଷର ଓଡିଶା)ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ରୁ ନଭେମ୍ବର ୨ ପର୍ଯ୍ୟନ୍ତ ପଦଯାତ୍ରା ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି.. ଏହି ପରିପ୍ରେକ୍ଷୀରେ ନିମାପଡା ବିଜେଡି ନେତା ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ପଦଯାତ୍ରା ହେବା ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା.ରାଜ୍ୟରେ ବିଜେପି ସରକାର ଦେଶ କୁ ନଷ୍ଟ କରିସାରିଲେଣି ଡବଲ ଇଞ୍ଜିନ ସରକାର କହି ଲୋକଙ୍କୁ ଭୁଆଁ ବୁଲାଉଛି. ଦେଶ ବର୍ତ୍ତମାନ ରଣ ଯନ୍ତା ରେ ତେଣୁ ଏବେ ସମୟ ଆସିଛି ପରିବର୍ତ୍ତନ କରିବାର. ତେଣୁ ସମସ୍ତେ ବିଜେଡି ର ହାତ ମୁଠା କୁ ଟାଣ କରି ଆଗାମୀ ପଂଚାୟତ ନିର୍ବାଚନ ରେ ବିଜେଡି ର ସମସ୍ତ ସରପଞ୍ଚ ସମିତି ସଭ୍ୟ /ସଭ୍ୟା ଙ୍କୁ ଜିତାଇବା ସହ ପଂଚାୟତ ସମିତି ଦଖଲ କରିବା କୁ ସଂକଳ୍ପ ନେବା ଏଟି ଗୁରୁତ୍ୱ ପୂର୍ଣ୍ଣ ବୋଲି ଦାୟିତ୍ୱରେ ଥିବା କର୍ମୀ ମାନେ କହିଥିଲେବିଜେପି ସରକାର ଙ୍କ ବିଫଳତା ଓ ମିଥ୍ୟା ପ୍ରତିଶୃତି କୁ ଗାଁ ଗାଁ ରେ ପହଞ୍ଚାଇବାପାଇଁ ବିଜେଡିଯୋଜନା କରିଛି..ଏବେ ଠାରୁ ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ବିଭିନ୍ନ ପଂଚାୟତ ଗୁଡିକ ରେ ପଦ ଯାତ୍ରା ହେବ. ଏହି ପଦଯାତ୍ରା ନିମାପଡା ବ୍ଲକ ର ହରିପୁର ଠାରୁ ବାହାରି ପ୍ରତି ଛକ ରେ ଲୋକ ମାନଙ୍କୁ ଉଦବୋଧନ ଦେଇ ନିମାପଡା ରେ ପହଁଚିବେ. ନିମାପଡା ଓ ଗୋପ ବ୍ଲକ ର ୪୬ ଟି ପଂଚାୟତ ରୁ ପ୍ରାୟ ଏକ ହଜାର କର୍ମୀ ସାମିଲି ହେବେ ବୋଲି ଯୁବ ନେତା ପ୍ରକାଶ ତ୍ରିପାଠୀ, ପଦ୍ମ ନାଭ ବାରିକ ତପନ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି. ଗତ ୨୦୨୪ ସାଧାରଣ ନିର୍ବାଚନରେ ଶ୍ରୀ ନାୟକ ୯୦ ହଜାର ଭୋଟ ପାଇଥିଲେ. ଏବେ ପଂଚାୟତ ନିର୍ବାଚନ ରେ କିପରି ଦଳ ଦୁଇଟି ଯାକ ବ୍ଲକ ଦଖଲ କରିବ ସେଥିଲାଗି ରଣ ନୀତି ପ୍ରସ୍ତୁତ ହେଉଥିବା ତ୍ରିପାଠୀ କହିଛନ୍ତି ।

କାଇପଦର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଖୋର୍ଦ୍ଧା,-୦୫/୧୦(ଅକ୍ଷର ଓଡିଶା) : ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର କ୍ଲଷ୍ଟରର ଚତୁର୍ଥ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଶନିବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଟପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ୭ଟି ଏଫ୍.ଏଲ୍.ଏନ୍. ବିଦ୍ୟାଳୟର ମୋଟ ୧୫ ଜଣ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ବ୍ଲକର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ଲକ୍ଷ୍ମୀପ୍ରିୟା ନାୟକ ଏବଂ ଏମ.ଆଇ.ଏସ୍. ପବିତ୍ର କୁମାର ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀମତୀ ନାୟକ ତୃଣମୂଳ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଭାଷା ଓ ସଂଖ୍ୟା ଜ୍ଞାନରେ କିପରି ସୁଦୃଢ଼ କରାଯାଇପାରିବ, ସେନେଇ ଗୁରୁତ୍ୱାରୋପ କରିଥିଲେ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡ଼ା, -୦୫/୧୦(ଅକ୍ଷର ଓଡିଶା) ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ଦାଶ ସାଇକେଲ୍‌ରେ ଶିବିରସ୍ଥଳରେ ପହଞ୍ଚି ଉପସ୍ଥିତ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୯୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।



ଏଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ, ୮ଟି ଗୋଷ୍ଠୀଗତ ଏବଂ ଗୋଟିଏ ରେଡକ୍ରସ୍ ରହିଥିଲା ।ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା। ବିଚାରାଧୀନ ଅଭିଯୋଗଗୁଡ଼ିକର ତ୍ୱରିତ ନିଷ୍ପତ୍ତି ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା ।ଶିବିର ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ରେଡକ୍ରସ୍ ପାଣ୍ଠିରୁ ସାବିତ୍ରୀ ହଂସଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଇଶାନୀ ମିତ୍ର, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ରୋଶନ ଜେନା ଏବଂ ନୂଆପଡ଼ା ବିଡିଓ ରୋହିତ ଭୋଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

ମଙ୍ଗଳବାର ୦୬।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ସଫଳତାର ସହ ଉଦ୍‌ଯାପିତ ହେଲା ୨୩ତମ ଜାତୀୟ MTB ସାଇକ୍ଲିଂ ଚାମ୍ପିଅନଶିପ୍



ପାରଳାଖେମୁଣ୍ଡି, ୦୫/୧୦ (ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାର ମହେନ୍ଦ୍ରଗିରିସ୍ଥିତ କୋଇନପୁର ଗ୍ରାମରେ ଗତ ଚାରି ଦିନ ଧରି ଚାଲିଥିବା ୨୩ତମ ଜାତୀୟ MTB ସାଇକ୍ଲିଂ ଚାମ୍ପିଅନଶିପ୍ ୨୦୨୬ ଆଜି ସଫଳତାର ସହ ସମାପ୍ତ ହୋଇଛି। ମହେନ୍ଦ୍ରଗିରିର ଦୁର୍ଗମ ଓ ଚ୍ୟାଲେଞ୍ଜିଂ ପାହାଡ଼ିଆ ଟ୍ରାକ୍‌ରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସାଇକ୍ଲିଷ୍ଟମାନେ ନିଜର ଦକ୍ଷତା, ସାହସ ଓ ସହନଶୀଳତାର ଚମତ୍କାର ପ୍ରଦର୍ଶନ କରିଥିଲେ। ଅନ୍ତିମ ଦିନର କାର୍ଯ୍ୟକ୍ରମରେ ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଓଡ଼ିଶା ସରକାରଙ୍କ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ, IAS ଉପସ୍ଥିତ ରହି କ୍ରୀଡ଼ାବିତ୍ମାନଙ୍କୁ ଉତ୍ସାହିତ କରିଥିଲେ।ଚାମ୍ପିଅନଶିପ୍‌ର ସାମଗ୍ରିକ ଫଳାଫଳରେ ତାମିଲନାଡୁ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୫ଟି କାଂସ୍ୟ ସହ ମୋଟ ୧୪ଟି ପଦକ ଜିତି ଚାମ୍ପିଅନ୍ ହୋଇଛି। କର୍ଣ୍ଣାଟକ ୩ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୫ଟି କାଂସ୍ୟ ସହ ୧୩ଟି ପଦକ ପାଇ ରନର୍ସ-ଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୧ଟି କାଂସ୍ୟ ସହ ତୃତୀୟ ସ୍ଥାନ ହାସଲ କରିଛି।ବ୍ୟକ୍ତିଗତ ପ୍ରଦର୍ଶନରେ ତାମିଲନାଡୁର ମେନ୍ ଜୁନିୟର ସାଇକ୍ଲିଷ୍ଟ ଆଣ୍ଟୋନି ରାଜଙ୍କୁ Best Men Cyclist ଭାବେ ଚୟନ କରାଯାଇଛି। ସେ ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଥିଲେ। ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଏହି ଜାତୀୟ ଆୟୋଜନ ପ୍ରତି ତାଙ୍କର ସମର୍ଥନ ଓ ସହଯୋଗ ପାଇଁ ବିଶେଷ କୃତଜ୍ଞତା ଜଣାଉଛି। ସେହିପରି ମହାରାଷ୍ଟ୍ରର ମହିଳା ଏଲିଟ୍ ସାଇକ୍ଲିଷ୍ଟ ଶ୍ରୀମତୀ ପ୍ରଣିତା ସୋମନ୍‌ଙ୍କୁ Best Women Cyclist ଭାବେ ସମ୍ମାନିତ କରାଯାଇଛି। ସେ ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ସହ XCEରେ ଅତିରିକ୍ତ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାମିଲନାଡୁ ଦଳକୁ Best Fair Play Team ଭାବେ ଚୟନ କରାଯାଇଛି।ଏହି ଚାରି ଦିନିଆ ଜାତୀୟ ଚାମ୍ପିଅନଶିପ୍‌କୁ ସଫଳ କରିବାରେ ସହଯୋଗ କରିଥିବା ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସମସ୍ତ ସଦସ୍ୟ, ବୈଷୟିକ ଅଧିକାରୀ ଓ ଆୟୋଜକ କମିଟିଙ୍କୁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି।ଏଥିସହ କୋଇନପୁର ଗ୍ରାମପଞ୍ଚାୟତର ସମସ୍ତ ସଦସ୍ୟ ଓ ଗ୍ରାମବାସୀ, ରେଡ୍ କ୍ରସ୍ ଟିମ୍, ଜିଲ୍ଲା ପ୍ରଶାସନ, ପୋଲିସ୍ ବିଭାଗ, ଚିକିତ୍ସା ଦଳ, ଅଗ୍ନିଶମ ବାହିନୀ, ମାର୍ଶାଲ୍, ସ୍ୱେଚ୍ଛାସେବୀ ଏବଂ ସମସ୍ତ ସହଯୋଗୀ ଦଳଙ୍କ ନିଷ୍ଠା ଓ ସହଯୋଗ ପାଇଁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ବିଶେଷ କୃତଜ୍ଞତା ଜଣାଉଛି। ମହେନ୍ଦ୍ରଗିରିର ମାଟିରେ ଚାରି ଦିନ ଧରି ଚାଲିଥିବା ଏହି ଜାତୀୟ ସାଇକ୍ଲିଂ ମହାକୁମ୍ଭ ଏକ ସ୍ମରଣୀୟ ଅଧ୍ୟାୟ ଛାଡ଼ି ଯାଇଛି। କ୍ରୀଡ଼ାବିତ୍‌ଙ୍କ ରୋମାଞ୍ଚକର ପ୍ରଦର୍ଶନ, ଗ୍ରାମବାସୀଙ୍କ ଆତିଥ୍ୟ ଏବଂ ସମସ୍ତଙ୍କ ମିଳିତ ପ୍ରୟାସ ଏହି ଚାମ୍ପିଅନଶିପ୍‌କୁ ସଫଳ କରିଛି।

ଏସୀୟ କ୍ରୀଡ଼ା ଉଦ୍‌ଯାପିତ

ଜାପାନ ବାଣ୍ଟିଲା ‘ଏକ ଏସିଆ’ ଭାବନା


ନାଗୋୟା, ୦୫/୧୦ : ଜାପାନୀ ସଂସ୍କୃତି ଓ ପରମ୍ପରାର ରଙ୍ଗାରଙ୍ଗ ପ୍ରଦର୍ଶନ ସହ ରବିବାର ଉଦ୍‌ଯାପିତ ହୋଇଯାଇଛି ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ। ଆଇଚି-ନାଗୋୟାର ମିଜୁହୋ ପାର୍କ ଆଥ୍ଲେଟିକ୍ ଷ୍ଟାଡିୟମ୍‌ରେ ଆୟୋଜିତ ୯୦ ମିନିଟ୍‌ର ଉଦ୍‌ଯାପନୀ ଉତ୍ସବରେ ଜାପାନର ସଙ୍ଗୀତ, ନୃତ୍ୟ ଓ ରକମ ରକମ ଆଲୋକମାଳାର ଆଖି ଝଲସେଇ ଦେଲା ଭଳି ପ୍ରଦର୍ଶନ ଥିଲା ଏହି ଉତ୍ସବର ମୁଖ୍ୟ ଆକର୍ଷଣ। ଦୁଇ ସପ୍ତାହରୁ ଅଧିକ ସମୟ ଧରି ଆୟୋଜିତ ଏଥରର ଏସୀୟ କ୍ରୀଡ଼ାରେ ୩୫୦ରୁ ଅଧିକ ଏସିଆଡ୍ ରେକର୍ଡ ଭାଙ୍ଗିଥିବା ବେଳେ ୫୦ରୁ ଅଧିକ ବିଶ୍ୱରେକର୍ଡ ସ୍ଥାପିତ ହୋଇଛି। ଚୀନ୍ ୧୬୯ ସ୍ୱର୍ଣ୍ଣ, ୮୯ ରୌପ୍ୟ ଓ ୮୩ କାଂସ୍ୟ ସହ ମୋଟ ୩୪୧ ପଦକ ଜିତି ଲଗାତାର ୧୨ତମ ଥର ପାଇଁ ପଦକ ତାଲିକାର ଶୀର୍ଷରେ ରହିଛି। ଜାପାନ ୨୬୯ ପଦକ ସହ ଦ୍ୱିତୀୟ ଓ ଦକ୍ଷିଣ କୋରିଆ ୧୫୦ ପଦକ ସହ ତୃତୀୟ ସ୍ଥାନରେ ରହିଛି। ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ ପଦକ



ଜିତି ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ରବିବାରର ଉଦ୍‌ଯାପନୀ ଉତ୍ସବରେ ଭାରତର ପତାକାଧାରୀ ଥିଲେ ଟ୍ରାପ୍ ଶୁଟର ନୀରୁ ଧାଣ୍ଡା। ପ୍ରାୟ ୩୦ ଭାରତୀୟ କ୍ରୀଡ଼ାବିତ୍ ଓ ଅଧିକାରୀ ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଏସୀୟ କ୍ରୀଡ଼ା ପରିଷଦ (ଓସିଏ) ଅଧ୍ୟକ୍ଷ ଶେଖ୍ ଜୋଆନ୍ ବିନ୍ ହମାଦ ଅଲ୍ ଥାନି ଆଇଚି-ନାଗୋୟା ଏସୀୟ କ୍ରୀଡ଼ାର ସମାପ୍ତି ଘୋଷଣା କରିଥିଲେ। ଏହାପରେ ୨୦୩୦ ଏସୀୟ କ୍ରୀଡ଼ାର ଆୟୋଜକ ଦୋହାକୁ ଓସିଏ ପତାକା ହସ୍ତାନ୍ତର କରାଯାଇଥିଲା। କାତାରର ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ୍ ହାଇଜମ୍ପର ମୁତାଜ ବାର୍ଶିମ୍ ଏହି ହସ୍ତାନ୍ତର କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ। ‘ୱାନ୍ ଏସିଆ’ ବା ‘ଏକ ଏସିଆ’ ଭାବନାକୁ ଆଧାର କରି ଆୟୋଜିତ ଉଦ୍‌ଯାପନୀରେ ଜାପାନର ପାରମ୍ପରିକ ‘ବୋନ୍-ଓଡୋରି’ ନୃତ୍ୟ ସହ ନାଗୋୟାର ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଥିଲା। ଆଲୋକ, ସଙ୍ଗୀତ ଓ ନୃତ୍ୟର ମନୋରମ ପ୍ରଦର୍ଶନ ସହ ଏହି କ୍ରୀଡ଼ା ମହାକୁମ୍ଭର ପରିସମାପ୍ତି ଘଟିଥିଲା। ଏସୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଦଳର ପତାକା ବାହକ ହୋଇଥିଲେ ଟ୍ରାପ୍ ସୁଟର ନୀରୁ ଧାଣ୍ଡା। ରବିବାର ନାଗୋୟାସ୍ଥିତ ପାଲୋମା ମିଜୁହୋ ଷ୍ଟାଡିୟମ୍‌ରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସେ ତ୍ରିରଙ୍ଗା ଧରି ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ୨୭ ବର୍ଷୀୟ ନୀରୁ ଏଥର ଏସୀୟ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରି ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୩ଟି ପଦକ ଜିତିଛନ୍ତି। ମହିଳା ବ୍ୟକ୍ତିଗତ ଟ୍ରାପ୍‌ରେ ସ୍ୱର୍ଣ୍ଣ ଜିତି ସେ ଏସୀୟ କ୍ରୀଡ଼ାରେ ଏହି ବର୍ଗରେ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି। ମହିଳା ଟିମ୍ ଟ୍ରାପ୍‌ରେ ରୌପ୍ୟ ଜିତିବା ପରେ କିନାନ୍ ଚେନାଇଙ୍କ ସହ ମିଶି ମିକ୍ସଡ୍ ଟିମ୍ ଟ୍ରାପ୍‌ରେ ସ୍ୱର୍ଣ୍ଣ ହାସଲ କରିଥିଲେ।

ଅସହାୟ ବିଧବାଙ୍କ ମୁଣ୍ଡ ଉପରେ ଛାତ ଚିନ୍ତା

ନାରାୟଣପାଟଣା, ୫/୧୦ (ଗିରିଧର ଖରା): ବାତ୍ୟା ଅର୍ଣ୍ଣବ୍‌ର ପ୍ରଭାବରେ ଭିଜି ଯାଇଥିବା ଘର କାନ୍ଥ ଶେଷରେ ଭୁଶୁଡ଼ି ପଡ଼ିଛି। ଏଭଳି ଘଟଣାରେ ନାରାୟଣପାଟଣା ବ୍ଲକ୍ ବିକ୍ରମପୁର ଗ୍ରାମର ୬୫ ବର୍ଷରୁ ଉର୍ଦ୍ଧ୍ୱର ବିଧବା ଚନ୍ଦ୍ରକଳା କୁଳଦୀପଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଯେଉଁ ବୟସରେ ମୁଣ୍ଡ ଗୁଞ୍ଜିବା ପାଇଁ ନିରାପଦ ଛାତ ତଳେ ଆଶ୍ରୟ ନେଇ ଜୀବନର ଶେଷ ସମୟଟି ଶାନ୍ତିରେ କାଟିବା କଥା, ସେହି ବୟସରେ ଘର ହରାଇ ଅସହାୟ ହୋଇପଡ଼ିଛନ୍ତି ସେ।ଗତ କିଛିଦିନ ତଳେ ବାତ୍ୟା ଅର୍ଣ୍ଣବ୍ ପ୍ରଭାବରେ ନାରାୟଣପାଟଣା ଅଞ୍ଚଳରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ରାସ୍ତାଘାଟ, ଘରଦ୍ୱାର ଓ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ପ୍ରଭାବ ବିକ୍ରମପୁର ଗ୍ରାମର ଚନ୍ଦ୍ରକଳାଙ୍କ ଘର ଉପରେ ମଧ ପଡ଼ିଥିଲା। ବର୍ଷାରେ ଘର କାନ୍ଥ ବତରିଯାଇ ଦୁର୍ବଳ ହୋଇପଡ଼ିଥିଲା। ଶେଷରେ ଆଜି ଏହା ଭୁଶୁଡ଼ି ପଡ଼ିଛି।ଘର କାନ୍ଥ ଭୁଶୁଡ଼ିଯିବା ପରେ ଚନ୍ଦ୍ରକଳାଙ୍କ ମୁଣ୍ଡ ଉପରେ ଏବେ ନିରାପଦ ଛାତର ଚିନ୍ତା। ଅସହାୟ ଅବସ୍ଥାରେ ଥିବା ଏହି ବିଧବାଙ୍କୁ ସରକାରୀ ଆବାସ ଯୋଜନାରେ ଘର ଯୋଗାଇଦେବା ସହ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ପ୍ରଶାସନ ଘଟଣାର ତଦନ୍ତ କରି ଚନ୍ଦ୍ରକଳାଙ୍କୁ ଆବାସ ଯୋଗାଇଦେବା ସହ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।



ଫୁଟବଲ ମ୍ୟାଚ୍ ପୂର୍ବରୁ କ୍ରିକେଟ୍ ଖେଳିଲା ଉରୁଗୁଏ ଦଳ



କୋଲକାତା, ୦୫/୧୦ :ଭାରତ ବିପକ୍ଷରେ ଅକ୍ଟୋବର ୬ରେ ହେବାକୁ ଥିବା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ପୂର୍ବରୁ କୋଲକାତା ସହର ବୁଲି ଦେଖିଛି ଉରୁଗୁଏ ଫୁଟବଲ ଟିମ୍। ଦୁଇଥରର ଫିଫା ବିଶ୍ୱକପ୍ ବିଜେତା ଏହି ଦଳ ସହରର କିଛି ପ୍ରସିଦ୍ଧ ସ୍ଥାନ ପରିଦର୍ଶନ କରିବା ସହ ଐତିହାସିକ ଇଡେନ୍ ଗାର୍ଡେନ୍ସରେ କ୍ରିକେଟ୍ ଖେଳିବାର ଆନନ୍ଦ ଉଠାଇଛି। ଲୁକାସ୍ ଟୋରେଇରା ଏବଂ ରୋନାଲ୍ଡ ଆରାଉହୋଙ୍କ ଭଳି ଖେଳାଳି ବ୍ୟାଟ୍ ଓ ବଲ୍ ଧରି କ୍ରିକେଟ୍‌ର ମଜା ନେଇଥିବା ଦେଖିବାକୁ ମିଳିଥିଲା। ସହରର ପରିବେଶକୁ ଉପଭୋଗ କରୁଛନ୍ତି ଖେଳାଳି। ତେବେ ଇଡେନ୍ ଗାର୍ଡେନ୍ସ ଷ୍ଟାଡିୟମ ସହ ଉରୁଗୁଏର ଫୁଟବଲ ଇତିହାସର ମଧ୍ୟ ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି। ୧୯୮୨ରେ ଆୟୋଜିତ ପ୍ରଥମ ନେହରୁ କପ୍ ସମୟରେ ଉରୁଗୁଏ ଦଳ ଇଡେନ୍ ଗାର୍ଡେନ୍ସରେ ଖେଳିଥିଲା। ସେହି ଟୁର୍ଣ୍ଣାମେଣ୍ଟରେ ଉରୁଗୁଏ ଚାମ୍ପିଅନ୍ ହୋଇଥିଲା। ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ପରେ ଉରୁଗୁଏ ପୁଣିଥରେ କୋଲକାତାକୁ ଫେରିଛି। ଏଥର ଅବଶ୍ୟ ଭାରତ ବିପକ୍ଷରେ ଫୁଟବଲ ମ୍ୟାଚ୍ ଖେଳିବା ପାଇଁ ଦଳ ଏଠାକୁ ଆସିଛି। ଉରୁଗୁଏ ଦଳର ଅଫିସିଆଲ୍ ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ଗସ୍ତର ଏକ ଭିଡିଓ ମଧ ପୋଷ୍ଟ କରାଯାଇଛି। ଭିଡିଓରେ ଖେଳାଳିମାନେ କୋଲକାତାର ବିଭିନ୍ନ ସ୍ଥାନ ବୁଲିବା ସହ ସହରର ପରିବେଶକୁ ଉପଭୋଗ କରୁଥିବା ଦେଖାଯାଇଛି।

୧୬ତମ ଚକ୍ରଧର ମେମୋରିଆଲ ଫୁଟବଲଖେଳ ଉଦ୍‌ଯାପିତ



ଚମ୍ପୁଆ :୫/୧୦(ରାମକୃଷ୍ଣ ଜିତ):-ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ମିନିଷ୍ଟାଡିୟମଠାରେ ୧୬ ତମ ଚକ୍ରଧର ମେମୋରିଆଲ ଫୁଟବଲ ଖେଳର ଉଦଯାପିତ ହୋଇଯାଇଛି । ୨୪ଗୋଟି ଦଳକୁ ନେଇ ଅନୁଷ୍ଠିତ ଏହି ଫୁଟବଲ ଖେଳରେ ମୁଖ୍ୟଅତିଥି ଭାବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଆନିଧ ବେହେରା, ସମ୍ମାନିତ ଅତିଥି ଭାବରେ ବିଧାୟକ ପ୍ରତିନିଧି ସଞ୍ଜିବ କୁମାର ବେହେରା, ଗଣେଶ୍ୱର ମହାନ୍ତ, ମହେନ୍ଦ୍ର କୁମାର ପଟ୍ଟନାୟକ, ସମାଜସେବୀ ହବି ଦାସ, ପୂର୍ବତନ ଫୁଟବଲ ଖେଳାଳି ସଞ୍ଜୟ ନାଏକ, ଚମ୍ପୁଆ ବ୍ଲକ ଅଧକ୍ଷ ସୁରେଶ ଚନ୍ଦ୍ର ନାଏକ, ଖେଳର ଆୟୋଜକ ତଥା ସମାଜସେବୀ ବବି ଦାସ, ଦୀପାରାଣୀ ମହାକୁଡ, ଆନନ୍ଦ କୁମାର ପାଣ୍ଡେ, ସ୍ଥାନୀୟ ସରପଞ୍ଚ ସନ୍ତୋଶ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ ପ୍ରତିଯୋଗୀତାର ଫାଇନାଲ ଖେଳ ପାଇଁ ବିବେଚିତ ହୋଇଥିବା ଦୁଇଦଳ ହେଲେ ମୁଣ୍ଡା ବ୍ରଦରସ ଏକାଦଶ ଓ ଫିଲଡ ମାଷ୍ଟର ଏକାଦଶ ଚଉଠିଆ । ଏହି ଦୁଇ ଦଳ ମଧରେ ଫାଇନାଲ ଖେଳ ସଂଘର୍ଷ ପୂର୍ଣ୍ଣ ହୋଇଥିଲା । ମୁଣ୍ଡା ବ୍ରଦରସ ଏକାଦଶ ଫିଲଡ ମାଷ୍ଟର ଏକାଦଶ ଚଉଠିଆକୁ ଖେଳର ପ୍ରଥମାର୍ଦ୍ଧରେ ୧-୦ ଗୋଲରେ ପରାସ୍ତ କରି ଚମ୍ପିଆନ ହୋଇଥିଲା । ଚମ୍ପିଆନ ଦଳ ମୁଣ୍ଡା ବ୍ରଦରସ ଏକାଦଶକୁ ମୁଖ୍ୟଅତିଥି ନଗଦ ରାଶି ୨ ଲକ୍ଷ ସହିତ ଟ୍ରଫି ଓ ରନର୍ସଅଫ ଦଳ ଫିଲଡ ମାଷ୍ଟର ଏକାଦଶ ଚଉଠିଆକୁ ୧ ଲକ୍ଷ ୫୦ ହଜାର ସହିତ ଟ୍ରଫି ଓ ତୃତୀୟ ଦଳ ଅନୁରାଗ ଏଫସି ଶୁଆକାଟି ଏକାଦଶକୁ ଏକ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳ ୩ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗୀତାକୁ ରୋହିଣୀ କ୍ଲବ ପରିଚାଳନା କରିଥିଲା । ଏଥିରେ ରେଫରୀ ଭାବରେ ଗଣପତି ମଣ୍ଡଳ, ଓ୍ୱାଲିଦ ସର୍ଦ୍ଦାର, ନବିନ କୁମାର, ନିତ୍ୟାନନ୍ଦ ମଣ୍ଡଳ, ଉଜ୍ୱଳ ନସ୍କାର, ଚୁନୁ ସିଂ ପ୍ରମୁଖ ପରିଚାଳନା କରିଥିଲେ । ଭାଷ୍ୟକାର ଭବେ ଭାଗିରଥି ପାତ୍ର ଓ ବୁଲବୁଲ ଆପଟ୍ଟ ସୁନ୍ଦର ଭାବରେ ଖେଳ ଧାରା ବିବରଣି ପ୍ରଦାନ କରି ଦର୍ଶକ ଦର୍ଶକାମାନଙ୍କ ମନ କିଣି ନେଇଥିଲେ । ସଭାପତି ସୁବ୍ରତ ଗିରି ଓ ସଂପାଦକ ବିବେକାନନ୍ଦ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା ।

ଅଲିମ୍ପିକ୍ସ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦିଅ: ଅଭିନବ ବିନ୍ଦ୍ରା



ନୂଆଦିଲ୍ଲୀ, ୦୫/୧୦ :ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତଙ୍କ ପ୍ରଦର୍ଶନକୁ ଅଭିନନ୍ଦନ ଜଣାଇବା ସହ ଦେଶର ହାଇ-ପରଫର୍ମାନ୍ସ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ତତ୍ପରତାର ସହ କାମ କରିବାକୁ ଆହ୍ୱାନ ଦେଇଛନ୍ତି ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ସୁଟର ଅଭିନବ ବିନ୍ଦ୍ରା। ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସକୁ ଆଉ ଦୁଇ ବର୍ଷରୁ କମ୍ ସମୟ ଥିବାରୁ ଏବେଠାରୁ ପ୍ରସ୍ତୁତିକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥର ଏସୀୟ କ୍ରୀଡ଼ାରେ ଅନେକ ଯୁବ ଖେଳାଳି ନିଜ ପ୍ରତିଭାର ପରିଚୟ ଦେଇଥିବା ବିନ୍ଦ୍ରା କହିଛନ୍ତି। ତେବେ କିଛି କ୍ଷେତ୍ରରେ ନିରାଶା ମଧ ରହିଛି। ଏହି ଅଭିଜ୍ଞତାରୁ ସଙ୍କୋଚ ଭାବେ ଶିଖି ଆଗକୁ ବଢ଼ିବା ଦରକାର ବୋଲି ସେ ମତ ଦେଇଛନ୍ତି। ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ବିନ୍ଦ୍ରା କହିଛନ୍ତି, ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଆଉ ଦୁଇ ବର୍ଷରୁ କମ୍ ସମୟ ରହିଛି। ଅଲିମ୍ପିକ୍ସ ପାଇଁ ଏହା ଆଦୌ ଦୀର୍ଘ ସମୟ ନୁହେଁ। ଯେଉଁ ଆଥଲେଟମାନେ ଅଲିମ୍ପିକ୍ସରେ ପଦକ ଜିତିବେ, ସେମାନେ ଏବେଠାରୁ ନିଜ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ତେଣୁ ଏସୀୟ କ୍ରୀଡ଼ାର ସଫଳତାକୁ ପାଳନ କରିବା ସହ ଯେଉଁଠି ତ୍ରୁଟି ରହିଛି ତାହାର ନିରପେକ୍ଷ ସମୀକ୍ଷା କରି ତୁରନ୍ତ ନୂଆ ଉତ୍ସାହ ଓ ଲକ୍ଷ୍ୟ ସହ କାମ ଆରମ୍ଭ କରିବାର ସମୟ ଆସିଛି।

୭୦ ତମ ବକ୍ସିଂ ଚମ୍ପିୟାନସିପ

ପାରଳାଖେମୁଣ୍ଡି, ୫/୧୦(ତାରିଣୀ ପ୍ରସାଦ ପଣ୍ଡା): ୭୦ ତମ ରାଜ୍ୟସ୍ତରୀୟ ବକ୍ସିଂ ଚମ୍ପିୟାନସିପ ୨୦୨୬-୨୭ ରେ ଗଜପତିର ବକ୍ସରମାନେ ଉତ୍ତମ ପ୍ରଦଶନ କରି ଉଲ୍ଲେଖନୀୟ ସଫଳତା ଯଥା ୪ ଗୋଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂଶ୍ୟ ପଦକରେ ଜିତି ଗଜପତି ଜିଲ୍ଲା ପାଇଁ ଗୌରବର କାରଣ ହୋଇପାରିଛନ୍ତି. ଏହି ବକ୍ସରମାନଙ୍କ ସଫଳତାକୁ ପ୍ରଶଂସା କରି ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଫୁଲ ତୋଡ଼ା ଦେଇ ସମ୍ମାନୀତ କରିଛନ୍ତି। ବ୍ରହ୍ମପୁରର ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ହୋଇଥିବା ରାଜ୍ୟ ବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଗଜପତି ଜିଲ୍ଲା ଚମ୍ପିୟାନ ହୋଇଛି। ଏହି ୧୪ ବର୍ଷରୁ କମ୍ ପ୍ରତିଯୋଗୀତାରେ ପାରଳାଖେମୁଣ୍ଡିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦିବ୍ୟ ବେଣିଆ (୪୮କିଲୋ) , ପିଏମଶ୍ରୀ ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟର ଆର୍.ରୋହିତ (୪୬କିଲୋ) , ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁରର ସାଗର ମଣ୍ଡଳ (୫୦କିଲୋ) , ଏସକେସିଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁରାଣ୍ଡିର ଚନ୍ଦନ ଗୟା (୫୪କିଲୋ) ଓ ଜଗନ ବେଣିଆ (୫୭କିଲୋ) , ପିଏମଶ୍ରୀ ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟର ଗଗନ ବେଣିଆ (୭୫ କିଲୋ) ବିଜୟ ହାସଲ କରିଛନ୍ତି। ଏହି ବିରଳ କୃତିତ୍ୱ ପାଇଁ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ, ବିନୋଦିନୀ କଲେଜର ଅଧକ୍ଷ ମନୋଜ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କ୍ରୀଡା ଦାୟିତ୍ୱରେ ଥିବା ସୁରେନ୍ଦ୍ର ପାତ୍ର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ସେମାନଙ୍କର ଏହି କୃତିତ୍ୱ ପାଇଁ ତାଲିମଦାତା ରାମକୃଷ୍ଣ ବେଣିଆ ଓ ମ୍ୟାନେଜର ଦିଲ୍ଲେଶ୍ୱର ଟୁନାଙ୍କୁ ମଧ ଶୁଭେଚ୍ଛା ଜଣାଇଛନ୍ତି।



କୃତିତ୍ୱ ହାସଲ କରିଥିବା ବକ୍ସରମାନେ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନୀତ

ନେରେଡି ବ୍ୟାରେଜ ଯୁଗ୍ମ ଅନୁଧାନ କମିଟିକୁ ଅଞ୍ଚଳବାସୀଙ୍କ ବିରୋଧ

ଅନୁଧାନ ନକରି ଫେରିଗଲେ ଆନ୍ଧ୍ର ଅଧିକାରୀ

ପାରଳାଖେମୁଣ୍ଡି ୦୫/୧୦ (ତାରିଣୀ ପ୍ରସାଦ ପଣ୍ଡା): ଆନ୍ଧ୍ରପ୍ରଦେଶର ସ୍ୱାର୍ଥ ପାଇଁ ପ୍ରସ୍ତାବିତ ନେରେଡି ବ୍ୟାରେଜ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆସିଥିବା ଯୁଗ୍ମ ଅନୁଧାନ କମିଟିକୁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ଯୋଗୁଁ ଅନୁଧାନ ନକରି ଆନ୍ଧ୍ରରୁ ଆସିଥିବା ସମସ୍ତ ଆନ୍ଧ୍ର ଅଧିକାରୀ ଫେରି ଯାଇଥିବା ସୂଚନା ମିଳିଛି. ବଂଶଧାରା ନଦୀରେଆନ୍ଧ୍ରପ୍ରଦେଶ ପକ୍ଷରୁ ପ୍ରସ୍ତାବିତ ନେରେଡି ବ୍ୟାରେଜ୍ ନିର୍ମାଣକୁ ନେଇ ପୁଣି ଗଜପତି ଜିଲ୍ଲାର କାଶୀନଗର ବ୍ଲକ ସୀମାବର୍ତ୍ତୀ ଅଞ୍ଚଳର ଚାଷୀ ଓ ଜନ ସାଧାରଣଙ୍କ ଠାରେ ପୁଣି ବିରୋଧ ତେଜିଛି। ଏହି ବ୍ୟାରେଜ୍ ନିର୍ମାଣସ୍ଥଳ ଅନୁଧାନ ପାଇଁ ଗତକାଲି ଅପରାହ୍ନରେ କାଶୀନଗର ବ୍ଲକର ବଂଶଧାରା ନଦୀ କୂଳରେ ଥିବା ଆନ୍ଧ୍ର -ଓଡ଼ିଶା ଯୁଗ୍ମ କମିଟିର ସମସ୍ତ ଅଧିକାରୀମାନଙ୍କୁ ଅଞ୍ଚଳବାସୀ ପ୍ରବେଶ କରାଇ ନ ଦେବାରୁ ସମସ୍ତ ଅଧିକାରୀ ସେଠାରୁ ଫେରିଯାଇଥିବା ଜଣାପଡ଼ିଛି। ଉଭୟ ଆନ୍ଧ୍ର ଓ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ଯୁଗ୍ମ ଅନୁଧାନକୁ ସ୍ଥାନୀୟ ଲୋକଙ୍କ ଏହି ତୀବ୍ର ବିରୋଧ ଆଗାମୀ ଦିନରେ କେଉଁ ରୂପ ଧାରଣ କରିବ ସେ ନେଇ ବିଭିନ୍ନ ଆଶଙ୍କା ପ୍ରକାଶ ପାଉଛି. ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅଞ୍ଚଳରେ ଗ୍ରାମସଭା ଓ ପଲ୍ଲୀସଭାର ମତାମତକୁ କୌଣସି ଭାବେ ଗୁରୁତ୍ୱ ଦିଆ ନ ଯାଇ କେବଳ ଆନ୍ଧ୍ରର ସ୍ୱାର୍ଥ ପାଇଁ ଏକତରଫା ଭାବେ ନେରେଡି ବ୍ୟାରେଜ ନିର୍ମାଣ ନିଷ୍ପତ୍ତି ଯୋଗୁଁ ଓଡ଼ିଶାର ଗଜପତି ଜିଲ୍ଲା ଚାଷୀଙ୍କ ବିଶେଷ କ୍ଷତି ହେବ ବୋଲି କାଶୀନଗର ଅଞ୍ଚଳବାସୀ ଅଭିଯୋଗ କରି କହିଛନ୍ତି ଏହି ନେରେଡି ବ୍ୟାରେଜ ପାଇଁ ଓଡିଶାର ୧୦୬ ଏକର ଚାଷ ଜମି ଅଧିଗ୍ରହଣ ପାଇଁ ଆନ୍ଧ୍ର ଷଡ଼ଯନ୍ତ୍ର କରିଛି. ଏହାଛଡା ଏହି ବ୍ୟାରେଜରେ ସଂରକ୍ଷିତ ଜଳ ଉପରେ ମଧ ଓଡିଶାର କାଶୀନଗର ଅଞ୍ଚଳର ଚାଷୀମାନଙ୍କ ସେପରି ଅଧିକାର ରହିବ ନାହିଁ. କେବଳ ଆନ୍ଧ୍ରର ସ୍ୱାର୍ଥ ଲାଗି କାଶୀନଗର ଅଞ୍ଚଳର ଚାଷୀଙ୍କ ବହୁ କ୍ଷତି ଘଟିବ.ତେଣୁ ଏହି ନେରେଡି ବ୍ୟାରେଜ ନିର୍ମାଣକୁ ବର୍ତ୍ତମାନ ଭଳି ଆଗାମୀ ଦିନରେ ମଧ ବିରୋଧ ଜାରି ରହିବ ବୋଲି କାଶୀନଗର ବ୍ଲକର ବଂଶଧାରା ନଦୀ ତଟର ଚାଷୀ ଏବଂ ଅଞ୍ଚଳବାସୀମାନେ ଏକତ୍ରିତ ଭାବେ ମତପୋଷଣ କରିଛନ୍ତି।



୬ ମାସରୁ ଉର୍ଦ୍ଧ୍ୱ ହେଲା ଡାକ୍ତରଙ୍କ ଦେଖାନାହିଁ

ଦୁର୍ଗାପଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବାକୁ ନେଇ ଅସନ୍ତୋଷ ଅଞ୍ଚଳବାସୀ



ଫୁଲବାଣୀ, ୦୫/୧୦: (ଅକ୍ଷର ଓଡିଶା)କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ଅନ୍ତର୍ଗତ ଦୁର୍ଗାପଙ୍ଗାଗ୍ରାମପଞ୍ଚାୟତରେ ଥିବା ଦୁର୍ଗାପଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୀର୍ଘଦିନ ଧରି ଡାକ୍ତର ଆସୁନଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରି ଛନ୍ତି ।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରାୟ ଦୁଇ ବର୍ଷ ପୂର୍ବେ ଏହି ସାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ନିୟମିତ ଆସୁଥିଲେ ଏବଂ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଉଥିଲେ। କେବଳ ଦୁର୍ଗାପଙ୍ଗା ପଞ୍ଚାୟତ ନୁହେଁ, ପଡ଼ୋଶୀ ରାୟଗଡ଼ା ଜିଲ୍ଲାର ତେଲେଙ୍ଗାପଦର ଗ୍ରାମପଞ୍ଚାୟତର ଲୋକମାନେ ମଧ ଏଠାକୁ ଚିକିତ୍ସା ପାଇଁ ଆସୁଥିଲେ ଏବଂ ଭଲ ସେବା ପାଉଥିବା କହିଛନ୍ତି।ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବର୍ତ୍ତମାନ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସୁନାହାନ୍ତି। ଫଳରେ ଅଞ୍ଚଳବାସୀ ଚିକିତ୍ସା ସେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି।ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ରୋଗୀମାନେ କେଉଁଠି ଯିବେ ବୋଲି ପ୍ରଶ୍ନ ଉଠିଛି। ଏନେଇ ସମ୍ପୃକ୍ତ ସ୍ୱାସ୍ଥ୍ୟ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଘଟଣାର ତଦନ୍ତ କରି ଶୀଘ୍ର ଡାକ୍ତରୀ ସେବା ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera